## ସଂକ୍ଷେପରେ

### ବ୍ଲକସ୍ତରୀୟ ନିଯୁକ୍ତି ମେଳା

ଲୋଇସିଂହା,୧୦।୧୨(ସୁଶାନ୍ତ ବାରିକ)

ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ବଲାଙ୍ଗୀର ଜଲା ପ୍ରଶାସନ ଆନୁକୂଲ୍ୟ ଏବଂ ଲୋଇସିଂହା ପଞ୍ଚାୟତ ସମିତି ସହଯୋଗରେ ଲୋଇସିଂହା ବ୍ଲକ ପରିସରରେ ନିଯୁକ୍ତିଭିତ୍ତିକ ତାଲିମ ଓ ବୈଷୟିକ ଶିକ୍ଷା ଗ୍ରହଣ ନିମନ୍ତେ ବ୍ଲକସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକର ୧ଶହ ବେକାର ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ମେଳାରେ ସରକାରୀ ଓ ବେସରକାରୀ ତାଲିମକାରୀ ସଂସ୍ଥା(ପିଆଇଏସ) ଯୋଗଦେଇଥିଲେ । ବିଭିନ୍ନ ଟ୍ରେଡରେ ସ୍ୱଳ୍ପ ମିଆଦି ପାଠ୍ୟକ୍ରମ ସୂଚୀରୁ ପ୍ରାର୍ଥୀମାନଙ୍କ ରୁଚି ଅନୁଯାୟୀ ତାଲିମ ଗ୍ରହଣ କରିପାରିବେ ଏବଂ ବିଭିନ୍ନ ବୈଷୟିକ ଶିକ୍ଷା ଆଇଆଇଟି, ଡିପ୍ଲୋମା ସମ୍ପର୍କରେ ପରାମର୍ଶ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବିଡିଓ ଯୁଧିଷ୍ଠିର ମେହେର, ବିପିଏମ ମଧୁସ୍ମିତା ବିଶ୍ୱାଳ ଏବଂ ଜିଲା ନିଯୋଜନ ଅଧିକାରୀ ଉପସ୍ଥିତ ଥିଲେ ।

### ଟିଟିଲାଗଡ଼ ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା

**ସୁବୋଧ ଦାଶ ସଭାପତି, ସତ୍ୟବ୍ରତ ପଣ୍ଡା ସମ୍ପାଦକ**

ଟିଟିଲାଗଡ,୧୦।୧୨(ଶରତ ମିଶ୍ର)

ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଟିଟିଲାଗଡ ବ୍ରାହ୍ମଣ ସମାଜର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଇନଜୀବୀ ସୁବୋଧ ଦାଶ ସଭାପତି, ରାମନାରାୟଣ ମିଶ୍ର ଉପସଭାପତି, ଆଇନଜୀବୀ ସତ୍ୟବ୍ରତ ପଣ୍ଡା ସମ୍ପାଦକ, ଶୁକଦେବ ଯୋଷୀ ସହସମ୍ପାଦକ ଏବଂ ରମାନାଥ ଖମାରୀ କୋଷାଧ୍ୟକ୍ଷଭାବେ ନିର୍ଦ୍ଵନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ରାଜେନ୍ଦ୍ର ନାରାୟଣ ମିଶ୍ର, ଚିନ୍ତାମଣି ମହାପାତ୍ର, ମୀନକେତନ ମିଶ୍ର, ଭକ୍ତପ୍ରସାଦ ପୁରୋହିତ, ବନମାଳୀ ଦାଶ ଓ ମାନସ ପାଣି କାର୍ଯ୍ୟକାରିଣୀ ସଦସ୍ୟ ଭାବେ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ବିଶ୍ୱରାମ ଠାକୁର, ରାଜୀବ ଲୋଚନ ପାଢ଼ୀ, ଜଗନ୍ନାଥ ପଣ୍ଡା, ଯୁଗଳ କିଶୋର ଷଡଙ୍ଗୀ, ସୁଶୀଲ ମିଶ୍ର, ଭକ୍ତପ୍ରସାଦ ପାଢ଼ୀ, ସେବକ ଚରଣ ଦାଶ, ବୃନ୍ଦାବନ ପଣ୍ଡା ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ରହିଛନ୍ତି। ଖୁବଶୀଘ୍ର ବ୍ରାହ୍ମଣ ସମାଜର ଏକ ସ୍ଥାୟୀ ଭବନ ନିର୍ମାଣ କରାଯିବ ବୋଲି ନବ ନିର୍ବାଚିତ ପଦାଧିକାରୀମାନେ କହିଛନ୍ତି।

### ଶିଶୁ ମନ୍ଦିରରେ କନ୍ୟା ଶିବିର

ଲୋଇସିଂହା,୧୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ସରସ୍ୱତୀ ଶିଶୁ ମନ୍ଦିରରେ କନ୍ୟା ଶିବିର ରବିବାର ଆନୁଷ୍ଠିତ ହୋଇଯାଇଛି। ଶିବିରକୁ ସଂକୁଳ ପ୍ରମୁଖ କମଳଲୋଚନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଅଚାର୍ଯ୍ୟ ଶିବପ୍ରସାଦ ବାରିକ ଅଧ୍ୟକ୍ଷତା କରି ଉଦ୍ଦେଶ୍ୟ କଥନ କରିଥିଲେ। ଏଥିରେ ଡା.ସୁଚରିତା ସାମଲ ଓ ଅଙ୍ଗନୱାଡି କର୍ମୀ ପଲ୍ଲବୀ ମିଶ୍ର ଯୋଗଦେଇଥିଲେ। ଡା .ସାମଲ ଓ ଅଙ୍ଗନୱାଡି କର୍ମୀ ମିଶ୍ର ଛାତ୍ରୀମାନଙ୍କ ଉତ୍ତମ ସ୍ୱାସ୍ଥ୍ୟ ସମ୍ପର୍କରେ ବିଭିନ୍ନ ପରାମର୍ଶ ଦେଇଥିଲେ। ଏହି ଉପଲକ୍ଷେ ଛାତ୍ରୀଙ୍କ ମଧ୍ୟରେ ମଣ୍ଡା ପିଠା ପ୍ରଦର୍ଶନୀ, ରଙ୍ଗୋଲି, ମେହେନ୍ଦି, ଝୋଟିଚିତା ଆଦି ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।

### ଜୀବନ ବୀମା ନିଗମ ଏସ୍‌ସି, ଏସ୍‌ଟି କଲ୍ୟାଣ ସମାବେଶ

ଟିଟିଲାଗଡ଼,୧୦।୧୨(ଶରତ ମିଶ୍ର)

ସମ୍ବଲପୁର ଜୀବନ ବୀମା ନିଗମ ମଣ୍ଡଳ ପକ୍ଷରୁ ୩୦ତମ ବାର୍ଷିକୀ ସମ୍ମିଳନୀ ସ୍ଥାନୀୟ ପୌର ପରିଷଦ ଅଭିମନ୍ୟୁ କଲ୍ୟାଣ ମଣ୍ଡପ ପରିସରରେ ଆରମ୍ଭ ହୋଇଛି। ସମ୍ମିଳନୀରେ ନିଗମର ଜାତୀୟ ସଭାପତି ଆନନ୍ଦ ଟପ୍ପୋ, ସମ୍ପାଦଜ ସି.ସିଦ୍ଧାର୍ଥନ, ପ୍ରଚାର ପ୍ରସାର ସମ୍ପାଦକ ମହେଶ ପ୍ରସାଦ, ଜୋନାଲ ସମ୍ପାଦକ ମନୋଜ କୁମାର, ମଣ୍ଡଳ ସଭାପତି ଦଶରଥ ମୁଣ୍ଡା, ସମ୍ପାଦକ ଅକ୍ଷୟ ଭୋଇ, ଜିଲା ଆଦିବାସୀ କଲ୍ୟାଣ ସଂଘ ସମ୍ପାଦକ ହେମେନ୍ଦ୍ର ହାଁସଦା, ଗରିବ ସେନା ସଭାପତି ଆଇନଜୀବୀ ବୀରେନ୍ଦ୍ର ବାଗ ମଞ୍ଚାସୀନ ଥିଲେ। ନିଗମର ଟିଟିଲାଗଡ ଶାଖା ଏସ୍‌ସି,ଏସ୍‌ଟି ସଭାପତି ମହେଶ ପାଣ୍ଡେ ଏବଂ ସମ୍ପାଦକ ସୁମନ ସୌରଭ ପରିଛା ସଭା ପରିଚାଳନା କରିଥିଲେ। ଏହି ଅଧିବେଶନରେ ଏସ୍‌ସିଏସ୍‌ଟି, ବୁଦ୍ଧିଷ୍ଟ କଲ୍ୟାଣ ସଂଘ ଏବଂ ସାମାଜିକ ପ୍ରଭାବ ଉପରେ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଟିଟିଲାଗଡ଼ ଜୀବନ ବୀମା ଶାଖାର ସମସ୍ତ ଅଧିକାରୀ କର୍ମଚାରୀ, ଏଜେଣ୍ଟ ସଂଘ ଉପସ୍ଥିତ ଥିଲେ। ରବିବାର ଦ୍ୱିତୀୟ ଦିବସରେ ବିଭାଗର ଅଧିକୃତ ବୈଠକ ଅନୁଷ୍ଠିତ ହୋଇଛି।

# ନାରୀ ଶିକ୍ଷିତ ହେଲେ ସମାଜରେ ପରିବର୍ତ୍ତନ ଆସିବ

**ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ**

ଦେଓଗାଁ,୧୦।୧୨(କୃଷ୍ଣପ୍ରସାଦ ପାଣିଗ୍ରାହୀ)



କାର୍ଯ୍ୟକ୍ରମରେ ବିଧାୟକ ନରସିଂହ ମିଶ୍ର କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରାମଚନ୍ଦ୍ରପୁର ଆଦିବାସୀ ହରିଜନ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଯୁକ୍ତ ୨ବିଜ୍ଞାନ କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷାର ବିକାଶ ବିନା ଅଞ୍ଚଳର ବିକାଶ ଅସମ୍ଭବ। ଉପାନ୍ତ ଅଞ୍ଚଳରେ ଥିବା ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକଶିତ କରିବା ପାଇଁ ଏହି କାର୍ଯ୍ୟକ୍ରମ ଏକ ସୁଯୋଗ ସୃଷ୍ଟି କରିଛି। ନାରୀ ଶିକ୍ଷିତ ହେଲେ ସମାଜରେ ବୈପ୍ଳବିକ ପରିବର୍ତ୍ତନ ଆସିବ ବୋଲି ବିଧାୟକ ମିଶ୍ର ବିଦ୍ୟାଥୀମାନଙ୍କୁ ପରାମର୍ଶ ଦେଇଥିଲେ। କ୍ରୀଡା ସହ ଶିକ୍ଷା କ୍ଷେତ୍ରରେ ମଧ ଛାତ୍ରୀମାନେ ନିଜକୁ ଶୃଙ୍ଖଳିତ ରଖି ଦାୟିତ୍ୱବାନ ହେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥିଭାବେ ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ଦାମୋଦର ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ପଦ୍ମିନୀ ମିଶ୍ର ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । କଲେଜ ଅଧକ୍ଷ ସୁଜୟ କୁମାର ମେହେର ବିବରଣୀ ପାଠ କରିଥିବାବେଳେ କାର୍ଯ୍ୟକ୍ରମକୁ ସୁନୀଲ କୁମାର ସାହୁ, ଦିବ୍ୟକିଶୋର ପଧାନ, ବିଶ୍ୱରଞ୍ଜନ ଦାସ ପରିଚାଳନା କରିଥିଲେ। ଅଧାପକ ସୁବଳ ନାଏକ ଧନ୍ୟବାଦ ଦେଇଥିଲେ ।

# ରୂପାନ୍ତରଣ କାମ ମନ୍ଥର

ଲୋଇସିଂହା,୧୦।୧୨(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହା ମହାବିଦ୍ୟାଳୟ ସ୍ନାତକ ଓ ଉଚ୍ଚ ମାଧମିକ ବିଭାଗରେ ରୂପାନ୍ତରଣ ପାଇଁ ରାଜ୍ୟ ସରକାର ୫-ଟିରେ ୫୦ଲକ୍ଷ ଲେଖାଏ ଅନୁଦାନ ଯୋଗାଇଛନ୍ତି। ଅନୁଦାନ ଅର୍ଥରେ ଏବେ କାମ ଚାଲିଛି । ଗତ ସେପ୍ଟେମ୍ବର ମାସରୁ ଉଚ୍ଚ ମାଧ୍ୟମିକ ବିଜ୍ଞାନ ବିଭାଗର ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନର ୩ଟି ଯାକ ଲ୍ୟାବର ପ୍ରଥମ ପର୍ଯ୍ୟାୟରେ ରୂପାନ୍ତରଣ କରାଯାଉଛି । ହେଲେ ଜଣେ ମାତ୍ର ରାଜମିସ୍ତ୍ରୀ ଓ ଶ୍ରମିକଙ୍କୁ ନେଇ କାମ କରାଯାଉଥିବାରୁ କାମ ଆଶାନୁରୂପ ଅଗ୍ରଗତି ହୋଇପାରୁନାହିଁ । ବିଭାଗୀୟ ଅଧିକାରୀ ଏବଂ ଠିକାଦାରଙ୍କ ଅବହେଳାରୁ ମନ୍ଥରଗତିରେ କାମ ଚାଲିଥିବା ନେଇ ନିକଟରେ କଲେଜ ପରିଦର୍ଶନରେ ଆସିଥିବା ଜିଲାପାଳ ଚଞ୍ଚଳ ରାଣାଙ୍କୁ କଲେଜ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲାପାଳ ଏଥିରେ ଅସନ୍ତୋଷ ପ୍ରକାଶ କରି ତ୍ୱରିତ କାମ କରିବାକୁ କହିଥିଲେ। ଏହାସତ୍ତ୍ୱେ ଜିଲାପାଳଙ୍କ ନିର୍ଦ୍ଦେଶକୁ ମଧ୍ୟ ବିଭାଗୀୟ ଅଧିକାରୀ ମଧ କାର୍ଯ୍ୟକାରୀ କରୁ ନ ଥିବା ଅଭିଯୋଗ ହେଉଛି । ୨୦୨୪ ଜାନୟାରୀ ୨ରୁ ୧୨ ପର୍ଯ୍ୟନ୍ତ ଉଚ୍ଚ ମାଧ୍ୟମିକ ବାର୍ଷିକ ପ୍ରାକ୍ଟିକାଲ ପରୀକ୍ଷା ଅନୁଷ୍ଠିତ ହେବ। ଅତିରିକ୍ତ ଶ୍ରେଣୀଗୃହ ନ ଥିବାରୁ କଲେଜ କର୍ତ୍ତୃପକ୍ଷ ଚିନ୍ତିତ ହୋଇ ପଡିଛନ୍ତି।

**ଲୋଇସିଂହା ମହାବିଦ୍ୟାଳୟ**

**■କଲେଜ ପରିସରରୁ ହଟିନି ୩୩କେଭି ବିଦ୍ୟୁତ୍ ତାର**

ଅପରପକ୍ଷେ ମହାବିଦ୍ୟାଳୟ ପରିସରର ଦେଇ ୩୩ କେଭି ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ତାର ଯାଇଛି। ମହାବିଦ୍ୟାଳୟରେ ୧ ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପ୍ରତି ମୁହୂର୍ତ୍ତରେ ବିପଦ ରହିଛି । ତେଣୁ ଗତ ଜୁଲାଇ ମାସରେ ଜିଲାପାଳ ଏବଂ ୫-ଟି ସଚିବଙ୍କ ଲୋଇସିଂହା ଗସ୍ତ ବେଳେ ବିଦ୍ୟୁତ୍ ତାର ହଟାଇବାକୁ ନେଇ କଲେଜ କର୍ତ୍ତୃପକ୍ଷ ଦୃଷ୍ଟି ଆକର୍ଷଣ କରିଥିଲେ। ଇତିମଧ୍ୟରେ ୫ ମାସ ବିତି ଯାଇଥିଲେ ସୁଦ୍ଧା ବିଦ୍ୟୁତ୍ ବିଭାଗ ବିଦ୍ୟୁତ୍ ତାର ସ୍ଥାନାନ୍ତରଣ ଦିଗରେ ପଦକ୍ଷେପ ନେଇନାହିଁ। ଏଥିପ୍ରତି ଜିଲାପାଳ ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ର ଓ ସାଧାରଣରେ ଦାବି ହେଉଛି।

# ଦୁଇଗୁଣା ଦରରେ ବିକ୍ରି ହେଉଛି ଦେଶୀ ମଦପାଉଚ୍

ଲୋଇସିଂହା,୧୦।୧୨(ସୁଶାନ୍ତ ବାରିକ)

**ଆୟକର ଚଢ଼ାଉ ପ୍ରଭାବ**



ବଲାଙ୍ଗୀର ସୁଦପଡା ଏବଂ ଟିଟିଲାଗଡ ମଦଭାଟିରେ ଆୟକର ବିଭାଗ ଚଢାଉ କରି କୋଟିକୋଟି ଟଙ୍କା ଜବତ କରିଛି। ଚଢାଉ ରବିବାର ପଞ୍ଚମ ଦିନରେ ପହଞ୍ଚିଛି। ଏହାର ପ୍ରଭାବରେ ଲୋଇସିଂହା ଥାନା ଅଧୀନ ଥିବା ଲାଇସେନ୍ସପ୍ରାପ୍ତ ଦେଶୀ ମଦଭାଟି ଏକପ୍ରକାର ବନ୍ଦ ହୋଇଯାଇଛି। ଆଉ ଭାଟିରେ ମଦ ମିଳୁନାହିଁ। ଗ୍ରାମାଞ୍ଚଳର କୁଚିଆମାନେ ଆଗୁଆ ଭାଟିରୁ ମଦ ନେଇ ସଂରକ୍ଷିତ ରଖି ବିକ୍ରି କରୁଛନ୍ତି। ଗ୍ରାହକମାନେ ଦୁଇଗୁଣା ଦର ଦେଇ କିଣି ପିଉଥିବା ଜଣାପଡିଛି। ଆୟକର ବିଭାଗ ପକ୍ଷରୁ ବଲାଙ୍ଗୀର ମୁଖ୍ୟ ମଦଭାଟିରେ ଚଢାଉ କରାଯାଇଥିଲା । ଫଳରେ ମଦ ପ୍ରସ୍ତୁତ ହେଉଥିବା ଭାଟିରୁ ଜିଲାର ଶାଖା ଭାଟିଗୁଡିକୁ ଯୋଗାଣ ବନ୍ଦ ହୋଇଯାଇଛି। ଶାଖା ଭାଟିଗୁଡିକରେ ଆଉ ମଦ ମିଳୁନି । ରବିବାରରୁ ଲୋଇସିଂହା ଥାନା ଅନ୍ତର୍ଗତ ବୁର୍ଡା ଲାଇସେନ୍ସପ୍ରାପ୍ତ ଦେଶୀ ଭାଟିରେ ତାଲା ଝୁଲୁଛି। ସେହିପରି ଖଲିଆପାଲି ସମେତ ବିଭିନ୍ନ ଭାଟିରେ ଆଉ ମଦ ମିଳୁନି। ଯୋଗାଣ ବନ୍ଦ ହୋଇଯାଇଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଆୟକର ଚଢାଉ ହେବାପରେ ମଦ ସଙ୍କଟ ଆଭାସ ପାଇ ଗ୍ରାମାଞ୍ଚଳ କୁଚିଆ ଶାଖା ଭାଟିରୁ ଆଗୁଆ ଅଧିକ ପରିମାଣର ମଦ ନେଇଯାଇଛନ୍ତି। ସେହି ମଦକୁ ଏବେ ଦୁଇଗଣ ଅଧିକ ଦରରେ ବିକ୍ରି କରୁଛନ୍ତି। ଭାଟିରେ ଗୋଟିଏ ପାଉଚକୁ ୩୫ଟଙ୍କାରେ ମିଳେ। ତାହାକୁ କଚିଆ ପୂର୍ବରୁ ୪୦ ଟଙ୍କାରେ ଗ୍ରାମାଞ୍ଚଳରେ ବିକ୍ରି କରୁଥିଲେ। ଏବେ ସେହି ୩୫ ଟଙ୍କାର ପାଉଚ ୭୦ ଟଙ୍କା ବା ତତୁର୍ଦ୍ଧ୍ୱ ବିକ୍ରି ହେଉଛି । ବେଆଇନ ଭାବେ ଏବଂ ଚଢାଦରରେ ମଦ ବିକ୍ରି ହେଉଥିଲେ ସୁଦ୍ଧା ସ୍ଥାନୀୟ ଅବକାରୀ ଓ ପୋଲିସ ନୀରବଦ୍ରଷ୍ଟା ସାଜିଛନ୍ତି। ସ୍ଥାନୀୟ ଅବକାରୀ ଇନ୍ସପେକ୍ଟର ଜଗନ୍ନାଥ ମିଶ୍ରଙ୍କୁ ତାଙ୍କ ମୋବାଇଲ ନଂରେ ଯୋଗଯୋଗ କରାଯାଇଥିଲା। ରିଙ୍ଗ ହେବା ସତ୍ତ୍ୱେ ସେ ରିସିଭ ନ କରିବାରୁ ପ୍ରତିକ୍ରିୟା ମିଳି ପାରିନାହିଁ।

# ଖଡ଼ିଆଳରେ ରାଷ୍ଟ୍ରୀୟ ଲୋକ ଅଦାଲତ



ଖଡ଼ିଆଳ,୧୦।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳ କୋର୍ଟ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ତାଲୁକସ୍ତରୀୟ ଆଇନ ସେବା ପ୍ରାଧିକରଣ ଅଧକ୍ଷ ସିନିୟର ଡିଭିଜନ ସିଭିଲ ଜଜ୍ ସୁଶ୍ରୀ ଚିନ୍ମୟୀ ଜେନା ଅଧକ୍ଷତାରେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଶ୍ରୀ ରୀତି ତ୍ରିପାଠୀ, ଭାରତୀୟ ଷ୍ଟେଟ ବ୍ୟାଙ୍କ ମୁଖ୍ୟ ଶାଖାର ମୁଖ୍ୟ ପରିଚାଳକ ଦେବୀ ପ୍ରସାଦ ମିଶ୍ର, ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଜାଦ ଚୌକର ଭାରପ୍ରାପ୍ତ ଶାଖା ପରିଚାଳକ ନରୋତ୍ତମ ନିଆଲଙ୍କ ସମେତ ଖଡ଼ିଆଳ ବ୍ୟାଙ୍କ ଅଫ ଇଣ୍ଡିଆ, ୟୁନିୟନ ବ୍ୟାଙ୍କ ଏବଂ ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ଖଡ଼ିଆଳ ଏବଂ ବରଗାଁ ଶାଖା ର ଅଧିକାରୀ ଉପସ୍ଥିତ ଥିଲେ। ଲୋକ ଅଦାଲତରେ ସିଭିଲ ଜଜ୍ ସିନିୟର ଡିଭିଜନ ଅଦାଲତ ୮ଟି ସିଭିଲ କେଶ ଫଇସଲା କରାଯାଇ ଜରିମାନା ବାବଦକୁ ୧୯ ଲକ୍ଷ ୮୮ ହଜାର ଏକ ଶହ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ୨ଟି ଫୌଜଦାରୀ ଏବଂ ଗୋଟିଏ ସିଭିଲ କେଶ ଫଇସଲା କରାଯାଇ ଜରିମାନା ବାବଦକୁ ୪୫ ହଜାର ଟଙ୍କା ଆଦାୟ ହୋଇଥିଲା । ସେହିପରି ଭାରତୀୟ ଷ୍ଟେଟ ବ୍ୟାଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଋଣ ଖିଲାପକାରିମାନଙ୍କଠାରୁ ୨ ଲକ୍ଷ ୭୪ ହଜାର ୫୦୦ ଟଙ୍କା ଆଦାୟ କରାଯାଇଥିଲା। ଲୋକ ଅଦାଲତ ସରକାରୀ ଓକିଲ ଆଦିତ୍ୟ ମହାପାତ୍ର, ଭାରତୀୟ ଷ୍ଟେଟ ବ୍ୟାଙ୍କ ଓକିଲ ବିରଜା ସିଂ ଦଳପତି, ଆଇନଜୀବୀ ଦିନେଶ ତିୱାରୀ, ସତ୍ୟ ନାରାୟଣ ଦାଶ, ରାମ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ଫୁଟବଲ: ପ୍ରେମା କ୍ଲବ ଚୂଡ଼ାପାଲି ଚାମ୍ପିୟନ

ମୁରିବାହାଲ, ୧୦।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଗୁଡିଘାଟ ଖେଳପଡିଆରେ ଚାଲିଥିବା ମା' ବାସ୍ରେନ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଡେବିରିପାଲି ଦଳକୁ ୨-୦ଗୋଲରେ ହରାଇ ପ୍ରେମାକ୍ଲବ ଚୂଡ଼ାପାଲି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାନ ମୁଖ୍ୟ ଅତିଥି, ସମ୍ମାନୀତ ଅତିଥି ଭାବେ ବଲାଙ୍ଗୀର ଜିଲା ପରିଷଦ ଉପାଧକ୍ଷା ମିଥିଲା ମାଝି, ଗୁଡିଘାଟ ପାକ୍ସ ସଭାପତି ଶେଷଦେବ ସାହା, ସୁବ୍ରତ କୁମାର ମହାକୁର, ଉପସଭାପତି କେଦାର ବଡ଼ଜେନା, ମୁରିବାହାଲ କୃଷକ ସଂଘ ସଭାପତି ଗିରିଧାରୀ ସାହୁ ଓ ନୀଳକଣ୍ଠ ବାଗ ଯୋଗଦେଇଥିଲେ। ରେଫରୀ ଭାବେ ଗଣେଶ ଭୋଇ, ମକରନ୍ଦ ମାଝି, ବଡ ଭୋଇ ଖେଳ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟର ସଫଳ ସମାପନରେ ବାସ୍ରେନ ଫୁଟବଲ କମିଟି ସଭାପତି ପ୍ରଶାନ୍ତ ସାହୁ, ସମ୍ପାଦକ ମୁକୁନ୍ଦ ବଗର୍ତ୍ତି, ନିପେଶ କୁମାର ବିଶି, ସୌରବ ସିଂ ମାଝି ପ୍ରମୁଖ ସହଯୋଗ କରିଥିଲେ।

# ମଦ ବନ୍ଦ ପାଇଁ ଥାନା ଘେରିଲେ ମହିଳା


ମଦ ବନ୍ଦ ଦାବିରେ ଦେଓଗାଁ ଥାନା ସମ୍ମୁଖରେ ମହିଳାମାନେ।

ଦେଓଗାଁ,୧୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଗାଇବାହାଲ ଗ୍ରାମରେ ମଦର ଅବାଧ କାରବାର ଚାଲିଛି। ମଦ ବନ୍ଦ ପାଇଁ ବିଭିନ୍ନ ସମୟରେ ପୋଲିସ ଓ ଅବକାରୀ ବିଭାଗ ନିକଟରେ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିଲା ନାହିଁ। ଶେଷରେ ଅନ୍ୟନୋପାୟ ହୋଇ ଶତାଧିକ ମହିଳା ରବିବାର ଗାଁରେ ମଦ ବନ୍ଦ ପାଇଁ ଦେଓଗାଁ ଥାନା ଘେରାଉ କରିଥିଲେ। ସେମାନେ ଅଭିଯୋଗ କରିଥିଲେ ଯେ, ଗାଁରେ ବେଆଇନ ଭାବେ ମଦ ବିକ୍ରି ଚାଲୁଥିବାରୁ ପ୍ରତିଦିନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଏହାର ପ୍ରଭାବ କୋମଳମତି ପିଲାଙ୍କ ଉପରେ ପଡୁଛି। ଝିଅବୋହୂ ରାସ୍ତାରେ ଯିବା ଆସିବା କରିବାକୁ ଭୟ କରୁଛନ୍ତି। ମଦ ବନ୍ଦ ଦିଗରେ ପୋଲିସ ତ୍ୱରିତ ପଦକ୍ଷେପ ନେବାର ପ୍ରତିଶ୍ରୁତି ଦେବାପରେ ମହିଳାମାନେ ଆନ୍ଦୋଳନରୁ ଓହରିଥିଲେ। ପ୍ରକାଶ ଯେ, ମହିଳାମାନେ ପୂର୍ବରୁ ଏକାଠି ହୋଇ ଗାଁରେ ସଭାଯାତ୍ରା କରି ବେଆଇନ ମଦ ବିକ୍ରି କରୁଥିବା ବ୍ୟକ୍ତିଙ୍କୁ କାରବାର ବନ୍ଦ କରିବାପାଇଁ ଚେତାବନୀ ଦେଇଥିଲେ। ସେମାନଙ୍କ ଚେତାବନୀ ସତ୍ତ୍ୱେ ମଦ କାରବାର ବନ୍ଦ ହୋଇ ନ ଥିଲା।

# ବ୍ରାହ୍ମଣୀ ପାହାଡ଼ ଟ୍ରଷ୍ଟବୋର୍ଡର ନୂତନ କର୍ମକର୍ତ୍ତା


ସ୍ୱାମୀ ମୁରଲୀଧର ନନ୍ଦଙ୍କ ସହ ବ୍ରାହ୍ମଣୀ ପାହାଡ଼ ଟ୍ରଷ୍ଟବୋର୍ଡର ସଭାପତି ଓ ସଦସ୍ୟମାନେ।

ମୁରିବାହାଲ,୧୦।୧୨(ଶ୍ରୀବତ୍ସ ବେହେରା)

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ମାଲିସିରା ଗ୍ରାମ ପଞ୍ଚାୟତର ଖରାଲି ଗ୍ରାମ ନିକଟ ସିଦ୍ଧିକ୍ଷେତ୍ର ବ୍ରାହ୍ମଣୀ ପାହାଡ଼ରେ ଥିବା ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ ଓ ନୂତନ କର୍ମକର୍ତ୍ତା ଚୟନ ହୋଇଯାଇଛି। ରବିବାର ଟ୍ରଷ୍ଟ ମୁଖ୍ୟ ଉପଦେଷ୍ଟା ସ୍ୱାମୀ ମୂରଲୀଧର ନନ୍ଦଙ୍କ ସଭାପତିତ୍ୱରେ ପ୍ରଥମେ ଟ୍ରଷ୍ଟର ବାର୍ଷିକ ଉତ୍ସବ ପାଳିତ ହୋଇଥିଲା। ଓଡ଼ିଶା ସରକାରବ୍ରାହ୍ମଣୀ ପାହାଡକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇଁ ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥିବାରୁ ଟ୍ରଷ ତରଫରୁ ଏହି ଅବସରରେ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଆଗାମୀ ଦିନରେ ଉକ୍ତ ମନ୍ଦିର ଓ ପାରିପାର୍ଶ୍ୱିକ ଅଞ୍ଚଳକୁ କିପରି ବିକାଶ କରାଯାଇ ପାରିବ ସେ ଉପରେ ବିଶଦ ଆଲୋଚନା କରାଯାଇଥିଲା। ପରେ ଆସନ୍ତା ୩ ବର୍ଷ ପାଇଁ ଚାରିଟେବୁଲ ଟ୍ରଷ୍ଟ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତିଭାବେ ପୂର୍ବତନ ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହଂସରାଜ ଜୈନଙ୍କୁ ମନୋନୀତ କରାଯାଇଥିଲା। ସ୍ଥାୟୀ ସଦସ୍ୟଭାବେ ବୁଦ୍ଧଦେବ ମହାକୁର, ମାଲିସିରା ସରପଞ୍ଚ ଦେବରାଜ ପାତ୍ର, ମହିଳା ସଭ୍ୟ ତପସ୍ୱିନୀ ପଧାନ, ପତରଙ୍ଗୀ ମାଝି, ସଭ୍ୟ ସାଇମଲ ନାଗ, ଭବେଶ ରତେଇ, ଦୁଲାମଣି ବାଗ, ଇନ୍ଦ୍ରମଣୀ ପଧାନ, ପୁଲସ୍ତି ବେହେରା, ସବ୍ୟସାଚୀ ବେହେରା, କ୍ଷିତିପତି ମହାକୁର, ବିଜୟ ମାଝିଙ୍କୁ ଟ୍ରଷ୍ଟରେ ସାମିଲ କରାଯାଇଥିଲା। ପରେ ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ସମାଜର ବିକାଶ ପାଇଁ ସଚେତନତା କାର୍ଯ୍ୟକ୍ରମ

ଦେଓଗାଁ,୧୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ରତନପୁର ରିଲାଏନ୍ସ ଫାଉଣ୍ଡେସନ ମଣ୍ଡପରେ ଗୋଁଣ୍ଡ ସମାଜ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମାଜର ବ୍ଲକ ସଭାପତି ସୁରଥ ଧରୁଆଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା ରାଜ୍ୟ ଉପସଭାପତି ବିନୋଦ ବିହାରୀ ମଲ୍ଲିକ, ସମ୍ମାନୀତ ଅତିଥି ଜିଲା ଉପସଭାପତି ମହେନ୍ଦ୍ର ମଲ୍ଲିକ, ଜିଏସୟୁ ସଂଗଠନର ଉପଦେଷ୍ଟା ଶୁଶିଲ କୁମାର ଧରୁଆ, ସଭ୍ୟ ଦାଶରଥି ଭୋଇ ପ୍ରମୁଖ ଯୋଗଦେଇ ସମାଜର ସାମାଜିକ ଉନ୍ନତି ଓ ସୁଦୃଢ ସଂଗଠନ ଦିଗରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମକୁ ଜିଏସୟୁର ସଭ୍ୟ ଟିକେଲାଲ ଧରୁଆ ପରିଚାଳନା କରିଥିବାବେଳେ ରୁପାଧର ପୁଟା ଧନ୍ୟବାଦ ଅର୍ପଣ କରିଥିଲେ। ଏ ଅବସରରେ ରତନପୁର ଜିଏସୟୁ ସଂଗଠନ ତରଫରୁ ଅସହାୟ ବୃଦ୍ଧାଙ୍କୁ କମଳ ବଣ୍ଟନ କରାଯାଇଥିଲା।


ଅସହାୟ ବୃଦ୍ଧାଙ୍କୁ କମଳ ପ୍ରଦାନ କରାଯାଉଛି।

# ଅଂଶ ଗ୍ରହଣ କଲେ ୩୪୦ ଛାତ୍ରୀଛାତ୍ର

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ସତ୍ୟ ସାଇ ବିଦ୍ୟା ମନ୍ଦିରରେ ରବିବାର ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ରାଜ୍ୟ ଶିଶୁ କଲ୍ୟାଣ ପରିଷଦ ଓ କଳାହାଣ୍ଡି ଜିଲା ପ୍ରଶାସନ ପକ୍ଷରୁ ଏହାକୁ ଜିଲାସ୍ତରରେ ଆୟୋଜନ କରିବାରେ ସହଯୋଗ କରିଥିଲା ଜିଲା ଶିଶୁ ସୁରକ୍ଷା ବିଭାଗ। ପ୍ରତିଯୋଗୀତାରେ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ, ଶିଶୁ ଯତ୍ନ ଅନୁଷ୍ଠାନ, ସ୍ୱତନ୍ତ୍ର ସ୍କୁଲର ସାଧାରଣ ବର୍ଗ ଓ ଦିବ୍ୟାଙ୍ଗବର୍ଗର ୩୪୦ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରିଥିଲେ। ଏଥିରେ ସାଧାରଣ ବର୍ଗରେ ୩୨୧ ଓ ଦିବ୍ୟାଙ୍ଗ ବର୍ଗରେ ୧୯ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଅନୁଷ୍ଠିତ ସମାରୋହରେ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ସମାଜ କଲ୍ୟାଣ ଅଧିକାରୀ ଦୁଲାଲ ସେନାପତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋଜ ବେହେରା,


ଅତିଥିଙ୍କ ଗହଣରେ ରାଜ୍ୟସ୍ତରରେ ପୁରସ୍କୃତ ହେବାକୁ ଥିବା କୃତୀ ଛାତ୍ରୀଛାତ୍ର।

**ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା**

କିଶୋର ନ୍ୟାୟ ବୋର୍ଡ ସଦସ୍ୟା ଭବାନୀ ପଟ୍ଟନାୟକ, ଶିଶୁ ମଙ୍ଗଳ ସମିତିର ସଦସ୍ୟ ସଞ୍ଜୟ କୁମାର, ସତ୍ୟସାଇ ବିଦ୍ୟାମନ୍ଦିର ଅଧକ୍ଷ ଡ.ଉମେଶ ଚନ୍ଦ୍ର ଶତପଥି ଓ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳନ୍ଦ୍ର କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ପ୍ରତ୍ୟେକ ବର୍ଗରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗୀତାରେ ପୁରସ୍କୃତ କରାଯିବ ବୋଲି ଜଣାପଡିଛି। ସେହିପରି ଜିଲାସ୍ତରରେ କୃତୀ ପ୍ରତିଯୋଗୀଙ୍କୁ ମଧ ସେଠାରେ ପୁରସ୍କୃତ କରାଯିବ। ପ୍ରତିଯୋଗୀତାରେ ବିଚାରକ ଭାବେ ମୁକୁନ୍ଦ ରେଣ୍ଡୀ, ତରୁଣ ମହାପାତ୍ର ଓ ସଂଗ୍ରାମ କେଶରୀ ସରାଫ ଦାୟିତ୍ୱ ତୁଲାଇଥିଲେ। ଜିଲା ଶିଶୁ ସୁରକ୍ଷା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟକର୍ତ୍ତା ପରିଚାଳନା କରିଥିଲେ।

## ସଂକ୍ଷେପରେ

### ଲରମ୍ଭା କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ସରଣ୍ଡା,୧୦।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଅତାବିରା ବ୍ଲକ ଲରମ୍ଭା କଲେଜ ଏବଂ ସମନ୍ୱିତ ଯୁବ ବିକାଶ ଆନୁକୂଲ୍ୟରେ ଦୁଇଦିନ ଧରି ହୋଇଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଡଃ ପ୍ରଭାସ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଗୋଡଭଗା ସ୍ଥିତ ମା' ସମଲେଇ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ପଡିଆକୁ ପ୍ରବେଶ କରିବା ପରେ କଲେଜ ଅଧକ୍ଷ ଡଃ ପ୍ରମୋଦ କୁମାର ଭୋଇ ସ୍ୱାଗତ ଭାଷଣ ଦେଇ ଖେଳ ଆରମ୍ଭ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସମ୍ବଲପୁରର ଉପସଚିବ ଡଃ ମହେନ୍ଦ୍ର ପ୍ରସାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରୀ ତଥା ବିଶିଷ୍ଟ କ୍ରୀଡ଼ା ପ୍ରବୀଣା କଳ୍ପନା ଚାନ୍ଦଙ୍କୁ ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ସମ୍ମାନ ଦିଆଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ତରଞ୍ଜନ ଛନ୍ଦ, ଅଶ୍ୱିନୀ କୁମାର ପ୍ରଧାନ, ବିନୟ କୁମାର ନାୟକ, ଶୁସିଲ ମହାକୁର, ସୁନୀଲ ସିଂ, ହରିଶ ପାତ୍ର ଖେଳ ପରିଚାଳନା କରିଥିଲେ। ପ୍ରାଧ୍ୟାପକ ଅଶୋକ କୁମାର ମହାନ୍ତି, ଡଃ ଦିଗମ୍ବର ଚାନ୍ଦ, ପବିତ୍ର ମାହାଣା, ସିଦ୍ଧେଶ୍ୱର ପ୍ରଧାନ, ସରୋଜ କୁମାର ନାୟକ ସହଯୋଗ କରିଥିଲେ। ଅଧ୍ୟାପିକା ପାୟଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଗନିଆପାଲି କଲେଜରେ ନୂଆ ଓଡ଼ିଶା ଯୁବ ଓଡ଼ିଶା ଉଦ୍‌ଘାଟିତ

ପଦ୍ମପୁର,୧୦।୧୨ (ପ୍ରଦୀପ୍ତ ଦାଶ)

ପଦ୍ମପୁର ଉପଖଣ୍ଡ ଗନିଆପାଲି ଗୌତମ ବୁଦ୍ଧ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରବିବାର ନୂଆ ଓଡ଼ିଶା ଯୁବ ଓଡ଼ିଶା କାର୍ଯ୍ୟକ୍ରମ ଉଦ୍‌ଘାଟିତ ହାଇଯାଇଛି। ଉଦଘାଟନୀ ସଭାରେ ଅଧକ୍ଷ ସଞ୍ଜୟ କୁମାର ସିୟ ସଭାପତିତ୍ୱ କରିଥିଲେ। ହସ୍ତତନ୍ତ, ବୟନ ଶିଳ୍ପ ମନ୍ତ୍ରୀ ରୀତା ସାହୁ ମୁଖ୍ୟ ଅତିଥି, ବ୍ଲକ ଅଧକ୍ଷ ପ୍ରଣୟ ସାହୁ, ସରପଞ୍ଚ ପୁଷ୍ପାଞ୍ଜଳି ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଯୁବ ଛାତ୍ରମାନଙ୍କ ପ୍ରତିଭାକୁ ପ୍ରୋତ୍ସାହିତ କରିବା ପାଇଁ ସରକାରଙ୍କ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ନୋଡାଲ ଅଫିସର ଲଳିତ ଭୋଇ, ଅଶୋକ ପଟେଲ, ଗିରିଜା ଦିଶ୍ରି, ଶେଷଦେବ ସା, ଧରିତ୍ରୀ ପ୍ରଧାନ, କଲ୍ୟାଣୀ ଆନନ୍ଦ, ପ୍ରଦୀପ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ମାନବ ଅଧିକାର ଦିବସ ପାଳନ




ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରବିବାର ସ୍ଥାନୀୟ ନିଶାମଣି ହାଇସ୍କୁଲ ପରିସରରେ ମାନବ ଅଧିକାର ଦିବସ ପାଳିତ ହୋଇଛି। ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବିଭୁ କଲ୍ୟାଣ ପାଢ଼ୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ପ୍ରାଧିକରଣ ସଚିବ ପାଢ଼ୀ ଏବଂ ପ୍ୟାନେଲ ଓକିଲ କିରଣ କୁମାର ମିଶ୍ର ମାନବ ଜାତିର ଅଧିକାର ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା ହୋଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରୀଛାତ୍ର, ଶିକ୍ଷକ, ଜିଲା ଆଇନସେବା ପ୍ରାଧିକରଣର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶିକ୍ଷକ ମନୋହର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତା ରୋକିଲେ ଚାଷୀ

### ଫସଲ କ୍ଷୟକ୍ଷତି ଆବେଦନ ତାରିଖ ବୃଦ୍ଧି ପାଇଁ ଦାବି

ସୋହେଲା,୧୦।୧୨
(ଅଶ୍ୱିନୀ କୁମାର ପାତ୍ର)



ଚାଷୀମାନେ ସୋହେଲା ମୁଖ୍ୟ ଛକରେ ରାସ୍ତା ଅବରୋଧ କରିଛନ୍ତି।

ଲଗାଣ ବର୍ଷା ଯୋଗୁ ସୋହେଲା ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଏହାର କ୍ଷୟକ୍ଷତି ଆକଳନ କରି ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ କୃଷି ଏବଂ ରାଜସ୍ୱ ବିଭାଗ ନିକଟରେ ଦାବି ଜଣାଇଥିଲେ। ଏ ସମ୍ପର୍କରେ ବୀମା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯାଇଥିଲା। ଏହାସହିତ ଏକ ପୋର୍ଟାଲ ମାଧ୍ୟମରେ ମଧ୍ୟ କ୍ଷୟକ୍ଷତି ପାଇଁ ଆବେଦନ କରାଯାଇପାରିବ ବୋଲି ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ସେହିପରି ଚାଷୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଫର୍ମରେ ଅଫ୍‌ଲାଇନ ଆବେଦନ ପାଇଁ ମଧ୍ୟ କୁହାଯାଇଥିଲା। କିନ୍ତୁ ଉକ୍ତ ସମସ୍ତ ପ୍ରକାର ଆବେଦନ ମାତ୍ର ୭୨ ଘଣ୍ଟା ଅର୍ଥାତ୍ ୧୦ ତାରିଖ ରବିବାର ୧୨ଟା ପର୍ଯ୍ୟନ୍ତ ଥିଲା। ଏହି ସ୍ୱଳ୍ପ ସମୟ ଅବଧି ମଧ୍ୟରେ ସମସ୍ତ ଚାଷୀ ଆବେଦନ କରିପାରିବା ସମ୍ଭବ ନ ଥିଲା। ତେଣୁ କୃଷକ ବିକାଶ ମଞ୍ଚ ନେତୃତ୍ୱରେ ବହୁ ଚାଷୀ ଆବେଦନ ଅବଧି ଏକ ସପ୍ତାହ ବଢାଇବା ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ତହସିଲଦାର କିମ୍ବା କୃଷି ବିଭାଗ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଚାଷୀମାନେ ରବିବାର ସୋହେଲା ମୁଖ୍ୟ ଛକ ରାସ୍ତାକୁ ଅପରାହ୍ନ ୧ଟାରେ ଅବରୋଧ କରିଥିଲେ। ଫଳରେ ରାୟପୁର-ସମ୍ବଲପୁର ଜାତୀୟ ରାଜପଥ ତଥା ସୋହେଲା-ନୂଆପଡା ବିଜୁ ଏକ୍ସପ୍ରେସ ୱେରେ ଶହ ଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଥାନାଧିକାରୀ ପ୍ରଣୟ ମୁର୍ମୁ, ସୋହେଲା ତହସିଲଦାର ହରି ଓମ୍ ଭୋଇ, ବ୍ଲକ କୃଷି ଅଧିକାରୀ ମିତାଞ୍ଜଳି ବିଶି ପ୍ରମୁଖ ଆନ୍ଦୋଳନସ୍ଥଳକୁ ଆସି ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ ସେଠାକୁ ଆସି ପ୍ରଶାସନ ସହ ଆଲୋଚନା କରି ଆବେଦନ ଗ୍ରହଣ କରିବା ବ୍ୟବସ୍ଥା କରିବାରୁ ସନ୍ଧ୍ୟା ସାଢେ ୬ଟାରେ ରାସ୍ତା ଅବରୋଧ ହଟିଥିଲା।

## ବରଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ



ଲୋକ ଅଦାଲତରେ ବିଚାରପତି ମାମଲା ପରିଚାଳନା କରୁଛନ୍ତି।

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ସମସ୍ତ ପ୍ରକାର ବିଚାରାଧୀନ ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲାର ଆପୋସ ସମାଧାନ କରାଯାଇଥିଲା। ଏଥିରେ ୫୨୩୧ ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୫୧୨୦ ବିଚାରାଧୀନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବ୍ୟାଙ୍କ, ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ଉକ୍ତ ମୋକଦ୍ଦମାଗୁଡ଼ିକ ମଧ୍ୟରୁ ୮୪ ପ୍ରାକ୍ ଏବଂ ୨୭୨୫ ବିଚାରାଧୀନ ମୋକଦ୍ଦମା ମାମଲାର ବିଚାର ହୋଇଥିଲା। ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୩୧ଲକ୍ଷ ୧୩ହଜାର ୪୨ଟଙ୍କା ଏବଂ ବିଚାରାଧୀନ ମୋକଦ୍ଦମା ମାମଲା ବାବଦକୁ ୧କୋଟି ୮ଲକ୍ଷ ୮୭ହଜାର ୮୨୮ ଟଙ୍କା ଆଦାୟ ହୋଇଥିଲା। ଜିଲା ଦୌରାଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷା ଲୁନା ମହାନ୍ତି ଓ ସଚିବ ବିଭୂକଲ୍ୟାଣ ପାଢୀ ଏହାକୁ ସଂଯୋଜନା କରିଥିଲେ। ପାରିବାରିକ ଅଦାଲତ ବିଚାରପତି ସୁଶାନ୍ତ କୁମାର ପଟେଲ, ଅତିରିକ୍ତ ଜିଲା ବିଚାରପତି ସଂଘମିତ୍ରା ଶର୍ମା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସିଦ୍ଧାର୍ଥ ସାହୁ, ରେଜିଷ୍ଟ୍ରାର (ସିଭିଲ କୋର୍ଟ) କମଳାକାନ୍ତ ରାଉତ, ବରିଷ୍ଠ ଦେୱାନୀ ବିଚାରପତି ଋତୁପର୍ଣ୍ଣା ମିଶ୍ର, ବର୍ଷା ଶର୍ମା, ପ୍ରଜ୍ଞା ଲଳିତ ମିଶ୍ର, ଦେୱାନୀ ବିଚାରପତି ସୋନାଲି ମହାନ୍ତି, ଉପଖଣ୍ଡୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସବ୍ୟସାଚୀ ପ୍ରଧାନ ପ୍ରମୁଖ ବିଭିନ୍ନ ଅଦାଲତ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ, ଜିଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ, ପୋଲିସ ଅଧିକାରୀ, ଆଇନସେବା ପ୍ରାଧିକରଣ ଏବଂ କୋର୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଜାତୀୟସ୍ତରକୁ ପ୍ରକଳ୍ପ ମନୋନୀତ

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ସିବିଏସ୍‌ଇ ଆନୁକୂଲ୍ୟରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ସ୍କୁଲରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ବରଗଡ଼ କ୍ରୀଷ୍ଣା ବିକାଶ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଦକ୍ଷେଶ ମିଶ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଫ୍ଲୁଇଡ୍ ଡାଇନାମିକ୍ସ ଉପରେ ତାଙ୍କ ପ୍ରକଳ୍ପ ଉଚ୍ଚକୋଟୀର ବିବେଚିତ ହୋଇ ଜାତୀୟସ୍ତର ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। କ୍ରୀଷ୍ଣା ବିକାଶର ବିଜ୍ଞାନ ଶିକ୍ଷକ ବିନିତ ଦୋରା, ଅମିତ କୁମାର ସାହୁଙ୍କ ମାର୍ଗଦର୍ଶନରେ ସେ ବିଦ୍ୟାଳୟ ପାଇଁ ଏହି ଗୌରବ ଆଣିଛନ୍ତି। ବରଗଡ଼ କ୍ରୀଷ୍ଣା ବିକାଶର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସେ ଏହି ସଫଳତା ପାଇଛନ୍ତି। କ୍ରୀଷ୍ଣା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଣା କୃତୀ ଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଟାଇକୋଣ୍ଡୋରେ ବରଗଡ଼ର ସଫଳତା

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ଉତ୍ତରାଖଣ୍ଡ ଡେରାଡୁନରେ ଅନୁଷ୍ଠିତ ଟାଇକୋଣ୍ଡୋ ପ୍ରତିଯୋଗିତାରେ ବରଗଡ଼ ଜିଲାର ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟର ୫୩ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିବା ବେଳେ ବରଗଡ଼ ଜିଲାର ୩ ପ୍ରତିଯୋଗୀ ରହିଥିଲେ। ସେମାନଙ୍କ ମଧ୍ୟରୁ ପ୍ରିୟା ବେହେରା ରୌପ୍ୟ ପଦକ ଏବଂ ଓଁଶ୍ରୀତା ରଥ କାଂସ୍ୟ ପଦକ ହାସଲ କରିଛନ୍ତି ବୋଲି ଜିଲା ଟାଇକୋଣ୍ଡୋ ଆସୋସିଏଶନ ସଭାପତି ନବ କିଶୋର ପାଣିଗ୍ରାହୀ ସୂଚନା ଦେଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆସୋସିଏଶନର ଜିଲା ସଭାପତି ପାଣିଗ୍ରାହୀଙ୍କ ସମେତ ଜିଲା ସମ୍ପାଦକ ବିଜୟ କୁମାର ଭୋଇ, ଆଶୁତୋଷ ରଥ, ଶ୍ରୀୟା ମିଶ୍ର, ରାଜଶ୍ରୀ ବଗର୍ତ୍ତି, ରିଙ୍କୁ ବଗର୍ତ୍ତି, ନରେଶ ଠାକୁର ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

## ବାଲ୍ୟ ବିବାହ ନିରାକରଣକୁ ଗୁରୁତ୍ୱ

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧ୍ୟକ୍ଷ, ଅନ୍ୟମାନେ।

ରାଜ୍ୟ ସରକାରଙ୍କ ପରିଚାଳିତ ନୂଆ ଓଡ଼ିଶା ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ରୂପାୟନ କ୍ରମରେ ଶନିବାର ବରଗଡ଼ ଟ୍ରଷ୍ଟ ଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଲ୍ୟ ବିବାହ ଏବଂ ବାଳିକା ଶିକ୍ଷା ଉପରେ ଏକ ସଚେତନତା ସଭା ହୋଇଥିଲା। ଅଧ୍ୟକ୍ଷ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ଏବଂ ନୋଡ଼ାଲ ଅଫିସର ସଞ୍ଜୀବ କୁମାର ବହିଦାର ସଭା ପରିଚାଳନା କରିଥିଲେ। ତରୁଣସେନ ପୃଷେଠ ଯୋଗଦେଇ ବାଲ୍ୟ ବିବାହ ସମସ୍ୟା ଓ ଏହାର ଦୂରୀକରଣ ଏବଂ ବାଳିକା ଶିକ୍ଷା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ଉପସ୍ଥିତ ଥିଲେ।

## ସ୍କାଉଟ୍, ଗାଇଡ୍ ରାଜ୍ୟ ପୁରସ୍କାର ପରୀକ୍ଷା

ଅତାବିରା,୧୦।୧୨(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରା ନୋଡ଼ାଲ ହାଇସ୍କୁଲରେ ଜିଲାସ୍ତରୀୟ ସ୍କାଉଟ୍, ଗାଇଡ୍ ରାଜ୍ୟ ପୁରସ୍କାର ପରୀକ୍ଷା ଅନୁଷ୍ଠିତ ହୋଇଛି। ରାଜ୍ୟ ଭାରତ ସ୍କାଉଟ୍, ଗାଇଡ୍ ମୁଖ୍ୟ କମିଶନର ଡଃ କାଳୀପ୍ରସାଦ ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଜିଲା ସ୍କାଉଟ୍, ଗାଇଡ୍ କମିଶନର ମିତ୍ରଭାନୁ କଚ୍ଛପଙ୍କ ତତ୍ତ୍ୱାବଧାନରେ ଏହା ହୋଇଥିଲା। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋଜ ହରପାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ରାଜ୍ୟ ସ୍କାଉଟ୍, ଗାଇଡ୍ ମୁଖ୍ୟ କାର୍ଯ୍ୟାଳୟର ଅନିଲ କୁମାର ପ୍ରଧାନ ପରୀକ୍ଷକ ଭାବେ ଯୋଗଦାନ କରିଥିଲେ। ଉକ୍ତ ପରୀକ୍ଷାରେ ଜିଲାର ୧୫୧ ସ୍କାଉଟ୍ ଏବଂ ୯୦ ଗାଇଡ୍ ପରୀକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ସ୍କାଉଟ୍ ମାଷ୍ଟର ଲବ ସାହୁ, ଜିଲା ସ୍କାଉଟ ସଙ୍ଗଠକ ମନୋଜ ସାହୁ, ଜିଲା ସ୍କାଉଟ ତାଲିମଦାତା ସୁଦର୍ଶନ ମହାକୁର, ଜିଲା ଗାଇଡ୍ ତାଲିମ କମିଶନର ଅନସୂୟା ଦେବତା, ଗାଇଡ୍ ସଙ୍ଗଠିକା କୌଶଲ୍ୟା ସାହୁ, ଗାଇଡ୍ କ୍ୟାପଟେନ ବିଜୁଳିବତୀ ଦଲେଇ, ଅବସରପ୍ରାପ୍ତ ସ୍କାଉଟ୍ ମାଷ୍ଟର କିଶୋର ଚନ୍ଦ୍ର ପ୍ରଧାନ ପ୍ରମୁଖ ପରୀକ୍ଷା ପରିଚାଳନା କରିଥିଲେ।



ସ୍କାଉଟ୍, ଗାଇଡ୍ ରାଜ୍ୟ ପୁରସ୍କାର ପରୀକ୍ଷାରେ ତତ୍ତ୍ୱାବଧାରକବୃନ୍ଦ।

## ବାର୍ଷିକ ଖେଳ ପ୍ରତିଯୋଗିତା ଆରମ୍ଭ

ବରପାଲି,୧୦।୧୨(ଚିତ୍ତରଞ୍ଜନ ସାହୁ)

ଜଗବନ୍ଧୁ ଦାସ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟଠାରେ ନୂଆ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଅଧକ୍ଷ ପ୍ରଦୀପ କୁମାର ମେହେରଙ୍କ ଅଧକ୍ଷତାରେ ବାର୍ଷିକ କ୍ରୀଡା ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି। କ୍ରୀଡ଼ା ଶିକ୍ଷୟିତ୍ରୀ ବନ୍ଦିତା ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୟନ ଶିଳ୍ପ ଓ ହସ୍ତତନ୍ତ ବିଭାଗ ମନ୍ତ୍ରୀ ରୀତା ସାହୁ ସମ୍ମାନିତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ। ରବିବାର ପ୍ରଥମ ଦିନ ୧୦୦ମି. ଦୌଡ, ୨୦୦ମି. ଦୌଡ଼, ସାଇକେଲ ସ୍ଲୋ, ଲମ୍ବଡିଆଁ ଏବଂ ଉଚ୍ଚଡିଆଁ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶେଷରେ ସୁଧାଂଶୁ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସୁରେଶ ବାରିକ, ସୁନିଲ କୁମାର ବେହେରା, ରବିନ୍ଦ୍ର ସାହୁ, ମିନତି ବାବୁ, ନିବେଦିତା ବେହେରା, ଅନ୍ତର୍ଯାମୀ ପଣ୍ଡା, ସୁରେନ୍ଦ୍ର ଦୀପ, ନିରଜ ସାହୁ, ପ୍ରଦୀପ ମିଶ୍ର, ପ୍ରକାଶ ନନ୍ଦ, ଆନନ୍ଦ ବେହେରା, କାଲୁ କୁମ୍ଭାର ପ୍ରମୁଖ ସହଯୋଗ କରିଥିଲେ।

## ପୁସ୍ତକ ଶତାବ୍ଦୀ ସ୍ମରଣେ ଉନ୍ମୋଚିତ




ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମରେ ଜିଲାପାଳ ଓ ଅନ୍ୟମାନେ।

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜର୍ଜ ହାଇସ୍କୁଲ ଐତିହାସିକ ପୃଷ୍ଠଭୂମି ଉପରେ ଆଧାରିତ 'ଶତାବ୍ଦୀ ସ୍ମରଣେ' ପୁସ୍ତକ ଉନ୍ମୋଚିତ ହୋଇଛି। ଆଭାସୀ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରମୁଖ ସଚିବ ଡଃ ପି. କେ. ମିଶ୍ର ଏହାକୁ ଉନ୍ମୋଚନ କରିଛନ୍ତି। ଏହି ଅବସରରେ ବରଗଡ଼ ଜିଲାପାଳଙ୍କ ଅଫିସ ଏନ୍‌ଆଇସି ଆଭାସୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ମୋନିଷା ବାନାର୍ଜୀ ଯୋଗଦେଇ ଜର୍ଜ ହାଇସ୍କୁଲର ଶତାବ୍ଦୀ ଯାତ୍ରା ଉପରେ ଆଲୋକପାତ କରିଥିଲେ। ଆଭାସୀ କାର୍ଯ୍ୟକ୍ରମକୁ ଦିଲ୍ଲୀରୁ ଇଂ. ମାନସ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ଅତିରିକ୍ତ ଜିଲାପାଳ ଲଲାଟ କୁମାର ଲୁହା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଜର୍ଜ ହାଇସ୍କୁଲର ପୁରାତନ ଛାତ୍ର ସୁରେନ୍ଦ୍ର ହୋତା, ନନ୍ଦକିଶୋର ମିଶ୍ର, ନଳ ଭୋଇ, ଯୁଗଳ ପ୍ରସାଦ ସିଂ, ଶଙ୍କର୍ଷଣ ମିଶ୍ର, ଡଃ ମାଧବ ସାହୁ, ଶିରିଶ ବଲ୍ଲଭ ମିଶ୍ର, ସୁବଳ କର, ପ୍ରହଲ୍ଲାଦ ଦୋରା, ଶ୍ୟାମସୁନ୍ଦର ଅଗ୍ରୱାଲ, ପୂର୍ଣ୍ଣଚନ୍ଦ୍ର ଦାଶ, ରତନଲାଲ ଅଗ୍ରୱାଲ, ମନୋରଞ୍ଜନ ମେହେର, ବିମଳକୃଷ୍ଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅତାବିରାରେ ଆପ୍‌ର ବୈଠକ

ଅତାବିରା,୧୦।୧୨(ହୃଷୀକେଶ ଖମାରୀ)

ବରଗଡ଼ ଜିଲା ଅତାବିରାରେ ଶନିବାର ଆମ୍ ଆଦ୍‌ମୀ ପାର୍ଟି (ଆପ୍)ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତାବିରା ନିର୍ବାଚନ ମଣ୍ଡଳୀ ଅଧୀନ ଅତାବିରା, ଭେଡ଼େନ ବ୍ଲକର ୫୦ରୁ ଊର୍ଦ୍ଧ୍ୱ ଦଳୀୟ କାର୍ଯ୍ୟକର୍ତ୍ତା ଯୋଗ ଦେଇ ସଦସ୍ୟତା ଅଭିଯାନ ତୀବ୍ର କରିବାକୁ ନିଷ୍ପତ୍ତି ନେଇଥିଲେ। ଜୟକ୍ରିଷ୍ଣା ଛୁରିଆ, ଯଦୁମଣି ପ୍ରଧାନ, ସୂର୍ଯ୍ୟ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅମିତାଭ ପାତ୍ର, ଅବିନାଶ ବାଗ ଉଦ୍‌ବୋଧନ ଦେଇଥିଲେ।

## ରାଧାକୃଷ୍ଣ ମନ୍ଦିର ନିର୍ମାଣ ପ୍ରସ୍ତୁତି



ବୈଠକରେ ଯୋଗ ଦେଇଥିବା ସଂକୀର୍ତ୍ତନ ପରିଷଦର ସଭ୍ୟବୃନ୍ଦ।

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ସଂକୀର୍ତ୍ତନ ପରିଷଦ ଆଗାମୀ ଦିନରେ ବରଗଡ଼ ସହରରେ ଏକ ଭବ୍ୟ ରାଧାକୃଷ୍ଣ ମନ୍ଦିର ନିର୍ମାଣ ପାଇଁ ଉଦ୍ୟମ ଆରମ୍ଭ କରିଛି। ଏହି କ୍ରମରେ ଶନିବାର ନିଗମାନନ୍ଦ ବିହାର କଲ୍ୟାଣ ମଣ୍ଡପରେ ଏକ ବୈଠକ ହୋଇଥିଲା। ପରିଷଦର କାର୍ଯ୍ୟକାରୀ ସଭାପତି ପ୍ରମୋଦ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଜୟଦେବ ପଣ୍ଡା ମାସିକ ବିବରଣୀ ଉପସ୍ଥାପନ କରିଥିଲେ। ସଂକୀର୍ତ୍ତନ ଗୁରୁ ସୁଶିଲ ଦାଶ, ନୀଳ ଦେବତା, ଅରୁଣ ପାତ୍ର, ନିଗମାନନ୍ଦ ବିହାର ଉନ୍ନୟନ କମିଟି ସମ୍ପାଦକ ଟିକେଲାଲ ନାଏକ, ରଜକ ସେବା ସମିତି ଜିଲା ଅଧ୍ୟକ୍ଷ ଅର୍ଜୁନ ସେଟ, ପ୍ରଦୀପ ସାହୁ, ରାମଚନ୍ଦ୍ର ସାହୁ, ପଞ୍ଚାନନ ବାଗ, ଲଳିତ ମୋହନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ବରପାଲି,୧୦।୧୨(ଚିତ୍ତରଞ୍ଜନ ସାହୁ)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ବରଗଡ ଜିଲା ବରପାଲିର ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଆଞ୍ଜେଲିକା-୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଛାତ୍ରୀ ଆଦିଶ୍ରୀ ବେହେରା ଓ ଶ୍ରଦ୍ଧା ସୁମନଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଛାତ୍ର ସଂସଦର ପ୍ରିଫେକ୍ଟ ଆଶିଷ ମଟାରୀ ସ୍ୱାଗତ ଅଭିଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ମୁଣ୍ଡ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଓ ଉପାଧକ୍ଷ ସୁଶୀଲ କୁମାର ରଥ ମଞ୍ଚାସୀନ ଥିଲେ। ପରିଚାଳନା ନିର୍ଦ୍ଦେଶିକା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ରହି ଗୁରୁଜନଙ୍କୁ ଭକ୍ତି କରିବାରେ ଏକ ଉତ୍ତମ ଦେଶ ଗଠନ କରାଯାଇପାରିବ ବୋଲି ପରାମର୍ଶ ଦେଇଥିଲେ। ଏହାପରେ ଶିକ୍ଷୟିତ୍ରୀ ନମିତା ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ସହ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ କ୍ରିଷ୍ଣା ନାୟକ, ସିବିଏସ୍‌ଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ତେଜସ୍ୱୀ ବେହେରା, ଅଳକା ମେମୋରିଆଲ ଆୱାର୍ଡ ପାଇଁ ଆରାଧ୍ୟା ଅପୂର୍ବା ବଘାର, ଡା. ଡି ଏନ୍. ମୁଣ୍ଡ ମେମୋରିଆଲ ଆୱାର୍ଡ ପାଇଁ ସାହିଲ ଦାଶ, ବ୍ରେଭେରି ଆୱାର୍ଡ ପାଇଁ ପିୟୁଷ ଅବସ୍ତୀଙ୍କୁ ପୁରସ୍କୃତ କରାଯାଇଥିଲା। କଳ୍ପନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଇମେରୀ ଇନଚାର୍ଜ ସଚଳା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିମଳା ଅନାଥାଶ୍ରମର ଅନ୍ତେବାସୀ ଉପସ୍ଥିତ ଥିଲେ। ଶିକ୍ଷକ ପଦ୍ମଲୋଚନ ଦାଶ, ଗୋପାଳ ନାଗ, ପ୍ରକାଶ ମହାନନ୍ଦ, ସରୋଜ ଥନାପତି ଓ ଶିକ୍ଷୟିତ୍ରୀ ସୀମାରାଣୀ ବେହେରା, ତୃଷ୍ଣାମୟୀ ଦଣ୍ଡସେନାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଲୁଟେରାଙ୍କ ଟାର୍ଗେଟରେ ମୋବାଇଲ୍ ଦୋକାନ

ରାଉରକେଲା,୧୦।୧୨(ସଙ୍ଗୀତା ଜେନା)

ରାଉରକେଲାର ବିଭିନ୍ନ ଅଞ୍ଚଳରେ ମୋବାଇଲ ଚୋର ଗ୍ୟାଙ୍ଗ ମାତିଛନ୍ତି। ଗତ ଏକ ମାସ ମଧ୍ୟରେ ସହରର ୪ରୁ ଊର୍ଦ୍ଧ୍ୱ ମୋବାଇଲ ଆଉଟଲେଟ୍‌ରୁ ସେମାନେ ଚୋରି କରିଛନ୍ତି। ପୋଲିସ ଅନୁସନ୍ଧାନୀ କୁକୁର, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ତଦନ୍ତ କରିଥିଲେ ମଧ୍ୟ ଦୁର୍ବୃତ୍ତଙ୍କୁ ଠାବ କରିବାରେ ବିଫଳ ହୋଇଛି। ଏହି ଘଟଣାରେ ଆନ୍ତଃରାଜ୍ୟ ଗ୍ୟାଙ୍ଗ ସମ୍ପୃକ୍ତ ଥିବା ଆଲୋଚନା ହେଉଛି। ସୂଚନାଯୋଗ୍ୟ, କିଛିଦିନ ତଳେ ରାଉରକେଲା ପୋଲିସ ଜିଲା ଅଧୀନ ନୂଆଗାଁ ଅଞ୍ଚଳର ଏକ ମୋବାଇଲ ଦୋକାନରେ ସନ୍ଧ୍ୟା ସମୟରେ ଦୁର୍ବୃତ୍ତମାନେ ପଶି ବନ୍ଧୁକ ମୁନରେ ଟଙ୍କା ଓ ମୋବାଇଲ ଲୁଟ୍ କରିନେଇଥିଲେ। ସେହିପରି ଝିରପାଣି ମେନ୍‌ରୋଡ୍‌ର ପ୍ରତିଷ୍ଠିତ ବ୍ୟବସାୟୀ ତଥା ଫୋନ୍‌ଜୋନ୍ ମୋବାଇଲ ଆଉଟଲେଟ୍‌ର ମାଲିକ ଚନ୍ଦନ ଝାଙ୍କ ଦୋକାନରୁ ୯୦ରୁ ଊର୍ଦ୍ଧ୍ୱ ଦାମୀ ମୋବାଇଲ ଚୋରି ହୋଇଥିଲା। ଯାହାର ବଜାର ଦର ୨୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ରାଶି ବୋଲି କୁହାଯାଉଛି। ସେହିପରି ଆମ୍ବାଗାନ ଅଞ୍ଚଳରେ ମୋବାଇଲ ଦୋକାନ ଭାଙ୍ଗିବାକୁ ଉଦ୍ୟମ ହୋଇଥିଲା। ଅନ୍ୟ ଏକ ଘଟଣାକ୍ରମରେ ଗତ ଶୁକ୍ରବାର ବିଳମ୍ବିତ ରାତିରେ ସାରନଗରୀ ଟିପ୍‌ଟାଇପ୍ ଅଞ୍ଚଳରେ ମାନସ ମୋବାଇଲ୍ ଦୋକାନରୁ କେହି ଦୁର୍ବୃତ୍ତ ଆଜବେଷ୍ଟସ ଭାଙ୍ଗି ଲକ୍ଷାଧିକ ଟଙ୍କାର ମୋବାଇଲ ଚୋରି କରିନେଇଥିଲେ। ଏହିସବୁ ଘଟଣାର ତଦନ୍ତ କରାଯାଉଛି ଓ ଖୁବ୍‌ଶୀଘ୍ର ଅଭିଯୁକ୍ତମାନେ ଧରାପଡ଼ିବେ ବୋଲି ପୋଲିସ କହିଛି।

### ଯୁବକଙ୍କୁ ଅପହରଣ କରି ୫୦ ହଜାର ମାଗୁଥିଲେ, ମାଡ଼ିବସିଲେ ବସ୍ତିବାସୀ

ରାଉରକେଲା, ୧୦।୧୨(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ରେହମତ୍‌ନଗର ଅଞ୍ଚଳର ଜଣେ ଯୁବକଙ୍କୁ ଅପହରଣ କରି ମୁଣ୍ଡ ଜାମିନ ବାବଦ ୫୦ ହଜାର ଟଙ୍କା ଦାବି କରିବା ଅଭିଯୋଗରେ ପୋଲିସ ଜଣେ ଦୁର୍ବୃତ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଗୋପବନ୍ଧୁପାଲିର ଏମ୍‌ଡି. ଅଖତାର। ତାଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପ୍ଲାଣ୍ଟସାଇଟ୍ ଥାନାରେ ଏକ ମାମଲା (ନଂ.୪୨୦/୨୩) ରୁଜୁ ହୋଇଛି। ସୂଚନା ଅନୁସାରେ, ଶନିବାର ରେହମତ୍ ନଗରରେ ରହୁଥିବା ଶେଖ୍ ଅଗତୁଲ୍ଲା (୨୯) ଟିମ୍ବର କଲୋନୀ ଯାଉଥିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ଆର୍‌ଏସ୍‌ପି ଷ୍ଟକ୍ ୟାର୍ଡ ନିକଟରେ ଅଟକାଇ ମୋବାଇଲ ଓ ଟଙ୍କା ମାଗିଥିଲେ। ଏପରିକି ସେମାନେ ଅଗତୁଲ୍ଲାଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏହାପରେ ସେମାନେ ଉକ୍ତ ଯୁବକଙ୍କ ପରିବାର ଲୋକଙ୍କୁ ଅଗତୁଲ୍ଲାଙ୍କ ମୁଣ୍ଡ ଜାମିନ ବାବଦ ୫୦ ହଜାର ଟଙ୍କା ମାଗିଥିଲେ। ତେବେ ବସ୍ତିବାସୀ ଯୋଜନାବଦ୍ଧ ଭାବେ ଟଙ୍କା ଦେବା ବାହାନା କରି ଦୁର୍ବୃତ୍ତମାନଙ୍କ ମଧ୍ୟରୁ ଅଖତରଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ।


ରାଉରକେଲା ମ୍ୟୁଜିକ ସର୍କଲର ୨୮ତମ ବିଜୟା ଉତ୍ସବରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରୁଛନ୍ତି।

# ଓଡ଼ିଶାର ସଂସ୍କୃତିକୁ ମହାନ୍ କରିଛି ଶ୍ରୀଜଗନ୍ନାଥ ପରମ୍ପରା

## ମ୍ୟୁଜିକ ସର୍କଲର ବିଜୟା ଉତ୍ସବ ପାଳିତ

ରାଉରକେଲା,୧୦।୧୨(ଦିନେଶ ମିଶ୍ର)

ରାଉରକେଲା ମ୍ୟୁଜିକ ସର୍କଲର ୨୮ତମ ବିଜୟା ଉତ୍ସବ-୨୦୨୩ ମେହେର ଭବନ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଇଞ୍ଜିନିୟର ଅଭୟ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେଟିଚ୍ ହସ୍ପିଟାଲର ଅସ୍ଥି ବିଶେଷଜ୍ଞ ଡାକ୍ତର ଉତ୍ତମ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଶ୍ରୀଜଗନ୍ନାଥଙ୍କ ପରମ୍ପରା ଓଡ଼ିଶାର ସଂସ୍କୃତିକୁ ମହାନ କରିଛି ବୋଲି ସେ ମତପ୍ରକାଶ କରିଥିଲେ। ଇଞ୍ଜିନିୟର ପ୍ରତାପ କୁମାର ରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ନୃତ୍ୟ ସଙ୍ଗୀତର ମହନୀୟତା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଅନୁଷ୍ଠାନର ଉପଦେଷ୍ଟା ତଥା ହୃଷୀକେଶ ରାୟ ମହାବିଦ୍ୟାଳୟର ଅଧ୍ୟକ୍ଷ ଭବେଶ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ, କବି ଶୁଶାନ୍ତ କୁମାର ନାୟକ ମଞ୍ଚ ପରିଚାଳନା ଏବଂ ସାଂସ୍କୃତିକ ସମ୍ପାଦିକା ସ୍ନେହଲତା ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁ ବାବାଜୀ ଚରଣ ବିଶ୍ୱାଳ ଓ ସୁଦେଷ୍ଣାରାଣୀ ରାଉତଙ୍କ ତତ୍ତ୍ୱାବଧାନରେ ମ୍ୟୁଜିକ ସର୍କଲର ପିଲାମାନେ ସ୍ୱାଗତ ସଙ୍ଗୀତ ଗାନ ପରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସହ ସମ୍ପାଦକ ବିବେକାନନ୍ଦ ପଣ୍ଡା, ସନ୍ତୋଷ କୁମାର ମଲ୍ଲିକ ଓ ଅନୁଷ୍ଠାନର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉତ୍ସବରେ ଛାତ୍ରୀଛାତ୍ର, ଅଭିଭାବକ, ସାହିତ୍ୟ ପ୍ରେମୀ ଯୋଗ ଦେଇଥିଲେ।

# ମର୍ମସ୍ପର୍ଶୀ ଆବେଗ କାନ୍ତ ସାହିତ୍ୟର ପ୍ରାଣ

## କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୟନ୍ତୀ ପାଳିତ


ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ରାଉରକେଲା,୧୦।୧୨(ଦିନେଶ ମିଶ୍ର)

ଛେଣ୍ଡ ସ୍ଥିତ ଧାମରା ସଂଘ ପରିସରରେ ସଭାପତି ପ୍ରଶାନ୍ତ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ୧୩୬ତମ ଜୟନ୍ତୀ ସମାରୋହ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭାରତ ସେବାଶ୍ରମ ସଂଘର ମୁଖ୍ୟ ସ୍ୱାମୀ ଜଗନ୍ନାଥାନନ୍ଦ ଗିରି ଓ ରାଉରକେଲା ସେବାଶ୍ରମର ସ୍ୱାମୀ ଅମ୍ବିକାନନ୍ଦଜୀ କାର୍ଯ୍ୟକମକୁ ଉଦ୍‌ଘାଟନ କରିଥିଲେ। ସାହିତ୍ୟିକା ତଥା ଏମ୍ସର ଅବସରପ୍ରାପ୍ତ ପ୍ରଫେସର ଅନିତା ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ସମସ୍ତ ରଚନା ସମାଜ ପାଇଁ କିଛି ନା କିଛି ବାର୍ତ୍ତା ଦେଇଥାଏ। ସେଥିପାଇଁ ସେ ସମାଜରେ ଆଦରଣୀୟ ଓ ଚିରସ୍ମରଣୀୟ ବୋଲି ମୁଖ୍ୟ ଅତିଥି ପଣ୍ଡା କହିଥିଲେ। ସମ୍ମାନିତ ଅତିଥି ଭାବେ କାନ୍ତକବିଙ୍କ ନାତି ତଥା ବିଶିଷ୍ଟ ସମ୍ବକାର ଗୁରୁକଲ୍ୟାଣ ମହାପାତ୍ର କାନ୍ତକବିଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ମୂଳ ରଚନା ଓ ବର୍ତ୍ତମାନ ଉତ୍କଳ ସଙ୍ଗୀତ ମଧ୍ୟରେ କେତେକ ଶବ୍ଦଗତ ପାର୍ଥକ୍ୟ ପରିଲକ୍ଷିତ ହୋଇଛି ତାକୁ ସରକାର ନିର୍ଭୁଲ କରିବା ଦରକାର ବୋଲି ମତପ୍ରକାଶ କରିଥିଲେ। ସହ ସମ୍ପାଦକ ଅକ୍ଷୟ ଦାସ ମଞ୍ଚ ପରିଚାଳନା କରିଥିଲେ। ସାହିତ୍ୟିକ ଉଦୟନ ସୁପକାର ମୁଖ୍ୟବକ୍ତା ଭାବେ ଯୋଗଦେଇ କାନ୍ତକବିଙ୍କ ବାଲ୍ୟ ଓ କିଶୋର ଜୀବନ ବିଷୟରେ ଅବଗତ କରିବା ସହ କାନ୍ତକବିଙ୍କ ରଚନା ସର୍ବଦା ରାଷ୍ଟ୍ରୀୟତାବାଦ ଓ ପ୍ରକୃତିଭରା ରହିଥାଏ ବୋଲି କହିଥିଲେ। ସେ ଉତ୍କଳ ସଙ୍ଗୀତକୁ ହିନ୍ଦୀରେ ଅନୁବାଦ କରିବା ଦ୍ୱାରା ଏହା ସାରା ବିଶ୍ୱରେ ପ୍ରଚାର ହୋଇପାରିଛି ବୋଲି ସୂଚନା ଦେଇଥିଲେ। ଅନୁଷ୍ଠାନର ସାଧାରଣ ସମ୍ପାଦକ ଭଗବାନ ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପରେ ରାଜକୁମାରୀ ଦେବୀ ଓ ସାଥୀ କାନ୍ତକବିଙ୍କ ରଚିତ ସଙ୍ଗୀତ ପରିବେଷଣ କରିଥିଲେ। ଧାମରା ସଂଘର ସଦସ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ଶ୍ରୀବତ୍ସ କୁଅଁର, ଆଲୋକ ବେହେରା, ମନୋରଞ୍ଜନ କର, ହରେକୃଷ୍ଣ ଦାସ, ଅମୂଲ୍ୟ ସେଠୀ, ପ୍ରଫୁଲ୍ଲ ଦାସ, କମଳାକାନ୍ତ ପତି, ଶ୍ରୀପତି ଶୁକ୍ଳା, ବୀରେନ୍ଦ୍ର ଭଞ୍ଜ, କୁଳମଣି ଓଝା, କରୁଣାକର ମହାରଣା ସହଯୋଗ କରିଥିଲେ। ସାଂସ୍କୃତିକ ସମ୍ପାଦକ ସୁଶାନ୍ତ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ୧୩ରୁ କସ୍ତୁରୀର ସାମାଜିକ, ସାଂସ୍କୃତିକ ସମାରୋହ



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର କର୍ମକର୍ତ୍ତା।

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲାର ସାମାଜିକ ସାଂସ୍କୃତିକ ଅନୁଷ୍ଠାନ କସ୍ତୁରୀ ପକ୍ଷୁ ଆସନ୍ତା ୧୩ ତାରିଖଠାରୁ ୩ଦିନ ଧରି ସିଭିକ ସେଣ୍ଟରରେ ସାମାଜିକ ସାଂସ୍କୃତିକ ସମାରୋହ-୨୦୨୩ ଆୟୋଜିତ ହେବ। ଆର୍‌ଏସ୍‌ପି କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର. ସୂର୍ଯ୍ୟବଂଶୀଙ୍କ ମୁଖ୍ୟ ପୃଷ୍ଠପୋଷକତାରେ ହେବାକୁ ଥିବା ସମାରୋହର ପ୍ରଥମ ସନ୍ଧ୍ୟାରେ ଗଣେଷ ବନ୍ଦନା ସହ ଦିବ୍ୟାଙ୍ଗ ସାଇନାଥ ଭୂମିଜ ଏବଂ ରାଉରକେଲା ସେକ୍ଟର-୭ ସ୍ଥିତ ମୂକ ବଧିର ବିଦ୍ୟାଳୟର ଛାତ୍ରୀ ଗୌରୀ ମହାନ୍ତି ପ୍ରମୁଖ ନିଜ ଜୀବନୀ ଉପସ୍ଥାପନ କରିବେ। କାର୍ଯ୍ୟକ୍ରମରେ ସ୍ମରଣିକା ଉନ୍ମୋଚନ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ୧୫ତାରିଖରେ ବରିଷ୍ଠ ସିନେ କଳାକାର ଅଶ୍ରୁମୋଚନ ମହାନ୍ତିଙ୍କ ସହିତ ଶଙ୍କର ପ୍ରସାଦ ତ୍ରିପାଠୀ ଏବଂ ଭାସ୍କର ଚନ୍ଦ୍ର ମହାପାତ୍ରଙ୍କୁ କସ୍ତୁରୀ ସମ୍ମାନ-୨୦୨୩ରେ ସମ୍ମାନୀତ କରାଯିବ ବୋଲି ଅନୁଷ୍ଠାନର ସଭାପତି ଦିଲୀପ କୁମାର ଭଞ୍ଜ, କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ସ୍ୱାଇଁ, ସାଧାରଣ ସମ୍ପାଦକ ଆରଏସ ମହାନ୍ତି, ପ୍ରତାପ ସ୍ୱାଇଁ, ସାଂସ୍କୃତିକ ସମ୍ପାଦକ ରାକେଶ ନାୟକ, ଗଜେନ୍ଦ୍ର ମୁର୍ମୁ, ମିହିର ରଜନ ମିଶ୍ର ଓ ରାଧେଶ୍ୟାମ ମହାନ୍ତି ପ୍ରମୁଖ ସେକ୍ଟର-୯ କୌଶଲ୍ୟା ବିହାର ବସ୍ତି ସ୍ଥିତ ଅନୁଷ୍ଠାନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ରାକେଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡିପେଡିକନ୍ ପାଳନ ଅବସରରେ ମାରାଥନ୍

ରାଉରକେଲା, ୧୦।୧୨(ସଙ୍ଗୀତା ଜେନା)


ମାରାଥନ୍‌ରେ ଯୋଗ ଦେଇଥିବା ଡାକ୍ତର ସମୂହ।

ରାଉରକେଲା ସେକ୍ଟର-୧୯ ସ୍ଥିତ ଆପୋଲୋ ହସ୍ପିଟାଲ ଓ ସୁପରସ୍ପେଶାଲିଟି ହସ୍ପିଟାଲରେ ୪୩ତମ ଦ୍ୱିଦିବସୀୟ ବାର୍ଷିକ ସମ୍ମିଳନୀ ଓଡ଼ିପେଡ଼ିକନ୍ ରବିବାର ପାଳିତ ହୋଇଛି। ଏଥିରେ ରାଜ୍ୟର ୩୭୮ ଓ ବାହାର ରାଜ୍ୟରୁ ୪ ଜଣ ଶିଶୁ ବିଶେଷଜ୍ଞ ଡାକ୍ତର ଯୋଗ ଦେଇଥିଲେ। 'ପ୍ରତ୍ୟେକ ଶିଶୁଙ୍କ ପାଇଁ ପ୍ରତ୍ୟେକ ମିନିଟ୍ ଗୁରୁତ୍ୱପୂର୍ଣ୍ଣ' ଶୀର୍ଷକରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଦିନ କାର୍ଯ୍ୟକ୍ରମରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି, ସେଣ୍ଟ୍ରାଲ ଆଇପିର ପ୍ରାକ୍ତନ ସଭାପତି ଡ. ପିୟୁଷ ଗୁପ୍ତା, ଆପୋଲୋ ହସ୍ପିଟାଲର ସିଇଓ ଡା. ସଜଳ ସେନ୍, ସିଆଇଏପି ପୂର୍ବମଣ୍ଡଳର ଉପସଭାପତି ଡ. ବିଶ୍ୱଜିତ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି, ଆଇଏପି ଓଡ଼ିଶାର ଡ. ନୀଳମାଧବ ଜେନା, ସାଧାରଣ ସମ୍ପାଦକ ସମରେନ୍ଦ୍ର ମହାପାତ୍ର, ଇବି ସଦସ୍ୟ ମୃତ୍ୟୁଞ୍ଜୟ ଦାଶ, ବିଜୟ ଭୂୟାଁ, ଏସ.ଏନ୍. ପରିଡ଼ା, ରାଧାନାଥ ଶତପଥୀ, ପାର୍ଥସାରଥୀ ଲାଲ, ନାରାୟଣ ପ୍ରସାଦ ମୋଜୀ, କାର୍ଯ୍ୟକ୍ରମର କାର୍ଯ୍ୟକାରୀ ସମ୍ପାଦକ ଦେବେନ୍ଦ୍ର ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିଶୁ ରୋଗରେ ଅବହେଳାର କୌଣସି ସ୍ଥାନ ନାହିଁ। ପ୍ରତ୍ୟେକ ମୂହୁର୍ତ୍ତ ପ୍ରତ୍ୟେକ ଶିଶୁ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା କରାଯାଇଥିଲା। ରବିବାର ଉଦ୍‌ଯାପନୀ ଦିବସରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ କ୍ଲିନ୍ ଏଣ୍ଡ ଗ୍ରୀନ୍ ସହଯୋଗରେ 'ଜୀବନ ସୁରକ୍ଷା ପାଇଁ ଦୌଡ଼' ଥିମ୍‌ରେ ୯୦ରୁ ଊର୍ଦ୍ଧ୍ୱ ଶିଶୁ ରୋଗ ବିଶେଷଜ୍ଞ ଯୋଗ ଦେଇଥିଲେ। ଛେଣ୍ଡ ସ୍ପେଶ୍ ଛକରୁ ବିର୍ସା ମୁଣ୍ଡା ଷ୍ଟାଡିୟମ୍ ଗେଟ୍ ପର୍ଯ୍ୟନ୍ତ ମାରାଥନ୍ ଅନୁଷ୍ଠିତ ହୋଇଥିଲା।

# ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ

ରାଉରକେଲା,୧୦।୧୨(ସଙ୍ଗୀତା ଜେନା)

ପ୍ଲାଣ୍ଟସାଇଟ୍ ଥାନା ଅନ୍ତର୍ଗତ ସେକ୍ଟର-୨୧ ଏନ୍‌ଟିପିସି ରୋଡ ପାର୍ଶ୍ୱରେ ଥିବା ଏକ ଶିମୁଳି ଗଛରେ ରବିବାର ସକାଳେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରାଯାଇଛି। ମୃତକ ହେଲେ କେନ୍ଦୁଝର ଜିଲା ଜମଗିରା ମିଶ୍ରମାଲ ଅଞ୍ଚଳର ସୁବ୍ରତ ନାୟକ(୨୨)। ପୋଲିସ ମୃତଦେହ ଜବତ କରିବା ସହ ଆରଜିଏଚ୍ ମର୍ଗରେ ରଖିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୪୭/୨୩) ରୁଜୁ ହୋଇଛି। ମୃତଦେହ ନିକଟରେ ପଡିଥିବା ମୋବାଇଲ ଫୋନ୍, ଆଧାରକାର୍ଡ ସାହାଯ୍ୟରେ ପରିବାର ଲୋକଙ୍କୁ ଯୋଗାଯୋଗ କରାଯାଇଛି। ସୋମବାର ପରିବାର ଲୋକେ ଆସିଲେ ମୃତଦେହ ବ୍ୟବଚ୍ଛେଦ ହେବ ବୋଲି ସୂଚନା ମିଳିଛି। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି।

# ପାଚେରିରେ ସୀମିତ କୃଷି ବିଜ୍ଞାନ କେନ୍ଦ୍ର


ଭାଙ୍ଗି ଯାଇଥିବା ପାଚେରି।

ରାଉରକେଲା,୧୦।୧୨(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର-୨ ସ୍ଥାପନ ପାଇଁ ଜମି ଅଧିଗ୍ରହଣ ବିବାଦ ସମାଧାନ ହେବା ପରେ ବିମାନ ବନ୍ଦର ନିକଟ ବାଙ୍କିଆରେ ୪୦ ଏକର ପରିମିତ କାର୍ଯ୍ୟ ଆରମ୍ଭ କରାଯାଇଛି। ତେବେ ଏପର୍ଯ୍ୟନ୍ତ କେବଳ ପାଚେରି ନିର୍ମାଣରେ ସୀମିତ ରହିଯାଇଛି। ପ୍ରଶାସନିକ ଭବନ ଓ ହଷ୍ଟେଲ ନିର୍ମାଣ କାର୍ଯ୍ୟ ମଧ୍ୟ ହୋଇନାହିଁ। ଇତିମଧ୍ୟରେ ବିଶାଳକାୟ ପାଚେରି ଭାଙ୍ଗିବାକୁ ଲାଗିଲାଣି। ଏହି କେନ୍ଦ୍ର ନିର୍ମାଣ ହେଲେ ଜିଲାର ଲକ୍ଷାଧିକ ଚାଷୀଙ୍କୁ ଆଧୁନିକ ଚାଷ ପ୍ରଣାଳୀ ଶିକ୍ଷା ଓ ତାଲିମ ସହ ଜିଲାର କୃଷି କ୍ଷେତ୍ରରେ ବିପ୍ଳବ ସୃଷ୍ଟି ହେବା ଆଶା କରାଯାଇଛି। ମାତ୍ର ନିର୍ମାଣ କାର୍ଯ୍ୟ ବିଳମ୍ବ ଯୋଗୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ନେଇ ରାଉରକେଲା କୃଷି ବିଜ୍ଞାନ କେନ୍ଦ୍ର-୨ କୃଷି ସମ୍ପ୍ରସାରଣ ବୈଜ୍ଞାନିକ ଜୟନ୍ତ ପତିଙ୍କୁ ପଚାରିବାରୁ ସେ କହିଲେ, ପାଚେରି ନିର୍ମାଣ କାମ ୯୦ ପ୍ରତିଶତ ସମ୍ପନ୍ନ ହୋଇସାରିଛି। ପାଚେରୀର କିଛି ଆନୁଷଙ୍ଗିକ କାର୍ଯ୍ୟ ବାକି ରହିଛି। ଗତ ବର୍ଷାରେ ପାଚେରିର କିଛି ଅଂଶ ଭାଙ୍ଗି ଯାଇଛି। ଏହାକୁ ମରାମତି କରାଯିବ ବୋଲି ସେ କହିଥିଲେ।

# ଛାତ୍ରୀଛାତ୍ରଙ୍କ ନୃତ୍ୟ କଳା ବିମୋହିତ

ରାଉରକେଲା,୧୦।୧୨
(ବିପ୍ଳବ ରଞ୍ଜନ ଦାଶ)

ନୂଆ ଓଡିଶା, ଯୁବ ଓଡିଶା ଏବଂ ନବୀନ ଓଡିଶା ଆନୁକୂଲ୍ୟରେ ସେକ୍ଟର-୪ ସ୍ଥିତ ରାଉରକେଲା କଲେଜରେ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷା ପ୍ରଫେସର ସୁଜାତା ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ ମୁଖ୍ୟଅତିଥି ଭାବେ ଯୋଗଦେଇ ପିଲାଙ୍କୁ ଲୋକ ସଂସ୍କୃତି ଉତ୍‌ଥାନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। କଲେଜ ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କଲେଜର ପ୍ରଶାସନିକ ବିଭାଗ ମୁଖ୍ୟ ରବିନ୍ଦ୍ର କୁମାର ଜେନା, ସାଂସ୍କୃତିକ ପରିଷଦର ନୋଡାଲ ଅଫିସର ରଶ୍ମିପ୍ରଭା ମଥାନ ଓ ଅଧାପକ ରଶ୍ମୀ ରଞ୍ଜନ ରାଉତ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପରେ କଲେଜର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପାରମ୍ପରିକ ନୃତ୍ୟ ପରିବେଷଣ କରାଯାଇଥିଲା। ଅନ୍ୟପଟେ ରାଉରକେଲା ସରକାରୀ ସ୍ୱୟଂଶାସିତ କଲେଜ ପକ୍ଷରୁ ନିର୍ମଳ ମୁଣ୍ଡା ବୌଦ୍ଧିକ ବକ୍ତୃତା ଶୃଙ୍ଖଳା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ 'ଅସମାନତା, ବିବିଧତା ଓ ଭାରତୀୟ ସମ୍ବିଧାନ' ଶୀର୍ଷକରେ ବକ୍ତୃତା ହୋଇଥିଲା। ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ବିଜୟ କୁମାର ବେହେରା ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସ୍ଥିତ ଗବେଷଣାଚକ୍ର ସଙ୍ଗଠନର ପ୍ରତିଷ୍ଠାତା ତଥା ସଭାପତି ଡଃ ବିଜୟ କୁମାର ବହିଦାର ସ୍ୱତନ୍ତ୍ର ବକ୍ତା ଭାବେ ଯୋଗଦେଇ କହିଥିଲେ, ଭାରତ ବର୍ଷ ସର୍ବବୃହତ ଗଣତନ୍ତ୍ରିକ ଦେଶ ଭାବେ ବିଶ୍ୱ ବିଦିତ। ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସର୍ବୋକୃଷ୍ଟ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିଣତ କରିବାରେ ଯୁବବର୍ଗଙ୍କ ଯୋଗଦାନ ନିହାତି ଆବଶ୍ୟକ ବୋଲି ବହିଦାର କହିଥିଲେ। କାର୍ଯ୍ୟକ୍ରମ ସଂଯୋଜିକା ଡଃ ସସ୍ମିତା ସାମଲ ସ୍ୱତନ୍ତ୍ର ବକ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ବିଭାଗୀୟ ଅଧାପକ ଡଃ ସୁବାଷ ଚନ୍ଦ୍ର ସେଠୀ, ସୂର୍ଯ୍ୟକାନ୍ତ ରାଉତ, ଭୋଳାନାଥ ମଲ୍ଲିକ ଏବଂ ଅଧାପିକା ଐଶ୍ୱର୍ଯ୍ୟା ରାଉତ ପ୍ରମୁଖ ସହଯୋଗ କରିଥିଲେ।



ରାଉରକେଲା କଲେଜରେ ନୃତ୍ୟ ପ୍ରଦର୍ଶନ କରିଥିବା ଛାତ୍ରୀଛାତ୍ର।

# ସମ୍ବଲପୁର ବିଶ୍ୱବିଦ୍ୟାଳୟ ଚାମ୍ପିୟନ

## ହକି ପ୍ରତିଯୋଗିତା ଉଦ୍‌ଯାପିତ

ରାଉରକେଲା,୧୦।୧୨(ଦିନେଶ ମିଶ୍ର)



ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମରେ ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ହକି ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୦ଟି ବିଶ୍ୱବିଦ୍ୟାଳୟର ହକି ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ହକି ଇଣ୍ଡିଆର ସଭାପତି ପଦ୍ମଶ୍ରୀ ଦିଲୀପ ତିର୍କୀ ମୁଖ୍ୟ ଅତିଥି, ମ୍ୟୁନିସିପାଲ କଲେଜର ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଓ ବନାରସର ମହାତ୍ମାଗାନ୍ଧୀ ପୀଠ ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ବନାରସକୁ ହରାଇ ଚାମ୍ପିୟନ ହୋଇଥିଲା। ମୁଖ୍ୟ ଅତିଥି ସମସ୍ତ ୪ଟି ଦଳକୁ ପୁରସ୍କାର ପ୍ରଦାନ କରିବା ସହ ଅଫିସିଆଲମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ପ୍ରତିଯୋଗିତାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପ୍ରଥମ ସ୍ଥାନ, ବନାରସ ମହାତ୍ମାଗାନ୍ଧୀ ବିଦ୍ୟାପୀଠ ଦ୍ୱିତୀୟ, ଜୋନପୁରର ବୀରବାହଦୂର ସିଂ ବିଶ୍ୱବିଦ୍ୟାଳୟ ତୃତୀୟ ଏବଂ ବନାରସର ହିନ୍ଦୁ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିବା ସହ ସର୍ବଭାରତୀୟ ଆନ୍ତଃଜୋନ ହକି ପୁରୁଷ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ହାସଲ କରିଛନ୍ତି। ସମସ୍ତ ମ୍ୟାଚ୍‌କୁ କ୍ୟାପ୍‌ଟେନ ସତ୍ୟନାରାୟଣ ରାଉତ ପରିଚାଳନା କରିଥିଲେ। ଅନ୍ତର୍ଜାତୀୟ ହକି ଅଫିସିଆଲ ନିଶାନ ଜ୍ୟୋତି ମହାନ୍ତି, ହୃଷୀକେଶ ଦାସ, ଅନୁଭବ ରାଉତ, ଏମ୍‌ଡି ଜାଭେଦ ଖାନ, ଆଶିଷ କେରକେଟ୍ଟା, ସତୀଶ ମିଞ୍ଜ, ସୁରଜ ତନ୍ତୀ, ବେଲାସ ବାରା, ଅଜୟ ରାଉତ, ସୁବାଷ ଚନ୍ଦ୍ର ବଳ ପ୍ରମୁଖ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଲରମ୍ଭା କଲେଜର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ



ସରଣ୍ଡା,୧୦।୧୨(ଯୁଧିଷ୍ଠିର ମହାପାତ୍ର)

ବରଗଡ଼ ଅତାବିରା ବ୍ଲକ ଲରମ୍ଭା କଲେଜ ଏବଂ ସମନ୍ୱିତ ଯୁବ ବିକାଶ ଆନୁକୂଲ୍ୟରେ ଦୁଇଦିନ ଧରି ହୋଇଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ପୂର୍ବତନ ଏମ୍‌ପି ଡଃ ପ୍ରଭାସ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରିଥିଲେ। ଗୋଡଭଗା ସ୍ଥିତ ମା' ସମଲେଇ ମନ୍ଦିରରୁ ମଶାଲ ଶୋଭାଯାତ୍ରା ବାହାରି ପଡିଆକୁ ପ୍ରବେଶ କରିବା ପରେ କଲେଜ ଅଧକ୍ଷ ଡଃ ପ୍ରମୋଦ କୁମାର ଭୋଇ ସ୍ୱାଗତ ଭାଷଣ ଦେଇ ଖେଳ ଆରମ୍ଭ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ସମ୍ବଲପୁରର ଉପସଚିବ ଡଃ ମହେନ୍ଦ୍ର ପ୍ରସାଦ ବେହେରା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ଛାତ୍ରୀ ତଥା ବିଶିଷ୍ଟ କ୍ରୀଡ଼ା ପ୍ରବୀଣା କଳ୍ପନା ଚାନ୍ଦଙ୍କୁ ଚଳିତ ବର୍ଷ ବାର୍ଷିକ କ୍ରୀଡ଼ା ସମ୍ମାନ ଦିଆଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଚିତ୍ତରଞ୍ଜନ ଛନ୍ଦ, ଅଶ୍ୱିନୀ କୁମାର ପ୍ରଧାନ, ବିନୟ କୁମାର ନାୟକ, ଶୁସିଲ ମହାକୁର, ସୁନୀଲ ସିଂ, ହରିଶ ପାତ୍ର ଖେଳ ପରିଚାଳନା କରିଥିଲେ। ପ୍ରାଧାପକ ଅଶୋକ କୁମାର ମହାନ୍ତି, ଡଃ ଦିଗମ୍ବର ଚାନ୍ଦ, ପବିତ୍ର ମାହାଣା, ସିଦ୍ଧେଶ୍ୱର ପ୍ରଧାନ, ସରୋଜ କୁମାର ନାୟକ ସହଯୋଗ କରିଥିଲେ। ଅଧାପିକା ପାୟଲ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଫସଲ କ୍ଷୟକ୍ଷତି ଆବେଦନ ତାରିଖ ବୃଦ୍ଧି ପାଇଁ ଦାବି

# ରାସ୍ତା ରୋକିଲେ ଚାଷୀ

ସୋହେଲା,୧୦।୧୨ (ଅଶ୍ୱିନୀ କୁମାର ପାତ୍ର)

ଲଗାଣ ବର୍ଷା ଯୋଗୁ ସୋହେଲା ଅଞ୍ଚଳରେ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଛି। ଏହାର କ୍ଷୟକ୍ଷତି ଆକଳନ କରି ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ କୃଷି ଏବଂ ରାଜସ ବିଭାଗ ନିକଟରେ ଦାବି ଜଣାଇଥିଲେ। ଏ ସମ୍ପର୍କରେ ବୀମା ପ୍ରଦାନକାରୀ ସଂସ୍ଥା ପକ୍ଷରୁ ଏକ ଟୋଲ ଫ୍ରି ନମ୍ବର ଜାରି କରାଯାଇଥିଲା। ଏହାସହିତ ଏକ ପୋର୍ଟାଲ ମାଧ୍ୟମରେ ମଧ୍ୟ କ୍ଷୟକ୍ଷତି ପାଇଁ ଆବେଦନ କରାଯାଇପାରିବ ବୋଲି ଚାଷୀମାନଙ୍କୁ ଅବଗତ କରାଯାଇଥିଲା। ସେହିପରି ଚାଷୀମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଫର୍ମରେ ଅଫ୍‌ଲାଇନ ଆବେଦନ ପାଇଁ ମଧ କୁହାଯାଇଥିଲା। କିନ୍ତୁ ଉକ୍ତ ସମସ୍ତ ପ୍ରକାର ଆବେଦନ ମାତ୍ର ୭୨ ଘଣ୍ଟା ଅର୍ଥାତ୍ ୧୦ ତାରିଖ ରବିବାର ୧୨ଟା ପର୍ଯ୍ୟନ୍ତ ଥିଲା। ଏହି ସ୍ୱଳ୍ପ ସମୟ ଅବଧି ମଧରେ ସମସ୍ତ ଚାଷୀ ଆବେଦନ କରିପାରିବା ସମ୍ଭବ ନ ଥିଲା। ତେଣୁ କୃଷକ ବିକାଶ ମଞ୍ଚ ନେତୃତ୍ୱରେ ବହୁ ଚାଷୀ ଆବେଦନ ଅବଧି ଏକ ସପ୍ତାହ ବଢାଇବା ପାଇଁ ତହସିଲଦାରଙ୍କୁ ଅନୁରୋଧ କରିଥିଲେ। କିନ୍ତୁ ତହସିଲଦାର କିମ୍ବା କୃଷି ବିଭାଗ ଅଧିକାରୀ କୌଣସି ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିଲେ। ଫଳରେ ଚାଷୀମାନେ ରବିବାର ସୋହେଲା ମୁଖ୍ୟ ଛକ ରାସ୍ତାକୁ ଅପରାହ୍ନ ୧ଟାରେ ଅବରୋଧ କରିଥିଲେ। ଫଳରେ ରାୟପୁର-ସମ୍ବଲପୁର ଜାତୀୟ ରାଜପଥ ତଥା ସୋହେଲା-ନୂଆପଡା ବିଜୁ ଏକ୍ସପ୍ରେସ ୱେରେ ଶହ ଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ, ସୋହେଲା ଥାନାଧିକାରୀ ପ୍ରଣୟ ମୁର୍ମୁ, ସୋହେଲା ତହସିଲଦାର ହରି ଓମ୍ ଭୋଇ, ବ୍ଲକ କୃଷି ଅଧିକାରୀ ମିତାଞ୍ଜଳି ବିଶି ପ୍ରମୁଖ ଆନ୍ଦୋଳନସ୍ଥଳକୁ ଆସି ଚାଷୀଙ୍କୁ ବୁଝାଇବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଭଟଲି ବିଧାୟକ ସୁଶାନ୍ତ ସିଂ ସେଠାକୁ ଆସି ପ୍ରଶାସନ ସହ ଆଲୋଚନା କରି ଆବେଦନ ଗ୍ରହଣ କରିବା ବ୍ୟବସ୍ଥା କରିବାରୁ ସନ୍ଧ୍ୟା ସାଢେ ୬ଟାରେ ରାସ୍ତା ଅବରୋଧ ହଟିଥିଲା।



ଚାଷୀମାନେ ସୋହେଲା ମୁଖ୍ୟ ଛକରେ ରାସ୍ତା ଅବରୋଧ କରିଛନ୍ତି।

## ଦେବଗଡରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା

ଦେବଗଡ଼,୧୦।୧୨ (ଶଶାଙ୍କ ଶେଖର ଝାଙ୍କର)

ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଓଡିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦର ମିଳିତ ଅନୁକୂଲ୍ୟରେ ସ୍ଥାନୀୟ ସେଣ୍ଟର ଫର କଲଚରଠାରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଛି। ୫ରୁ ୮ବର୍ଷ ବୟସ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଅଙ୍କିତରାଜ ଗୁରୁ ପ୍ରଥମ, ନୋଟରିଡେମର ସୃଷ୍ଟିମୟୀ ଲକ୍ରା ଦ୍ୱିତୀୟ ଓ ଚିନ୍ମୟ ବିଦ୍ୟାଳୟର ସାନଭି ହରିଚନ୍ଦନ ଓ ବାଲ ଭାରତୀୟ ଇଂରାଜୀ ବିଦ୍ୟାଳୟର ଆଶିକା ମହାପାତ୍ର ଯୁଗ୍ମ ତୃତୀୟ ହୋଇଛନ୍ତି। ୯ରୁ ୧୨ବର୍ଷ ବର୍ଗରେ କେନ୍ଦ୍ରୀୟ ବିଦ୍ୟାଳୟର ଶ୍ରିୟଶ୍ରୀ ଗୁରୁ, ତିଳେଇବଣୀର କେଜିବିଭିର ଜୟଶ୍ରୀ ପାତ୍ର ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଓ ଚିନ୍ମୟ ବିଦ୍ୟାଳୟର ସାଇମନୋଜ୍ଞା ସାମଲ ଓ କେନ୍ଦ୍ରୀୟ ବିଦ୍ୟାଳୟର ହେମିଶା ପ୍ରଧାନ ଯୁଗ୍ମ ଭାବେ ତୃତୀୟ ସ୍ଥାନ ଅର୍ଜନ କରିଛନ୍ତି। ୧୩ରୁ ୧୬ ସିନିୟର ବିଭାଗରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥିତିପ୍ରଜ୍ଞା ଦାସ, ସପୋର୍ଟ ଶିଶୁ ଗୃହର ସତ୍ୟଜିତ ମୁଣ୍ଡା ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ଯୁଗ୍ମ ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ତିଶା ତନିଷ୍କା ପ୍ରଧାନ ଓ ତିଳେଇବଣୀର କେଜିବିଭିର ମକଦଲୀ ବୁଡ ରହିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଜିଲା ସ୍ତରରେ ପୁରସ୍କୃତ କରାଯିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର ସୂଚନା ଦେଇଛନ୍ତି। ବିଚାରକ ଭାବେ ପ୍ରଦୀପ ପାତ୍ର, ଜନ୍ମଞ୍ଜୟ ନାୟକ ଓ ଚିତ୍ତରଞ୍ଜନ ଦାସ ଯୋଗ ଦେଇଥିଲେ।

## କ୍ରିକେଟ: କଲା ଗୋଲ୍‌ଡେନ ଷ୍ଟାର ଚାମ୍ପିୟନ




ଚାମ୍ପିୟନ ଟିମ୍‌କୁ ପୁରସ୍କୃତ କରୁଛନ୍ତି ଅତିଥି।

ଦେବଗଡ଼,୧୦।୧୨(ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ମଧପୁର ପଞ୍ଚାୟତର ଲାଣ୍ଡିଝରୀ ଗ୍ରାମରେ ଏମ୍‌ସିସି କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ଏମ୍‌ସିସି କ୍ଲବକୁ ପରାସ୍ତ କରି କଲା ଗୋଲ୍ଡେନ ଷ୍ଟାର କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ଅପରାହ୍ନରେ ଆୟୋଜକ କ୍ଲବର ସଭାପତି ରାଜେଶ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ଦେବଗଡ ଜିଲା ସରପଞ୍ଚ ସଂଘ ସଭାପତି ସତ୍ୟ ନାରାୟଣ ପାଣି ମୁଖ୍ୟଅତିଥି ଓ ମଧପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାରତ ଭୂଷଣ ପ୍ରଧାନ, ଦିକ୍ଷୀତ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ କ୍ଲବକୁ ଟ୍ରଫିସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ପ୍ରତିଯୋଗିତା ଆୟୋଜନରେ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ



ଉଦଘାଟନୀ ଉତ୍ସବରେ ଅତିଥି ବୃନ୍ଦ।।

ସମ୍ବଲପୁର,୧୦।୧୨ (ଭବାନୀ ଶଙ୍କର ଭୋଇ)

ଅଇଁଠାପାଲିସ୍ଥିତ ପିଏଚ୍‌ଡି ପଡିଆଠାରେ ରବିବାର ସନ୍ଧ୍ୟାରେ ଜାତୀୟସ୍ତରୀୟ ପଲ୍ଲୀଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ କୁଚିଣ୍ଡା ବିଧାୟକ କିଶୋର ନାୟକ, ସମ୍ବଲପୁର ଜିଲାପାଳ ଅନନ୍ୟା ଦାସ, ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଓର୍‌ମାସ ଓ ଜିଲା ପ୍ରଶାସନ ସହଯୋଗରେ ଆୟୋଜିତ ଏହି ପଲ୍ଲୀଶ୍ରୀ ମେଳା ୧୭ ଡିସେମ୍ବର ପର୍ଯ୍ୟନ୍ତ ଚାଲିବ। ଚଳିତ ବର୍ଷ ମେଳାରେ ମୋଟ ୧୮୦ ଟି ଷ୍ଟଲ ସ୍ଥାନିତ ହୋଇଛି। ଜିଲାର ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶିତ ହୋଇଛି। ଏହା ସହିତ ରାଜ୍ୟ ବାହାରର ବିଭିନ୍ନ ସାମଗ୍ରୀ ମେଳାର ଆକର୍ଷଣ ବୃଦ୍ଧି କରୁଛି। ଅତିଥିମାନେ ପଲ୍ଲୀଶ୍ରୀମେଳା ଆୟୋଜନ ଦ୍ୱାରା କିଭଳି ଉତ୍ପାଦକ ଏବଂ ଗ୍ରାହକଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ସ୍ଥାପନ ହୋଇପାରୁଛି ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ଏହି ମେଳା ବିଶେଷ ଭାବେ ସହାୟକ ହୋଇଆସିଛି ବୋଲି ଜିଲାପାଳ ମତ ଦେଇଛନ୍ତି। ଓରମାସ ଡେପୁଟି ସିଇଓ ଶ୍ରୀମନ୍ତ ହୋତା ଉଦଘାଟନୀ ଉତ୍ସବ ଶେଷରେ ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ। ପ୍ରତିଦିନ ସନ୍ଧ୍ୟାରେ ମନୋରଞ୍ଜନ ନିମନ୍ତେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହାସହ ସ୍ୱୟଂସହାୟକ ଗୋଷ୍ଠୀମାନଙ୍କ ଦ୍ୱାରା ବିଭିନ୍ନ ଅଞ୍ଚଳର ଖାଦ୍ୟପେୟ ମଧ ଦର୍ଶକ ଓ ଗ୍ରାହକମାନଙ୍କ ପାଇଁ ଆକର୍ଷଣର କେନ୍ଦ୍ର ହେବ ବୋଲି ଆୟୋଜକ ଓର୍‌ମାସ୍ ପକ୍ଷରୁ କୁହାଯାଇଛି ।

## ଜାତୀୟସ୍ତରକୁ ପ୍ରକଳ୍ପ ମନୋନୀତ

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ସିବିଏସ୍‌ଇ ଆନୁକୂଲ୍ୟରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ଡିଏଭି ସ୍କୁଲରେ ଅନୁଷ୍ଠିତ ବିଜ୍ଞାନ ମେଳାରେ ବରଗଡ଼ କ୍ରୀଷ୍ଟା ବିକାଶ ଆବାସିକ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ର ଦକ୍ଷେଶ ମିଶ୍ର କୃତିତ୍ୱ ଅର୍ଜନ କରିଛନ୍ତି। ଫ୍ଲୁଇଡ୍ ଡାଇନାମିକ୍ସ ଉପରେ ତାଙ୍କ ପ୍ରକଳ୍ପ ଉଚ୍ଚକୋଟୀର ବିବେଚିତ ହୋଇ ଜାତୀୟସ୍ତର ବିଜ୍ଞାନ ମେଳାକୁ ମନୋନୀତ ହୋଇଛି। କ୍ରୀଷ୍ଟା ବିକାଶର ବିଜ୍ଞାନ ଶିକ୍ଷକ ବିନିତ ଦୋରା, ଅମିତ କୁମାର ସାହୁଙ୍କ ମାର୍ଗଦର୍ଶନରେ ସେ ବିଦ୍ୟାଳୟ ପାଇଁ ଏହି ଗୌରବ ଆଣିଛନ୍ତି। ବରଗଡ଼ କ୍ରୀଷ୍ଟା ବିକାଶର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତ୍ତରଞ୍ଜନ ପତି, ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସେ ଏହି ସଫଳତା ପାଇଛନ୍ତି। କ୍ରୀଷ୍ଟା ବିକାଶ ଗ୍ରୁପ୍‌ର ଚେୟାରମ୍ୟାନ ଡି. ମୁରଲୀ କ୍ରୀଷ୍ଟା କୃତୀ ଛାତ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଟାଏକୋଣ୍ଡୋରେ ବରଗଡ଼ର ସଫଳତା

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ଉତ୍ତରାଖଣ୍ଡ ଡେରାଡୁନରେ ଅନୁଷ୍ଠିତ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବରଗଡ଼ ଜିଲାର ପ୍ରତିଯୋଗୀମାନେ କୃତିତ୍ୱ ଅର୍ଜନ କରିଛନ୍ତି। ରାଜ୍ୟର ୫୩ଜଣ ପ୍ରତିଯୋଗୀ ଏଥିରେ ଭାଗ ନେଇଥିବା ବେଳେ ବରଗଡ଼ ଜିଲାର ୩ ପ୍ରତିଯୋଗୀ ରହିଥିଲେ। ସେମାନଙ୍କ ମଧ୍ୟରୁ ପ୍ରିୟା ବେହେରା ରୌପ୍ୟ ପଦକ ଏବଂ ଓଁଶ୍ରୀତା ରଥ କାଂସ୍ୟ ପଦକ ହାସଲ କରିଛନ୍ତି ବୋଲି ଜିଲା ଟାଇକୋଣ୍ଡୋ ଆସୋସିଏଶନ ସଭାପତି ନବ କିଶୋର ପାଣିଗ୍ରାହୀ ସୂଚନା ଦେଇଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଆସୋସିଏଶନର ଜିଲା ସଭାପତି ପାଣିଗ୍ରାହୀଙ୍କ ସମେତ ଜିଲା ସମ୍ପାଦକ ବିଜୟ କୁମାର ଭୋଇ, ଆଶୁତୋଷ ରଥ, ଶ୍ରୀୟା ମିଶ୍ର, ରାଜଶ୍ରୀ ବର୍ଗଡ଼ି, ରିଙ୍କୁ ବର୍ଗଡ଼ି, ନରେଶ ଠାକୁର ପ୍ରମୁଖ କୃତଜ୍ଞତା ଜଣାଇଛନ୍ତି।

## କ୍ରିକେଟ: ଖଣ୍ଡୁଆଳ ଦଳ ଚାମ୍ପିୟନ

ସମ୍ବଲପୁର,୧୦।୧୨ (ଭବାନୀ ଶଙ୍କର ଭୋଇ)

ଯୁଯୁମୁରା ବ୍ଲକର ଡାକଡେରା ଖେଳପଡିଆରେ ମା' ହିଙ୍ଗୁଳାଇ କ୍ରିକେଟ ଆସୋସିଏଶନ୍ ଡାକଡେରା ପକ୍ଷରୁ ଚାଲିଥିବା କ୍ରିକେଟ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମ୍ବଲପୁର ଓ ବରଗଡ଼ ଜିଲାର ମୋଟ ୧୬ଟି କ୍ରିକେଟ ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ ସିନ୍ଦୂରପଙ୍କ ଓ ଖଣ୍ଡୁଆଳ କ୍ରିକେଟ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖଣ୍ଡୁଆଳ କ୍ରିକେଟ ଦଳ ସିନ୍ଦୂରପଙ୍କ ଦଳକୁ ୩ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣି ସମାରୋହରେ ଜୟନ୍ତପୁର ସରପଞ୍ଚ ଆରତୀ ତାଣ୍ଡିଆ ମୁଖ୍ୟଅତିଥି, ନାଏବ ସରପଞ୍ଚ ଲଳିତ ପ୍ରଧାନ, ପ୍ରକାଶ ନାଏକ, ପୂର୍ବତନ ସରପଞ୍ଚ ଗଣେଶ ତାଣ୍ଡିଆ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ପୁରସ୍କାର ପ୍ରଦାନ କରିଥିଲେ।

## ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ



ସମ୍ବଲପୁର,୧୦।୧୨ (ଭବାନୀ ଶଙ୍କର ଭୋଇ)

ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ସମ୍ବଲପୁର ଜିଲା ବୁର୍ଲାସ୍ଥିତ ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଯାଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅନୁକୂଲ୍ୟରେ ଏବଂ ଜିଲା ପ୍ରଶାସନ ସମ୍ବଲପୁର ସହଯୋଗରେ ପ୍ରଦର୍ଶନ ଆୟୋଜିତ ହୋଇଛି। ଚିତ୍ରକଳାର ବହୁଳ ପ୍ରଚାର ଓ ପ୍ରସାର ନିମନ୍ତେ ଏକାଡେମୀ ଦ୍ୱାରା ସଂଗୃହୀତ ଚିତ୍ରକଳା ଏଥିରେ ସ୍ଥାନିତ କରାଯାଇଛି। ସମ୍ବଲପୁର ଅତିରିକ୍ତ ଜିଲାପାଳ ପ୍ରଦୀପ କୁମର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦାର୍ଶନୀକୁ ଉଦ୍‌ଘାଟନ କରିଥିଲେ। ପ୍ରଦର୍ଶନୀରେ ମୋଟ ୪୦ ଗୋଟି ଚିତ୍ରକଳା ସ୍ଥାନ ପାଇଛି। ଏହା ୧୨ ଡିସେମ୍ବର ପର୍ଯ୍ୟନ୍ତ ପ୍ରତ୍ୟହ ଦିନ ୧୧ ଘଟିକାରୁ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ ଖୋଲା ରହିବ।

## ବାଲ୍ୟ ବିବାହ ନିରାକରଣକୁ ଗୁରୁତ୍ୱ

ବରଗଡ଼,୧୦।୧୨(ପ୍ରେମାନନ୍ଦ ଖମାରୀ)

ରାଜ୍ୟ ସରକାରଙ୍କ ପରିଚାଳିତ ନୂଆ ଓଡ଼ିଶା ଯୋଜନା ଅନ୍ତର୍ଗତ ବିଭିନ୍ନ କାର୍ଯ୍ୟକ୍ରମର ରୂପାୟନ କ୍ରମରେ ଶନିବାର ବରଗଡ଼ ଟ୍ରଷ୍ଟ ଫଣ୍ଡ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଲ୍ୟ ବିବାହ ଏବଂ ବାଳିକା ଶିକ୍ଷା ଉପରେ ଏକ ସଚେତନତା ସଭା ହୋଇଥିଲା। ଅଧ୍ୟକ୍ଷ ପ୍ରତୁଲ ଚନ୍ଦ୍ର ତ୍ରିପାଠୀ ଏବଂ ନୋଡ଼ାଲ ଅଫିସର ସଞ୍ଜୀବ କୁମାର ବହିଦାର ସଭା ପରିଚାଳନା କରିଥିଲେ। ତରୁଣସେନ ପୃଷ୍ଠେଠ ଯୋଗଦେଇ ବାଲ୍ୟ ବିବାହ ସମସ୍ୟା ଓ ଏହାର ଦୂରୀକରଣ ଏବଂ ବାଳିକା ଶିକ୍ଷା ଉପରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକ ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅଧ୍ୟକ୍ଷ, ଅନ୍ୟମାନେ।

## ୧୩ରେ ବହୁଭାଷୀ ନାଟକ, ନୃତ୍ୟ ମହୋତ୍ସବ

ଦେବଗଡ଼, ୧୦।୧୨(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ ଜିଲାର ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଜାଗରଣ ଆର୍ଟ ଇଣ୍ଟରନ୍ୟାଶଲ ଆନୁକୂଲ୍ୟରେ ସ୍ଥାନୀୟ ଟାଉନ ହଲ୍‌ଠାରେ ଆସନ୍ତା ୧୩ତାରିଖରୁ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବ ଆୟୋଜନ ହେବାକୁ ଯାଉଛି। ଏହା ୧୮ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରଥମ ଦିବସ ୧୩ରେ ପଦମପୁରର 'ଲୁ' ଅନୁଷ୍ଠାନ ମଞ୍ଚସ୍ଥ କରିବ ଗୀତିନାଟ୍ୟ 'ପର୍ଛା ସତୀ'। ୧୪ରେ ଇମ୍ଫାଲ, ମଣିପୁରର ଲେମାରେମ୍ବି ଅନୁଷ୍ଠାନ ପକ୍ଷରୁ 'ଲୁପିଗି ପଙ୍ଗଲ',୧୫ରେ ପ୍ରଥମ ନାଟକ ନବୀନ ବର୍ଣାଳି ଥିଏଟର ଗ୍ରୁପ, ଭୁବନେଶର ଦ୍ୱାରା ବାଇ ଚଢେଇର ଡେଣା ଓ ଦ୍ୱିତୀୟ ନାଟକ କଥାକୃତି ନାଟ୍ୟ ସଂସଦ, ଝାର୍ଗ୍ରାମ, ପଶ୍ଚିମବଙ୍ଗ ଦ୍ୱାରା ଉଜ୍ୟାୟ ସମ୍ବାଦ ମଞ୍ଚସ୍ଥ ହେବ। ୧୬ରେ ଜାଗରଣ ଆର୍ଟ ଇଣ୍ଟରନ୍ୟାଶନାଲ, ଦେବଗଡ଼ ଦ୍ୱାରା ନିସଙ୍ଗ କପୋତୀ, ୧୭ରେ ଅଲଟରନେଟିଭ ରିଦିମ ଥିଏଟର, ଢେଙ୍କାନାଳ ଦ୍ୱାରା ଅଧା ଅଧା,୧୮ ଉଦ୍‌ଯାପନୀ ସନ୍ଧ୍ୟାରେ ବିଦ୍ୟା କନକ ସୃଜନ ଅନୁଷ୍ଠାନ, ଭୁବନେଶର କଳାକାରମାନେ ଶୁଣ ହେ ଅଭିମନ୍ୟୁମାନେ ନାଟକ ମଞ୍ଚସ୍ଥ କରିବେ।

## ହୀରାକୁଦରେ ଅକ୍ଷତ କଳସ ଯାତ୍ରା

ସମ୍ବଲପୁର,୧୦।୧୨(ପ୍ରମୋଦ ବହିଦାର): ହୀରାକୁଦ ସହରରେ ଗତ ଦୁଇଦିନ ଧରି ଅକ୍ଷତ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ହୀରାକୁଦ ବସଷ୍ଟାଣ୍ଡରୁ ଶନିବାର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଶିକ୍ଷକ, ଶିକ୍ଷୟିତ୍ରୀ ଓ ହୀରାକୁଦ ବଜରଙ୍ଗ ଦଳ ପକ୍ଷରୁ ଆୟୋଜିତ ଶୋଭାଯାତ୍ରା ହୀରାକୁଦ ବଜାର, ହିଣ୍ଡାଲ୍‌କୋ ଦେଇ ରାମମନ୍ଦିରରେ ପହଞ୍ଚି ସେଠାରେ ଅକ୍ଷତ କଳସ ସ୍ଥାପନ କରାଯାଇଥିଲା। ରବିବାର ସକାଳେ ଅକ୍ଷତ କଳସକୁ ରାମମନ୍ଦିରରୁ ମାଳିପଡ଼ା ହନୁମାନ ମନ୍ଦିର, ବଜାର ହନୁମାନ ମନ୍ଦିର ଦେଇ ଏକ ଶୋଭାଯାତ୍ରାରେ ନିଆଯାଇ ଭିଏସ୍‌ଏସ୍ କ୍ଲବ ହନୁମାନ ମନ୍ଦିରରେ ସ୍ଥାପନା କରାଯାଇଛି। ଏଥିରେ ହୀରାକୁଦ ବଜରଙ୍ଗ ଦଳର ବିକାଶ ବେହେରା, ଗୌରାଙ୍ଗ ଦାସ, ଯୋଗେନ୍ଦ୍ର ପ୍ରଧାନ, ମନୋଜ ସ୍ୱାଇଁ, ଜିତେନ୍ଦ୍ର ସିଂ, ବିନୟ ପଣ୍ଡା, ଜ୍ଞାନେନ୍ଦ୍ର ଦାଶ, ଶିବାନୀ ସୋନୀ, ସୁଜାତା କରାଲି ପ୍ରମୁଖ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ଫୁଟ୍‌ବଲ: ବଜରଙ୍ଗ କ୍ଲବ ଚାମ୍ପିୟନ



ବିଜୟୀ ଦଳକୁ ପୁରସ୍କୃତ କରୁଛନ୍ତି ଅତିଥି।

ଦେବଗଡ଼,୧୦।୧୨ (ଶଶାଙ୍କ ଶେଖର ଝାଙ୍କର)

ବାରକୋଟ ବ୍ଲକ ସଇଡା ଗ୍ରାମ ପଞ୍ଚାୟତର ଶରଣକୋଟ ଗ୍ରାମରେ ମା' ରମ୍ଭାଦେବୀ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମହୁଲତା ଫୁଟବଲ ଦଳକୁ ଟାଇବ୍ରେକର ସହାୟତାରେ ୩-୧ ଗୋଲରେ ପରାସ୍ତ କରି ବଡକୁଦର ବଜରଙ୍ଗ ଫୁଟବଲ କ୍ଲବ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚକୁ ରେଫରି ଭାବେ ଶିବୁ ସାହୁ, ବିରେନ୍ଦ୍ର ନାୟକ, ଦଶରଥ ନାୟକ ଓ ସଞ୍ଜୀବ ସାହୁ ପରିଚାଳନ କରିଥିଲେ। ଆୟୋଜକ ମା' ରମ୍ଭାଦେବୀ ଫୁଟବଲ ଆସୋସିଏଶନ ସଭାପତି ଦଶରଥ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ ପୌର ପରିଷଦ ଅଧକ୍ଷା ଶାନ୍ତି ମଞ୍ଜରୀ ଦେଈ, ସମ୍ମାନିତ ଅତିଥି ଭାବେ ସଇଡା ଗ୍ରାମ ସରପଞ୍ଚ ବିଦ୍ୟାଧର ପ୍ରଧାନ, ବିଜୟ କୁମାର ପ୍ରଧାନ ଓ ଜିତେନ୍ଦ୍ରୀୟ ପ୍ରଧାନ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ ଦଳକୁ ଟ୍ରଫି ସହ ନଗଦ ଅର୍ଥ ପୁରସ୍କାର ପ୍ରଦାନ କରିଥିଲେ। ଶେଷରେ ଆୟୋଜକ ମା' ରମ୍ଭାଦେବୀ ଫୁଟବଲ ଆସୋସିଏଶନର ସମ୍ପାଦକ ବିରେନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ

ବରପାଲି,୧୦।୧୨(ଚିତ୍ତରଞ୍ଜନ ସାହୁ)

ବରଗଡ ଜିଲା ବରପାଲିର ଲିଟିଲ ଏଞ୍ଜେଲ୍‌ସ ପବ୍ଲିକ ସ୍କୁଲର ବାର୍ଷିକୋତ୍ସବ ଆଞ୍ଜେଲିକା-୨୦୨୩ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲର ପରିଚାଳନା ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଛାତ୍ରୀ ଆଦିଶ୍ରୀ ବେହେରା ଓ ଶ୍ରଦ୍ଧା ସୁମନଦୀପଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ଛାତ୍ର ସଂସଦର ପ୍ରିଫେକ୍ଟ ଆଶିଷ ମଟାରୀ ସ୍ୱାଗତ ଅଭିଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ଅଧକ୍ଷା ମଧୁସ୍ମିତା ମୁଣ୍ଡ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ଓ ଉପାଧକ୍ଷ ସୁଶୀଲ କୁମାର ରଥ ମଞ୍ଚାସୀନ ଥିଲେ। ପରିଚାଳନା ନିର୍ଦ୍ଦେଶିକା ତାଙ୍କ ବକ୍ତବ୍ୟରେ ଛାତ୍ରୀଛାତ୍ରଙ୍କୁ ଶୃଙ୍ଖଳିତ ରହି ଗୁରୁଜନଙ୍କୁ ଭକ୍ତି କରିବାରେ ଏକ ଉତ୍ତମ ଦେଶ ଗଠନ କରାଯାଇପାରିବ ବୋଲି ପରାମର୍ଶ ଦେଇଥିଲେ। ଏହାପରେ ଶିକ୍ଷୟିତ୍ରୀ ନମିତା ସାହୁଙ୍କ ସଂଯୋଜନାରେ ପୁରସ୍କାର ବିତରଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ସହ ପ୍ରତିଭା ପୁରସ୍କାର ପ୍ରଦାନ କରାଯାଇଥିଲା। ରାଜ୍ୟସ୍ତରୀୟ କବାଡି ପ୍ରତିଯୋଗିତାରେ କ୍ରିଷ୍ଣା ନାୟକ, ସିବିଏସ୍‌ଇ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ତେଜସ୍ୱୀ ବେହେରା, ଅଳକା ମେମୋରିଆଲ ଆୱାର୍ଡ ପାଇଁ ଆରାଧା ଅପୂର୍ବା ବଘାର, ଡା. ଡି ଏନ୍. ମୁଣ୍ଡ ମେମୋରିଆଲ ଆୱାର୍ଡ ପାଇଁ ସାହିଲ ଦାଶ, ବ୍ରେଭେରି ଆୱାର୍ଡ ପାଇଁ ପିୟୁଷ ଅବସ୍ଥୀଙ୍କୁ ପୁରସ୍କୃତ କରାଯାଇଥିଲା। କଳ୍ପନା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାଇମେରୀ ଇନଚାର୍ଜ ସଚଳା ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ବିମଳା ଅନାଥାଶ୍ରମର ଅନ୍ତେବାସୀ ଉପସ୍ଥିତ ଥିଲେ। ଶିକ୍ଷକ ପଦ୍ମଲୋଚନ ଦାଶ, ଗୋପାଳ ନାଗ, ପ୍ରକାଶ ମହାନନ୍ଦ, ସରୋଜ ଥନାପତି ଓ ଶିକ୍ଷୟିତ୍ରୀ ସୀମାରାଣୀ ବେହେରା, ତୃଷ୍ଣାମୟୀ ଦଣ୍ଡସେନାଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସଂକ୍ଷେପରେ

### ପାନ ମାଝିଙ୍କୁ ୬ ମାସ ହେଲା ମିଳିନି ଭତ୍ତା

ଲାଞ୍ଜିଗଡ଼,୧୦।୧୨(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ମାଲିଯୁବଙ୍ଗ ପଞ୍ଚାୟତ ଅଧୀନ ସୁନାଖଡ଼ିକା ଗାଁର ୬୩ ବର୍ଷୀୟ ପାନ ମାଝିଙ୍କୁ ୬ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ମିଳିନାହିଁ। ପୂର୍ବରୁ ସେ ପ୍ରତ୍ୟେକ ମାସ ୫୦୦ ଭତ୍ତା ଟଙ୍କା ପାଉଥିଲେ। ହେଲେ ସରକାରଙ୍କ ଅନଲାଇନ ବ୍ୟବସ୍ଥା ହେବା ଦିନଠାରୁ ଏବେ ପର୍ଯ୍ୟନ୍ତ ଭତ୍ତା ଟଙ୍କା ପାଇବାରେ ବଞ୍ଚିତ ଅଛନ୍ତି। ଗତ ୬ ମାସ ହେବ ଭତ୍ତା ଟଙ୍କା ବ୍ୟାଙ୍କ ଖାତାରେ ଜମା ହେଉନି କି ସ୍ୱହସ୍ତରେ ମଧ୍ୟ ମିଳୁନି। ଫଳରେ ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ପ୍ରକାଶ କରିଛନ୍ତି ପାନ ମାଝି। ସୂଚନାନୁସାରେ ପାନ ମାଝିଙ୍କ ପରିବାର



କହିଲେ ତାଙ୍କ ସ୍ୱାମୀ ଛଡା କେହିଁ ନ ଥିଲେ। ସ୍ୱାମୀଙ୍କ ଦେହାନ୍ତ ପରେ ଏବେ ବେସାହାରା ହୋଇ ପଡିଛନ୍ତି। କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଜଣାଇଲେ ତମ ଭତ୍ତା ଟଙ୍କା ଆଉ ଆସୁନି ବୋଲି ମନାକରି ଦେଉଥିବା ସେ କହିଛନ୍ତି। ମାଲିଯୁବଙ୍ଗ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ୟାରିଲାଲ ମାଝିଙ୍କୁ ପଚାରିବାରୁ ସେ କହିଲେ ତାଙ୍କର ପାଶବୁକ୍ ବହି ଏବଂ ଆଧାର ଦୁଇଟିରେ ତ୍ରୁଟି ଥିବାରୁ ତାଙ୍କ ଜମାଖାତାରେ ଭତ୍ତା ଆସୁନାହିଁ। ଏ ବିଷୟରେ ବିଏସଏସଙ୍କୁ ଜଣାଇଦେଇଛି ଏବଂ ତାଙ୍କର ଡକୁମେଣ୍ଟ ଦେଲେ ତ୍ରୁଟି ସୁଧାରି ଏ ମାସରେ ପୂର୍ବର ବକେୟା ଭତ୍ତା ସହିତ ଏ ମାସର ଭତ୍ତା ଜମାହେବ ବୋଲି ପ୍ରକାଶ କରିଥିଲେ।

# ରାଜନୈତିକ କ୍ଷେତ୍ରରେ ସମାନୁପାତିକ ପ୍ରତିନିଧିତ୍ୱ ଦିଅ




ଜୁନାଗଡ଼ରେ ଆୟୋଜିତ ସମାବେଶରେ ଉପସ୍ଥିତ ଅତିଥି।



କୋକସରାରେ ଆୟୋଜିତ ଓବିସି ବର୍ଗର ରାଲି।

ଜୁନାଗଡ଼/କୋକସରା,୧୦।୧୨(ସୁନୀଲ କୁମାର ସିଂହ/ଦୁଷ୍ମନ୍ତ କୁମାର ପାଢ଼ଯୋଶୀ)

- ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ
- ଓବିସି ରଥକୁ ଜୁନାଗଡ଼, କୋକସରାରେ ଭବ୍ୟ ସ୍ୱାଗତ

ଓବିସିବର୍ଗର ସାମ୍ବିଧାନିକ ହକ୍ ଓ ସମାନୁପାତିକ ଅଧିକାର ପ୍ରତିନିଧିତ୍ୱ ପାଇଁ ଓବିସି ମଞ୍ଚର ଜନଜାଗରଣ ଯାତ୍ରା ରଥ ରବିବାର କଳାହାଣ୍ଡି ଜିଲା ଜୁନାଗଡ଼ଠାରେ ପହଞ୍ଚିଛି। ସ୍ଥାନୀୟ ହିଞ୍ଜିଳିବାହିଲି ଛକଠାରୁ ଓବିସି ଯୁବ ଜାଗରଣ ସଦସ୍ୟ ଲୋକେଶ୍ୱର ନାଏକ, ଟୁଟୁ ପୂଝରୀ, ପ୍ରକାଶ ନିଆଲ, ବିପିନ ସାହୁ, କାଶୀନାଥ ଘି, ସୁରେଶ ବାଗ, ହିମାଂଶୁ ନାଏକଙ୍କ ନେତୃତ୍ୱରେ ଶତାଧିକ ଓବିସି ଯୁବ ସଦସ୍ୟ ଏକ ବିଶାଳ ମଟରସାଇକେଲ ରାଲିରେ ରଥ ସ୍ୱାଗତ କରି ନଗର ପରିକ୍ରମା କରାଇ ମା' ଲଙ୍କେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ପାଛୋଟି ନେଇଥିଲେ। ସ୍ଥାନୀୟ ବଙ୍ଗଳା ଛକଠାରେ ପଣ୍ଡରା ମାଳି ସମାଜ ସଭାପତି ଈଶ୍ୱର ପଝରୀଙ୍କ ସଭାପତିତ୍ୱ ଓ ଓବିସି ଜୁନାଗଡ଼ ବ୍ଲକ ସଂଯୋଜକ ହିମାଂଶୁ ଶେଖର ବରାଡ଼ଙ୍କ ସଂଯୋଜନାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ମଣ୍ଡଳ କମିଶନ ରିପୋର୍ଟ ଆଧାରରେ କେନ୍ଦ୍ର ସରକାର ଚାକିରୀରେ ୧୯୯୩ରୁ ୨୭% ଓ ଶିକ୍ଷାରେ ୨୦୦୮ରୁ ସଂରକ୍ଷଣ ଓବିସିଙ୍କୁ ଦେଉଥିଲେ ହେଁ ଜାତି ଗଣନା ଅଭାବରୁ ମିଳିପାରୁନାହିଁ। ଫଳରେ ଓବିସିଙ୍କୁ ନ୍ୟାୟାଳୟ ଦ୍ୱାରସ୍ଥ ହେବାକୁ ପଡୁଛି। ଫଳରେ ଓବିସିଙ୍କୁ ପଛୁଆରୁ ଆହୁରି ପଛୁଆ ହେବାକୁ ପଡିଛି ବୋଲି ଅତିଥିମାନେ କହିଥିଲେ। ରାଜନୈତିକ କ୍ଷେତ୍ରରେ ତ୍ରିସ୍ତରୀୟ ପଞ୍ଚାୟତ ସହ ବିଧାନସଭା ଓ ଲୋକସଭା ତଥା ରାଜ୍ୟସଭାରେ ସମାନୁପାତିକ ପ୍ରତିନିଧିତ୍ୱ ଦେବା ଏଭଳି ଅନେକ ପ୍ରସଙ୍ଗରେ ଉପସ୍ଥିତ ଓବିସି ମଞ୍ଚ ରାଜ୍ୟ କର୍ମକର୍ତ୍ତା ଉଦ୍‌ବୋଧନ ଦେଇଥିଲେ। ପ୍ରକାଶ ଚନ୍ଦ୍ର ନାଏକ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଭାରେ ସଭାପତି ଓବିସି ମଞ୍ଚ ଶଙ୍କର ପାତ୍ର, ସମରଜିତ ବେହେରା ସାଧାରଣ ସମ୍ପାଦକ, ପ୍ରଦୀପ ବେହେରା, ଉପସଭାପତି, ପ୍ରଦେଶୀ ବିଶ୍ୱାଳ କୋଷାଧ୍ୟକ୍ଷ, ବିରଞ୍ଚି ସାହୁ ପ୍ରବକ୍ତା, ଡ଼ାକେ ଲହଜଳ ଜିଲା କୋଅର୍ଡିନେଟର ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ସଭାରେ ଡମ୍ବରୁ ଲହଜଳ, ଶ୍ରୀବଚ୍ଛ ମେହେର, ବିଘ୍ନ ରାଜ ମେହେର, ରଜନୀ ବିଶି କୁଳପତି ରାଜପୁତ କ୍ଷତ୍ରିୟ ପାଇକ ସମାଜ, ଯାଦବ ସମାଜରୁ ସଭାପତି ପ୍ରେମାନନ୍ଦ ଘି ଓ ଅରୂପାନନ୍ଦ ନାଗ ଓ ଶିବ ହାତି, ଭୁବନେଶ୍ୱର ସାହୁ, ସୁନାରି ସମାଜ ସମ୍ପାଦକ ବିରଞ୍ଚି ନାରାୟଣ ସରାଫ, ବଙ୍କା ସମାଜ ସଭାପତି ବିମ୍ବାଧର ପ୍ରଧାନୀ, ଲୋହରା ସମାଜ ସଭାପତି ହିମାଂଶୁ ନାଏକଙ୍କ ସହ ଯୁଗଳ ନାଏକ, ରୀନା ଭାଟିଙ୍କ ସମେତ ଶତାଧିକ ମହିଳା, ପୁରୁଷ, ଯୁବ ସାଥି ଯୋଗଦାନ କରିଥିଲେ।

କୋକସରା ବ୍ଲକରେ ଅପରାହ୍ନ ୩ଟାରେ ପହଞ୍ଚିବା ପରେ ଓବିସି ବର୍ଗ ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରେ ସ୍ୱାଗତ ସମ୍ବର୍ଦ୍ଧନା କରିବା ପରେ ସମବେତ ଓବିସି ବର୍ଗର ଜନସାଧାରଣ ଏକ ଶୋଭାଯାତ୍ରାରେ କୋକସରା ସହର ପରିକ୍ରମା କରି ଗୁଡହାଣ୍ଡି ମଞ୍ଚରେ ପହଞ୍ଚିଥିଲେ। ବ୍ଲକ ସଂଯୋଜକ ମାନସ ରଞ୍ଜନ ବାଗଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ରାଜ୍ୟ ଓବିସି ସଙ୍ଗଠନ ସଭାପତି ଶଙ୍କର ପାତ୍ର, ଉପସଭାପତି ଇଂ.ପ୍ରଦୀପ ବେହେରା, ରାଜ୍ୟ ସମ୍ପାଦକ ସମରଜିତ ବେହେରା, ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ଯାଦବ ସମାଜ ଜିଲା ନାରିନେତ୍ରୀ ରଶ୍ମିରେଖା ରାଉତ, ପୂର୍ବତନ ଯାଦବ ସମାଜ ଜିଲା ସଭାପତି ଡମ୍ବରୁଧର ଲହଜଲ, ଜିଲା ସଂଯୋଜକ ଡାକେଶ୍ୱର ଲହଜଲ, ଯୁବନେତା ତ୍ରିଭୁବନ ନାଏକ, ପୁରୁଷୋତ୍ତମ ଗୁପ୍ତା, ଶି ପ୍ରସାଦ ପ୍ରଧାନୀ, ପଙ୍କଜ ପୋଢ଼ ଉପସ୍ଥିତ ଥିଲେ। ଜନଗଣନା ସହ ଓବିସି ବର୍ଗର ଜାତିଙ୍କୁ ସମସ୍ତ କ୍ଷେତ୍ରରେ ସରକାରୀ ସାମ୍ବିଧାନିକ ଅଧିକାର ଦେବାକୁ ଦାବି କରିଥିଲେ। ପଙ୍କଜ ମୁଖ ଚୌଧୁରୀ ପରିଚାଳନା କରିଥିବା ବେଳେ ଯାଦବ ସମାଜର ବ୍ଲକ ସଭାପତି ବିନୋଦ ବିହାରୀ ରାଉତ, ଯୁବ ଯାଦବ ସଭାପତି ଶରତ ଚନ୍ଦ୍ର ରାଉତ, ମାଝିଗୁଡା ସରପଞ୍ଚ ମାମି ବାଗ, ଡୁଡୁକାଠେଙ୍ଗା ସରପଞ୍ଚ ହରିପ୍ରିୟା ନାଗ, ପୂର୍ବତନ ସରପଞ୍ଚ ଲଡୁଗାଁ କହ୍ନେଇ ଚରଣ ଦାସ, ବୁଟୁନାଥ ସରାବୁ ସମେତ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଶତାଧିକ ଓବିସି ବର୍ଗର ଜନସାଧାରଣ ଉପସ୍ଥିତ ରହିଥିଲେ।

### ଧନୁଯାତ୍ରା ମହୋତ୍ସବ ପ୍ରସ୍ତୁତି ବୈଠକ

ଖଡ଼ିଆଲ,୧୦।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଲ ବ୍ଲକ୍ ଚିନ୍ଦାଗୁଡା ଦମାପଲାଠାରେ ଆସନ୍ତା ଜାନୁୟାରୀ ୩ରୁ ୯ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଧନୁଯାତ୍ରା କମିଟି ପୂର୍ବତନ ଉପସଭାପତି ରମେଶ ବିଶିଙ୍କ ବିୟୋଗରେ ଶୋକ ସଭା କରାଯାଇ ତାଙ୍କ ଅମର ଆତ୍ମାର ସଦଗତି କାମନା ପାଇଁ ପ୍ରାର୍ଥନା କରାଯାଇଥିଲା। ପରେ କମିଟି ସଭାପତି କ୍ଷେତ୍ର ମୋହନ ଦୁରିଆଙ୍କ ସଭାପତିତ୍ୱ ଆୟୋଜିତ ସଭାରେ ପ୍ରତ୍ୟେକ ବର୍ଷଭଳି ଚଳିତବର୍ଷ ମଧ ଚିନ୍ଦାଗୁଡ଼ା ଦମାପଲାଠାରେ ସ୍ଥାନୀୟ କଳା ସଂସ୍କୃତି ବଜାୟ ରଖିବା ଉଦ୍ଦେଶ୍ୟ ସହ ସ୍ଥାନୀୟ ଜନସାଧାରଣଙ୍କ ମନୋରଞ୍ଜନ ପାଇଁ କୋଶଲି ଭାଷାରେ ଧନୁଯାତ୍ରା ମହୋତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସନ୍ତୋଷ କୁମାର ବିଶିଙ୍କୁ ଉପସଭାପତି, ସୁନୀଲ କୁମାର ମାଝି ସମ୍ପାଦକ, ଯତୀନ୍ଦ୍ର କୁମାର ବିଶି ସହ ସମ୍ପାଦକ, ଭୋଳାନାଥ ପଟେଲ କୋଷାଧ୍ୟକ୍ଷ, ସାଂସ୍କୃତିକ ସମ୍ପାଦକ ଭାବେ ହେମନ୍ତ କୁମାର ମାଝି, ପ୍ରଚାର ପ୍ରସାର କମିଟି ଆବାହକ ଭାବେ ଦେବାନନ୍ଦ ତାଣ୍ଡି, ଖାଦ୍ୟ କମିଟି ଆବାହକ ପିଙ୍ଗଲ ମାଝି, ଅତିଥି ଅଭ୍ୟର୍ଥନା ଆବାହକ ଭକ୍ତରାମ ଦୁରିଆ, ଶାନ୍ତି କମିଟି ଆବାହକ ମହେନ୍ଦ୍ର କୁମାର ମାଝିଙ୍କୁ ସର୍ବସମ୍ମତି କ୍ରମେ ଦାୟିତ୍ୱ ଦିଆଯାଇଛି। ଶୋଭାଯାତ୍ରା କମିଟିରେ ଲକ୍ଷ୍ମୀନାରାୟଣ ବିଶି, ଭୁବନେଶ୍ୱର ବିଶି, ଫକୀର ମୋହନ ନାୟକ, ପଦ୍ମ ଚରଣ ହଂସଙ୍କୁ ଦାୟିତ୍ୱ ଦିଆଯାଇଥିଲା। କେମିତି ଧନୁଯାତ୍ରା ଶାନ୍ତିଶୃଙ୍ଖଳାର ସମାପନ କରାଯିବ ସେଉପରେ ସମସ୍ତେ ପ୍ରତିଶ୍ରୁତିବଦ୍ଧ ହେବା ଜରୁରୀ ବୋଲି କମିଟି ସଭାପତି କହିଥିଲେ।

### କେସିଙ୍ଗାରେ ରାଷ୍ଟ୍ରୀୟ ଲୋକ ଅଦାଲତ

କେସିଙ୍ଗା,୧୦।୧୨(ଡୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କେସିଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ବିଚାରପତି ତଥା ଅଧ୍ୟକ୍ଷ ତାଲୁକ ଆଇନ ସେବା ସମିତି ଧନଞ୍ଜୟ ନାୟକଙ୍କ ଅଧ୍ୟକ୍ଷତାରେ ଗୋଟିଏ ଚେକ୍ ବାଉନସ ମାମଲାର ଶୁଣାଣି କରି ୭ ଲକ୍ଷ ୮୩ ହଜାର ୭୧୪ ଟଙ୍କା ଆଦାୟ କରାଯାଇ ଥିବା ବେଳେ ୪୪ଟି ଅନ୍ୟ ଫୌଜଦାରି ମାମଲା ବିଚାର କରାଯାଇଥିଲା। ସେହିପରି ତହସିଲ କାର୍ଯ୍ୟାଳୟ ପକ୍ଷରୁ ୧୩୧ଟି ରାଜସ୍ୱ ମାମଲାର ବିଚାର କରାଯାଇ ୧ ଲକ୍ଷ ୬୩ ହଜାର ୦୮୭ ଟଙ୍କା ଆଦାୟ କରାଯାଇ ଥିଲା। ପ୍ରାକ୍ ବ୍ୟାଙ୍କ ଜଡ଼ିତ ୫୭ଟି ମାମଲା ୧୨ ଲକ୍ଷ ୧୮ ହଜାର ୧୦୦ ଟଙ୍କା ଆଦାୟ କରାଯାଇଥିଲା। ଏଥିରେ ସହକାରୀ ସରକାରୀ ଓକିଲ ତଥା ଓକିଲ ସଂଘ ସଭାପତି ପ୍ରକାଶ କୁମାର ଦାସ, ଆଇନଜୀବୀ ତଥା ସମ୍ମୁଖ କାର୍ଯ୍ୟାଳୟ ଆଇନ ପରାମର୍ଶ ଦାତା ସୌମ୍ୟ ରଞ୍ଜନ ମିଶ୍ର, ଗୋଲକ ଚନ୍ଦ୍ର ପଟ୍ଟନାୟକ, ସନ୍ଦୀପ କୁମାର ବାନାର୍ଜି, ସୌରରଶ୍ମି ନନ୍ଦଙ୍କ ସମେତ ନ୍ୟାୟାଳୟ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ



ମୟୂରୀ ଦାଶଙ୍କୁ 'ଯୁବ ପ୍ରତିଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଉଛି।

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)

**ଅଖିଳ ଭାରତୀୟ ସାହିତ୍ୟ ପରିଷଦର ଦ୍ୱିତୀୟ ସ୍ୱନକ୍ଷତ୍ର ଉତ୍ସବ**

ବ୍ୟକ୍ତିକୁ ବ୍ୟାପ୍ତି ଆଡକୁ ନିଏ ସାହିତ୍ୟ। ଭାଷା ଓ ଭାବ ଦୁଇ ଧାଡିରେ ରହି ଜୀବନୀବାର୍ତ୍ତା ଦିଏ ସାହିତ୍ୟ। ଭାରତୀୟ ଜ୍ଞାନ ଓ ପରମ୍ପରା ସାହିତ୍ୟ ମାଧ୍ୟମରେ ବିଶ୍ୱ ପରିବାର କଥା କହିଆସୁଛନ୍ତି। ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ମା' ମାଣିକେଶ୍ୱରୀ ଶାଖା, କଳାହାଣ୍ଡିର ଦ୍ୱିତୀୟ ବାର୍ଷିକ ଉତ୍ସବରେ ରବିବାର ଅତିଥିଗଣ ଏଭଳି ମତଦେଇଥିଲେ। ଭବାନୀପାଟଣା ବ୍ରଜବିହାର ବିଦ୍ୟାମନ୍ଦିରରେ ବରିଷ୍ଠ କବି ଜଗଦୀଶର ମୁଣ୍ଡଙ୍କ ସଭାପତତ୍ୱରେ ଉଧଘାଟକ ଭାବେ ଡ. ନିହାରେନ୍ଦ୍ର ପଣ୍ଡା, ମୁଖ୍ୟ ଅତିଥି ଭାବେ କୋରାପୁଟର ଡ. ରୁଦ୍ରାଣୀ ମହାନ୍ତି, ମୁଖ୍ୟବକ୍ତା ଭାବେ ବଲାଙ୍ଗୀରରୁ ସାହିତ୍ୟିକ ରାମଚନ୍ଦ୍ର ପଟେଲ ଓ ସମ୍ମାନିତ ଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଜୟସନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପରିଷଦର ସାହିତ୍ୟ ପତ୍ରିକା 'ମାଣିକ୍ୟବର୍ଣ୍ଣା' ଲୋକାର୍ପିତ ହୋଇଥିଲା। ସାହିତ୍ୟିକ କଳ୍ପନା ରଥ, ଧବଳେଶ୍ୱର ପାତ୍ର, ସଂଯୁକ୍ତା ମୁଣ୍ଡ, ସବିତା ଶତପଥୀ, ତିଳକରାମ ନିଆଲ, ପରମା ଜାନି, ସୁଦେଷ୍ଣ ପଣ୍ଡା, କବିତା ମୁଣ୍ଡ, ଚିତ୍ତରଞ୍ଜନ ସାହୁ, ଶିବଶକ୍ତି ପୁରୋହିତ ପ୍ରମୁଖ ସହଯୋଗ କରିଥିବାବେଳେ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ସାହିତ୍ୟ କ୍ଷେତ୍ରରେ ଅବଦାନ ପାଇଁ ସାହିତ୍ୟିକ ଜଗଦୀଶର ମୁଣ୍ଡଙ୍କୁ ବରିଷ୍ଠ ସାହିତ୍ୟିକ ସମ୍ମାନ, ବିରଞ୍ଚି ନାରାୟଣ ମୁଣ୍ଡଙ୍କୁ 'ସାହିତ୍ୟ ପରିଷଦ ସମ୍ମାନ', ଯୁବ ସଙ୍ଗଠକ ପ୍ରତାପ ଚନ୍ଦ୍ର ପଣ୍ଡାଙ୍କୁ 'ସାରସ୍ୱତ ସଙ୍ଗଠକ ସମ୍ମାନ' ଏବଂ ଆଶୁତୋଷ ପୁରୋହିତ ଓ ମୟୂରୀ ଦାଶଙ୍କୁ 'ଯୁବ ପ୍ରତିଭା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶିଳ୍ପୀ ଝରଣା ପାଢ଼ୀ ପ୍ରାରମ୍ଭିକ ଗୀତ ପରିବେଷଣ କରିଥିବାବେଳେ ଉପାଧ୍ୟକ୍ଷା ମୀନାକୁମାରୀ ମୁଣ୍ଡ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ରେଣ୍ଡୋ ମାଝିଙ୍କୁ ନେଇ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କଳାହାଣ୍ଡି ଜିଲା ସଂଯୋଜକ ମନୋଜ କୁମାର ନାଏକ କାର୍ଯ୍ୟକ୍ରମ ସଂଯୋଜନା ଓ ପରିଚୟ ପ୍ରଦାନ କରିଥିବାବେଳେ କବି ସ୍ୱର୍ଣ୍ଣକାନ୍ତି ବୈକାର ଧନ୍ୟବାଦ ଦେଇଥିଲେ।

### ବୋରପଦର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଏନ୍‌କ୍ୟୁଏଏସ୍ ଟିମ୍

କର୍ଲାମୁଣ୍ଡା,୧୦।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବୋରପଦର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରକୁ (ଏନ୍‌କ୍ୟୁଏଏସ୍) ଜାତୀୟ ଗୁଣବତ୍ତା ନିଶ୍ଚିତତା ମାନ ଯାଞ୍ଚ କମିଟି ପକ୍ଷରୁ ଶୁକ୍ରବାର ଏକ୍ସଟରନାଲ ଏସେସମେଣ୍ଟ ହୋଇଥିବା ଜଣାପଡ଼ିଛି। ଜାତୀୟସ୍ତରରୁ ଆସିଥିବା ଏହି ଟିମକୁ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ସ୍ୱାଗତ କରାଯାଇଥିଲା। ଏହି ଟିମ ପକ୍ଷରୁ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ ଏବଂ ଗୁଣାତ୍ମକମାନର ଆକଳନ ନିମନ୍ତେ ସମସ୍ତ କାର୍ଯ୍ୟ ତଦାରଖ କରିଥିଲେ। ଏଥିରେ ରବି କୁମାର ମନ୍ତ୍ରୀ, ଶତୋ ଚରଣ, ଭବାନୀଶଙ୍କର ସାହୁ,ରୀତା ନାଏକ, କୁମାରୀ ଜ୍ୟୋତି ମାନସ କଟା ରହିଥିବା ବେଳେ ବିପିଏମ ଅଜିତ ସିଂ କୁମାର, ପିଏଚଇଓ କିଶୋର ଚନ୍ଦ୍ର ଦାଶ, ବିଡିଏମ ବିଶ୍ୱଜିତ ମହାନ୍ତି, ବେଦ ଶଙ୍କର ସାହୁ, ରଞ୍ଜିତା ନାଏକ, ପ୍ରିୟଙ୍କା ଚୌଧୁରୀ, ପ୍ରଶାନ୍ତ ଦୀପ, ସମସ୍ତ ଆଶା କର୍ମୀ ତଥା ଅନ୍ୟ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ତ କର୍ମଚାରୀ ଏବଂ ବ୍ଲକ ରୁ ଆସିଥିବା ସମସ୍ତ ସ୍ୱାସ୍ଥ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ: ୧୨୧୫ ମାମଲା ଫଇସଲା

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାର ସମସ୍ତ ବିଚାର ବିଭାଗୀୟ ଅଦାଲତଗୁଡିକରେ ଚଳିତବର୍ଷ ୨୦୨୩ର ଚତୁର୍ଥ ରାଷ୍ଟ୍ରୀୟ ଲୋକ ଅଦାଲତ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲା ଓ ଦୌରା ଜଜ୍ ତଥା ଜିଲା ଆଇନସେବା ପ୍ରାଧିକରଣର ଅଧ୍ୟକ୍ଷ ଦିପ୍ତି ରଞ୍ଜନ କାନୁନ୍ ଗୋ ଓ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ଶୁଭ ଗୌତମ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ଅଦାଲତରେ ୨୨ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧କୋଟି ୫ଲକ୍ଷ ୨୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୯ଟି ଦେୱାନୀ ମକଦ୍ଦମା ଫଇସଲା କରାଯାଇ ୧୪ଲକ୍ଷ ୪୬ ହଜାର ଟଙ୍କା ସମାଧାନ କରାଯାଇଥିଲା। ବିଚାର ଯୋଗ୍ୟ ୩୦୬ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇ ୪ ଲକ୍ଷ ଟଙ୍କା ଆଦାୟ କରାଯାଇଥିଲା। ଏନଆଇ ଆକ୍ଟ ମାମଲାଗୁଡିକ (ଦଫା-୧୩୮)୭ଟି ଫଇସଲା କରାଯାଇ ୧୨ଲକ୍ଷ ୧୮ହଜାର ୩୭୬ ଟଙ୍କା ସମାଧାନ କରାଯାଇଥିଲା। ବିବାହ ଜନିତ ମକଦ୍ଦମା ୧୦ଟି ଫଇସଲା କରାଯାଇଥିଲା। ରାଜସ୍ୱ ମକଦ୍ଦମା ୬୨୯ଟି ଫଇସଲା କରାଯାଇ ୫ ଲକ୍ଷ ୩୪ ହଜାର ୪୯୫ ଟଙ୍କା ଆଦାୟ କରାଯାଇଥିଲା। ସେହିପରି ୨୧୨ଟି ପ୍ରାକ ମକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୪୨ଲକ୍ଷ ୫୫ହଜାର ୭୯୯ଟଙ୍କା ଆଦାୟ କରାଯାଇଥିଲା। ଏହାସହ ପରିବାର ଅଦାଲତରେ ୮ଟି ମାମଲାର ଫଇସଲା କରାଯାଇଥିଲା। ଲୋକ ଅଦାଲତରେ ପରିବାର ଅଦାଲତ ଜଜ୍ ଲଳିତ କୁମାର ଦାସ, ଅତିରିକ୍ତ ଜିଲା ଜଜ୍ ଭିଜିଲାନ୍ସ ଶ୍ରୀକାନ୍ତ ମିଶ୍ର, ଅତିରିକ୍ତ ଜିଲା ଓ ଦୌରାଜଜ୍ ସ୍ମୃତି ରେଖା ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରିଜା ରାୟ, ସନିୟର ସିଭିଲ ଜର୍ଜ ସମାପିକା ମହାନ୍ତି, ଆସିଷ୍ଟାଣ୍ଟ ସେସନ୍ସ ଜଜ୍ ମହିଳା କୋର୍ଟ ରଶ୍ମୀ ରେଖା ପାତ୍ର, ଉପଖଣ୍ଡ ବିଚାର ବିଭାଗୀୟ ମାଜଷ୍ଟ୍ରେଟ ପି.ସୀତାଲକ୍ଷ୍ମୀ ପ୍ରମୁଖ ଉପସ୍ଥିତ ରହି ନିଜ ଅଦାଲତଗୁଡିକ ପରିଚାଳନା କରିଥିଲେ। ସେହିପରି ଲୋକ ଅଦାଲତରେ ଅତହକ୍ ଏଡିଜେ ଏଫ୍‌ଟିଏସ୍‌ସି ଏଡିଜେ ପୋକ୍ସୋ ଶୁଭଞ୍ଜନ ମହାନ୍ତି, ରେଜିଷ୍ଟ୍ରାର ସିଭିଲ କୋର୍ଟ ଶ୍ରୀଦିପ ମିଶ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

## ରେଙ୍ଗାଲି, ମହଦା, କେସିଙ୍ଗା ସେମିଫାଇନାଲକୁ ଉନ୍ନୀତ

କେସିଙ୍ଗା,୧୦।୧୨(ଡୁମେଶ୍ୱର ସାହୁ)

**ପଣ୍ଡରା ଯୁବା ମଞ୍ଚ କ୍ରିକେଟ୍ ପ୍ରତିଯୋଗିତା**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ବାଲସି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ରେଙ୍ଗାଲି ଖେଳପଡ଼ିଆଠାରେ ପ୍ରଗତିଶୀଳ ପଣ୍ଡରା ଯୁବା ମଞ୍ଚ ଆନୁକୂଲ୍ୟରେ ତୃତୀୟ ବର୍ଷ କ୍ରିକେଟ୍ ପ୍ରତିଯୋଗିତା ରବିବାର ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତା ୧୧ ତାରିଖରେ ଉଦଯାପିତ ହେବ। ତୃତୀୟ ଦିବସରେ ପ୍ରଗତିଶୀଳ ପଣ୍ଡରା ଯୁବା ମଞ୍ଚ ରାଜ୍ୟ କୋର କମିଟି ସଦସ୍ୟ ଅଧ୍ୟାପକ ସରୋଜ ସାହା ଏବଂ ଅନ୍ୟତମ କୋର କମିଟି ସଦସ୍ୟ ତଥା ଜିଲା ଆବାହକ ଜ୍ଞାନେନ୍ଦ୍ର ଭୋଇ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହିତ ଏହି ପ୍ରତିଯୋଗିତା ପଣ୍ଡରା ସମାଜର ଏକତାର ବାର୍ତ୍ତାବହ ବୋଲି ପ୍ରକାଶ କରିଥଲେ। ପ୍ରଥମ ମ୍ୟାଚ୍‌ରେ ଲୁଥୁର୍ବନ୍ଧ ଦଳକୁ ଯୋଲକୋ ପରାସ୍ତ କରିଥିଲେ। ପୂର୍ବରୁ କେସିଙ୍ଗା, ରେଙ୍ଗାଲି, ମହଦା ସେମିଫାଇନାଲକୁ ଉନ୍ନୀତ ହୋଇ ସାରିଛନ୍ତି । ଏହି ଅବସରରେ ରେଙ୍ଗାଲି ଗ୍ରାମ୍ୟ କମିଟି ସଭାପତି ରଜନୀକାନ୍ତ ସାହା, ରସାନନ୍ଦ ସାହା, ସଙ୍କୀର୍ତ୍ତନ ସାହା, ଦାଶରଥି ସାହା, ଦଶରଥ ସାହା, ଗଜିନ୍ଦ୍ର ସାହା, ଧନୁର୍ଯ୍ୟ ବିଶି, ସୀମାଞ୍ଚଳ୍ ସାହା, ରାମେଶ୍ୱର ସାହା, ଜଗବନ୍ଧୁ ସାହା, ରୋମାଞ୍ଚଳ ସାହା ଏବଂ ଆୟୋଜନ କମିଟିର ଫିରୋଜ, ଆଡିସନ, ବିଜୁ, ଜଗା, ରୋଷନ୍ ପ୍ରମୁଖ ଉପସ୍ଥିତ ଥିଲେ। ଜବର୍ ଧାରା ବିବରଣୀ ପ୍ରଦାନ କରିଥିଲେ ।



ରେଙ୍ଗାଲି ଖେଳପଡ଼ିଆଠାରେ ଅନୁଷ୍ଠିତ କ୍ରିକେଟ୍ ପ୍ରତିଯୋଗିତା।

## ନକଲି ଆଦିବାସୀ ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ ନିଅ

ଭବାନୀପାଟଣା,୧୦।୧୨(ଉତ୍ତମ କୁମାର ଦାଶ)




ଭବାନୀପାଟଣାରେ ଅନୁଷ୍ଠିତ ଶୋଭାଯାତ୍ରା।

**ଶହୀଦ ରେଣ୍ଡୋ ମାଝିଙ୍କ ବଳିଦାନ ଦିବସ**

- ଭବାନୀପାଟଣାରେ ବିଶାଳ ଶୋଭାଯାତ୍ରା

କଳାହାଣ୍ଡି ଜିଲା ଭବାନୀପାଟଣା ସହରରେ ରବିବାର କଳାହାଣ୍ଡି ଜିଲା ଆଦିବାସୀ ସଂଘ ପକ୍ଷରୁ ଶହୀଦ ରେଣ୍ଡୋ ମାଝିଙ୍କ ୧୬୮ତମ ବଳିଦାନ ଦିବସରେ ଏକ ବିଶାଳ ଶୋଭାଯାତ୍ରା କରାଯାଇଛି। ପରଦେଶୀପଡା ଆରଇଓ କଲୋନୀ ଜେନାଖାଲ ରାସ୍ତାଠାରୁ ଜିଲାପାଳଙ୍କ ଅଫିସ ପର୍ଯ୍ୟନ୍ତ ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଏକ ସାଧାରଣ ସଭା ହୋଇଥିଲା। ଜିଲା ସଭାପତି ପରମାନନ୍ଦ ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ନବରଙ୍ଗପୁର ଜିଲା ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି, ମୁଖ୍ୟବକ୍ତା ଭାବେ ପଶ୍ଚିମ ଓଡିଶା ଆଦିବାସୀ କଲ୍ୟାଣ ମହାସଂଘର ସଭାପତି ବାଳକୃଷ୍ଣ ଶବର, ସମ୍ମାନିତ ଅତିଥି ଭାବେ କୋରାପୁଟ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗି, ନୂଆପଡା ଜିଲା ସଭାପତି ଭାନୁ ପ୍ରତାପ ସିଂ ମାଝି, ଜିଲା ଆଦିବାସୀ ସଂଘ ସମ୍ପାଦକ ସୁକଦେବ ମାଝି, ସଙ୍ଗଠନ ସମ୍ପାଦକ ସୁରେଶ ମାଝି, ଆଦିବାସୀ ମହାସଂଘର ସରୋଜିନୀ ମାଝି, କନ୍ଧ ସମାଜର ସଭାପତି ସୁରେଶ ଭୋଇ, ଜିଲା ଆଦିବାସୀ ସଂଘ ଉପସଭାପତି ଚୁଡାମଣି ମାଝି, ଭବାନୀପାଟଣା ନଗର ସଭାପତି ଭାଗ୍ୟବତୀ ମାଝି, ନାରୀନେତ୍ରୀ ରୀନା ଭୋଇ, ଶେଷଦେବ ମାଝି ପ୍ରମୁଖ ଯୋଗଦେଇ ଜାତି ଓ ମାଟି ପ୍ରତି ଶହୀଦ ମାଝିଙ୍କ ବଳିଦାନ ଉପରେ ଉଦ୍‌ବୋଧନ ଦେଇଥିଲେ। ସେହିପରି ଭଙ୍ଗାବାରୀ ଶହୀଦ ରେଣ୍ଡୋ ମାଝି ମେଡିକାଲ କଲେଜ ସମ୍ମୁଖରେ ଶହୀଦ ରେଣ୍ଡୋ ମାଝିଙ୍କ ଏକ ପୂର୍ଣ୍ଣମୂର୍ତ୍ତି ସ୍ଥାପନ କରିବା, ଆଦିବାସୀଙ୍କ ଜଳ, ଜଙ୍ଗଲ ଓ ଜମି ଉପରେ ଅଧିକାର, ପେଶା ଆଇନକୁ କଡାକଡି ପାଳନ କରିବା, ଆଦିବାସୀ ଜମିକୁ ହସ୍ତାନ୍ତର କରିବାର କଟକଣାକୁ ବିରୋଧ, ନକଲି ଆଦିବାସୀ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ନେବା, ଶିକ୍ଷା, ସ୍ୱାସ୍ଥ୍ୟ ଉପରେ ବକ୍ତାମାନେ କହିଥିଲେ। ଜିଲା ସଙ୍ଗଠନ ସମ୍ପାଦକ ସୁରେଶ ମାଝି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ଶୋକସଭାରେ ବଣିକ ସଂଘ ପୂର୍ବତନ ସଭାପତିଙ୍କ ସ୍ମୃତିଚାରଣ

**ଡୁଙ୍ଗୁରିପାଲି, ୧୦।୧୨ (ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବଣିକ ସଂଘର ପୂର୍ବତନ ସଭାପତି ଗୌରାଙ୍ଗ ସାହୁ (୭୩)ଙ୍କ ଅକାଳ ବିୟୋଗରେ ଶୋକ ପ୍ରକାଶ କରିଛି ବଣିକ ସଂଘ। ହାଇସ୍କୁଲ ଛକ ନିକଟରେ ଥିବା ଏକ ହୋଟେଲରେ ସଂଘ ପକ୍ଷରୁ ଅନୁଷ୍ଠିତ ଏକ ଶୋକସଭାରେ ସ୍ୱର୍ଗତ ସାହୁଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଉପସ୍ଥିତ ସଦସ୍ୟମାନେ ଦିବଂଗତ ସାହୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରେ ୨ମିନିଟ ନୀରବ ପ୍ରାର୍ଥନା କରିଥିଲେ। ଜଣେ ଅଗ୍ରଣୀ ଚାଷୀ, ସମାଜସେବୀ, ବ୍ୟବସାୟୀ ଶିକ୍ଷାବିତ୍‌ଭାବେ ଗୌରାଙ୍ଗ ସାହୁଙ୍କର ନାମ ଥିଲା। ଡୁଙ୍ଗୁରିପାଲିର ବିଭିନ୍ନ ସାମୂହିକ କାର୍ଯ୍ୟରେ ସେ ସାମିଲ ହୋଇ କରିଥିବା ଜନହିତକର କାମର ସ୍ମୃତିଚାରଣ କରାଯାଇଥିଲା। ବଣିକ ସଂଘ ସଭାପତି ପ୍ରଦୀପ ମିଶ୍ର, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର, ଗୋପାଳ ବାରିକ, ବିପ୍ରଚରଣ ସାହୁ, ପବିତ୍ର ମୋହନ ପାଣ୍ଡିଆ, ସୁନିଲ ମେହେର, କନ୍ଦର୍ପ ସାହୁ, ଗାନ୍ଧୀ ସାହୁ, ନରୋତ୍ତମ ବରିହା, ନରେଶ ଅଗ୍ରୱାଲ, ପ୍ରମୁଖ ଉପସ୍ଥିତ ଥିଲେ। ଶୋକସଭାକୁ ଗୋପାଳ ବାରିକ ପରିଚାଳନା କରିଥିଲେ। ଗତ ୫ତାରିଖ ପୂର୍ବାହ୍ନ ୧୦ଟାରେ ଅସୁସ୍ଥତା ଅନୁଭବ କରିବା ପରେ ଗୌରାଙ୍ଗଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାକୁ ନେବା ବାଟରେ ବିୟୋଗ ଘଟିଥିଲା।

# ପୁଣି ସମୂହ ଛୁଟିରେ ଯିବେ ଜିଲାସ୍ତରୀୟ ଅମଲା

**ସୋନପୁର, ୧୦।୧୨ (ମୃତ୍ୟୁଞ୍ଜୟ ଶତପଥୀ)**



ବୈଠକରେ ଯୋଗ ଦେଇଥିବା ଜିଲାସ୍ତରୀୟ ଅମଲାମାନେ।

**ମିଳିତ ଅମଲା ମଞ୍ଚର ବୈଠକ**

**■ ଦାବି ପୂରଣ ନହେଲେ ୨୦ରୁ ଆନ୍ଦୋଳନ**

ସୁବର୍ଣ୍ଣପୁର ଏନଜିଓସିସି ହଲରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର ଜରୁରୀ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମିଳିତ ଅମଲା ମଞ୍ଚର ଆବାହକ ତଥା ଜିଲା ଅଧ୍ୟକ୍ଷ ଚିତ୍ତ ରଞ୍ଜନ ତରାସିଆଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ମିଳିତ ଅମଲା ମଞ୍ଚ ଆବାହକ ଦିନେଶ ରଞ୍ଜନ ମିଶ୍ର ସଭା ସଂଯୋଜନା କରିଥିଲେ। ଜିଲାରେ କାର୍ଯ୍ୟରତ ସମସ୍ତ ବିଭାଗର ଅମଲା ଏହି ସଭା ରେ ଯୋଗ ଦେଇଥିଲେ। ଅମଲା ମାନଙ୍କର ଦୀର୍ଘ ଦିନର ଦାବି ଶିକ୍ଷାଗତ ଯୋଗ୍ୟତା ଭିତ୍ତିରେ କନିଷ୍ଠ ସହାୟକଙ୍କ ଦରମା ଲେବେଲ ୪ରୁ ଲେଲେ ୯ କୁ ବୃଦ୍ଧି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ଦାବି ପ୍ରତି ସରକାରଙ୍କ ଟାଳଟୁଳ ନୀତି ତଥା ଅହେତୁକ ଉଦାସୀନତାକୁ ସମସ୍ତ ସଭ୍ୟ ନିନ୍ଦା କରିବା ସହିତ ସ୍ଥଗିତ ଥିବା ଆନ୍ଦୋଳନକୁ ପୁନଃ ଆରମ୍ଭ କରିବା ପାଇଁ ମତ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ, ଏହି ସମାନ ଦାବି ନେଇ ସାରା ରାଜ୍ୟର ସମସ୍ତ ବିଭାଗର ସବୁ ଅମଲା ଗତ ଜୁନ ୧ରୁ ୧୭ ତାରିଖ ପର୍ଯ୍ୟନ୍ତ ସାମୂହିକ ଛୁଟିରେ ରହି ସମ୍ପୂର୍ଣ୍ଣ କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରୁ ଖୁବ୍‌ଶୀଘ୍ର ଦାବି ପୁରଣ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଅମଲାମାନେ ପୁଣି କାର୍ଯ୍ୟରେ ଯୋଗଦାନ କରିଥିଲେ। ଇତି ମଧ୍ୟରେ ୬ ମାସ ସମୟ ବିତିବାକୁ ଯାଉଥିଲେ ମଧ୍ୟ ସରକାରଙ୍କ ତରଫରୁ କୌଣସି ସକାରାତ୍ମକ ପଦକ୍ଷେପ ନିଆଯାଉଥିବା ଜଣା ପଡୁ ନ ଥିବାରୁ ଅମଲାମାନଙ୍କ ମନରେ କ୍ଷୋଭ ସୃଷ୍ଟି ହେବା ସହ ଅସନ୍ତୋଷ ଦାନା ବାନ୍ଧୁଛି। ତେଣୁ ଗତ ଡିସେମ୍ବର ୩ରେ ଭୁବନେଶ୍ୱର ଗୀତ ଗୋବିନ୍ଦ ଭବନ ଠାରେ ରାଜ୍ୟ ମିଳିତ ଅମଲା ମଞ୍ଚର ବୈଠକରେ ସରକାରଙ୍କୁ ଆସନ୍ତା ଡିସେମ୍ବର ୧୯ ତାରିଖ ପର୍ଯ୍ୟନ୍ତ ଦାବି ପୂରଣ ପାଇଁ ସମୟ ଦେବା ସହ ସେହି ସମୟ ମଧ୍ୟରେ ଦାବି ପୁରଣ ନ ହେଲେ ଆସନ୍ତା ଡିସେମ୍ବର ୨୦ରୁ ସ୍ଥଗିତ ଥିବା କାର୍ଯ୍ୟବନ୍ଦ ଆନ୍ଦୋଳନକୁ ପୁନଃ ଚାଲୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ରବିବାର ବୈଠକରେ ଉପସ୍ଥିତ ସମସ୍ତ ସଦସ୍ୟ ଆସନ୍ତା ଡିସେମ୍ବର ୨୦ ତାରିଖରୁ ସାମୂହିକ ଛୁଟିରେ ଯିବା ପାଇଁ ନିଷ୍ପତ୍ତି ନେବା ସହ ଜନସାଧାରଣଙ୍କ ସମର୍ଥନ ଲୋଡିଛନ୍ତି। ଏହି ବୈଠକରେ ଓଡ଼ିଶା ରାଜସ୍ୱ ଅମଲା ସଂଘ ଅଧ୍ୟକ୍ଷ ନିଳାମ୍ବର ଶତପଥୀ, ସମ୍ପାଦକ ବନମାଳୀ ମେହେର, ଓଡ଼ିଶା ଅମଲା ସଂଘର ଜୟଦ୍ରଥ ଜଗଦଲା, ଦିଲ୍ଲୀପ ପାଣିଗ୍ରାହୀ, ଶିବଦତ୍ତ ଦାସ, ନାଗାର୍ଜୁନ ପାଣ୍ଡେ, ଦୂର୍ବଦଳ ସେଠ, ଯୋଗେନ୍ଦ୍ର ସେଠୀ, ଗୋବିନ୍ଦ ବଢେଇ, ବିଶ୍ୱରଞ୍ଜନ ମହାପାତ୍ର, ଉମାକାନ୍ତ ହୋତା, ସୁଧାଂଶୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଜାନୁୟାରୀ ୧୯ରୁ ପୁରନ୍ଦରଙ୍କ ସ୍ମୃତିରେ ନାଟ ମହୋତ୍ସବ

**ସୋନପୁର, ୧୦।୧୨ (ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁରର ବିଶିଷ୍ଟ ପାଟତୁଲିଆ ସ୍ୱର୍ଗତ ପୁରନ୍ଦର ବାରିକଙ୍କ ସ୍ମୃତିରେ ସ୍ମୃତି କମିଟି ପକ୍ଷରୁ ପ୍ରଥମ ନାଟ ମହୋତ୍ସବ ଆସନ୍ତା ଜାନୁୟାରୀ ୧୯ ତାରିଖରେ ସୋନପୁର ରୟାଲ ପଡିଆ ଥିଏଟର୍ ମଞ୍ଚରେ ଅନୁଷ୍ଠିତ ହେବ। ପଶ୍ଚିମ ଓଡ଼ିଶାର ବଛାବଛା ନାଟ ଅନୁଷ୍ଠାନମାନଙ୍କୁ ନେଇ ଜାନୁୟାରୀ ୧୯ ରୁ ୨୧ତାରିଖ ପର୍ଯ୍ୟନ୍ତ ସମ୍ବଲପୁରୀ/କୋସଲି ନାଟ ମହୋତ୍ସବ ଅୟୋଜିତ ହେବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ବ୍ଲକଛକ ଦୁର୍ଗାମଣ୍ଡପରେ ନାଟ୍ୟଶ୍ରୀ ଗଦାଧର ବାରିକଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇ ମହୋତ୍ସବ ପାଇଁ ପୁରନ୍ଦର ବାରିକ ସ୍ମୃତି କମିଟି ଗଠନ କରାଯାଇଥିଲା। ସ୍ମୃତି କମିଟି ଅଧ୍ୟକ୍ଷ ଭାବେ ଅରବିନ୍ଦ ବାରିକ, ସଂଯୋଜକ ଗଦାଧର ବାରିକ, ସମ୍ପାଦକ ଦିଲୀପ ପାତ୍ର, କୋଷାଧ୍ୟକ୍ଷ ଭାବେ ନିଶାନ୍ତ କୁମାର ମହାନ୍ତି ଓ ପରାମର୍ଶଦାତା କମିଟିରେ ଡ଼କ୍ଟର ପୁରୁଷୋତ୍ତମ ମିଶ୍ର, ବେଣୁଧର ପ୍ରଧାନ, ଅଶୋକ କୁମାର ଜେନା, ବେଣୀମାଧବ ବେଦବାକ, ପ୍ରିୟବ୍ରତ ସାହୁ, ଶରତ ମହାପାତ୍ର, ଜ୍ୟୋର୍ତିମୟ ମିଶ୍ର, ସୁବ୍ରତ କୁମାର ସେଠୀ, ଦେବାଶିଷ ପଟ୍ଟନାୟକ, ଜଗନ୍ନାଥ ଧରୁଆ, ଅମିୟ ରଞ୍ଜନ ଦାଶ, ପିତବାସ ମିଶ୍ର, ରାମଶଙ୍କର ଖମାରୀ, ପ୍ରଦୀପ ଶଙ୍ଖୁଆ, ହରିହର କର୍ଣ୍ଣ ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ୬ଟାରୁ ୧୦ଘଣ୍ଟା ପର୍ଯ୍ୟନ୍ତ ତିନୋଟି ନାଟକ ପରିବେଷଣ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।



ନାଟ ମହୋତ୍ସବ ପାଇଁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସ୍ମୃତି କମିଟି ସଦସ୍ୟମାନେ।

# ଉଦ୍‌ଘାଟିତ ହେଲା ବୌଦ୍ଧର ଧନୁଯାତ୍ରା

**ମଞ୍ଚସ୍ଥ ହେଲା ନାଟକ ଧର୍ମ ସଂସ୍ଥାପନାର୍ଥାୟ**

**ବୌଦ୍ଧ, ୧୦।୧୨ (ଅଜିତ କୁମାର ବାରିକ)**

ବୌଦ୍ଧ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ଭୈରବୀ ପଡିଆଠାରେ ରବିବାର ଉଦ୍‌ଘାଟିତ ହୋଇଛି ଧନୁଯାତ୍ରା। ଯାତ୍ରାକୁ କଳା ପରିଷଦର ସଭାପତି ବୃନ୍ଦାବନ ମେହେର, ସମ୍ପାଦକ ପଙ୍କଜ କୁମାର ସାହୁ, ନାଟ୍ୟକାର ହୃଦାନନ୍ଦ ମେହେର, ନାଟ୍ୟ ନିର୍ଦ୍ଦେଶକ ଦେବାଙ୍ଗନ ମେହେର, ଉପଦେଷ୍ଟା ରମେଶ ପ୍ରସାଦ ମେହେର ଓ ଜଗନ୍ନାଥ ମେହେର ଅତିଥି ଭାବେ ଯୋଗଦେଇ ଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନ ଦିବସରେ ନାଟ୍ୟ କଳାପରିଷଦ ପକ୍ଷରୁ ସକାଳେ ମହାନଦୀରୁ କଳସ ଶୋଭାଯାତ୍ରା ବାହାରି ମଦନ ମୋହନ ଜୀଉଙ୍କ ମନ୍ଦିରକୁ ଆସିବା ପରେ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା। ନାଟ୍ୟୋତ୍ସବର ପ୍ରଥମ ଦିନରେ ପରିବେଷଣ ହୋଇଥିଲା ନାଟକ ଧର୍ମ ସଂସ୍ଥାପନାର୍ଥାୟେ। ଏହି ନାଟକରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ସ୍ୱର୍ଗାରୋହଣ ଏବଂ ଦ୍ୱାପରରେ କୃଷ୍ଣ ଅବତାର ପାଇ ପରିକଳ୍ପନା କରିବା ସଙ୍ଗେ ସଙ୍ଗେ କଂସର ଜନ୍ମ ଏବଂ ଦେବକୀ ଓ ବସୁଦେବଙ୍କ ବିବାହ ପରେ ଶୁନ୍ୟବାଣୀ ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ ତୋର ବଧ କରିବ। ଶୁନ୍ୟବାଣୀ ଶୁଣି କଂସ ଉତ୍‌କ୍ଷିତ ହୋଇ ଦେବକୀ ଓ ବସୁଦେବଙ୍କୁ କାରାବାସ ଦେଇ ଚିତ୍ରସେନ ଓ ଇନ୍ଦୁମତିକୁ ମଧ୍ୟ କାରାବାସ ଦେଇ ନିଜେ ମଥୁରାର ରାଜା ହୋଇ ତ୍ରିପୁର ବିଜୟ କରିବା ପାଇଁ ଯାତ୍ରା ଆରମ୍ଭ କରିଛି। ଏହା ସହ ପଦ୍ମାବତୀ ସହ କଂସର ବିବାହ ହେବା ସହ ଜରାସନ୍ଧକୁ ବଧ ଆଦି ନାଟକ ପରିବେଷଣ ହୋଇଥିଲା। ଦୀର୍ଘ ୮ ଦିନ ଧରି ପରିବେଷଣ ହେବାକୁ ଥିବା ଏହି ନାଟ୍ୟସ୍ଥୋବରେ ବୌଦ୍ଧ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହେଉଛି। ଏହି ଯାତ୍ରା ସମୟରେ ସହରବାସୀଙ୍କୁ ନାଟକର ଭାବଧାରାରେ ବାନ୍ଧି ରଖିବା ପାଇଁ ସହରର ବିଭିନ୍ନ ଛକଜାଗାରେ ପଥପ୍ରାନ୍ତ ନାଟକ ଆୟୋଜନର ବ୍ୟବସ୍ଥା କରାଯାଇଛି। ନାଟ୍ୟୋତ୍ସବର ସଭାପତି ବୃନ୍ଦାବନ ମେହେର ଓ ସମ୍ପାଦକ ପଙ୍କଜ ମେହେରଙ୍କ ତତ୍ତ୍ୱାବଧାନରେ ଏହି ଯାତ୍ରା ପରିଚାଳନା ହେଉଛି। ନାଟକର ବିଭିନ୍ନ ଚରିତ୍ରରେ ନାଟ୍ୟୋତ୍ସବର ସମସ୍ତ ସଦସ୍ୟମାନଙ୍କ ଦ୍ୱାରା ପରିବେଷିତ ହେଉଛି। ଏହା ସହ ଯାତ୍ରାକୁ ଅଧିକ ସରସସୁନ୍ଦର କରିବାକୁ ମିନାବଜାରର, ବାଣିଜ୍ୟମେଳା ଆୟୋଜନ କରାଯାଇଛି। ନାଟକ ଦେଖିବା ପାଇଁ ଲୋକଙ୍କ ଗହଳି ହେଉଥିବା ଦେଖିବାକୁ ମିଳିଛି।

# ମାନବିକ ଅଧିକାର ସୁରକ୍ଷିତ ରଖିବାକୁ ପ୍ରାଥମିକତା




ବିଶ୍ୱ ମାନବିକ ଅଧିକାର ଦିବସ ପାଳନ ଅବସରରେ ସଦସ୍ୟାମାନେ।

**ଅମରପାଲି, ୧୦।୧୨ (ପୀତାମ୍ବର ସାହୁ)**

ଶସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ କେନଝିରିଆପାଲି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ରେଆର ସୋନପୁର ତରଫରୁ ବିଶ୍ୱ ମାନବିକ ଅଧିକାର ଦିବସ ପାଳନ କରାଯାଇଛି। ଏଥିରେ ମହିଳା ମହାସଂଘ ସଭାନେତ୍ରୀ ଅଞ୍ଜଳି କର୍ଣ୍ଣ ମୁଖ୍ୟ ଅତିଥି, ସମ୍ପାଦିକା କୌଶଲ୍ୟା ଆଡ଼ୁଆଡ଼ି, କାର୍ଯ୍ୟ ନିର୍ବାହୀ ସଭ୍ୟା ସଂଯୁକ୍ତା ପାଢ଼ୀ, ଏମ୍‌ବିକେ ଗୀତାଞ୍ଜଳି ଜେନା ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ରେଆରର କାର୍ଯ୍ୟକ୍ରମ ସଂଯୋଜକ ବିଶ୍ୱମ୍ବର ସାହୁ ଉକ୍ତ ଦିବସର ତାତ୍ପର୍ଯ୍ୟ ବିଷୟରେ ଉପସ୍ଥାପନା କରିଥିଲେ। ରେଆର କର୍ମୀ ସୁଦାମ ଗାଇଗରିଆ ମାନବିକ ଅଧିକାର ଉଲ୍ଲଂଘନ ହେଲେ ଆମେ କିପରି ରାଜ୍ୟ ଓ ଜାତୀୟସ୍ତରରେ ମାନବିକ ଅଧିକାର କମିଶନରେ ଅଭିଯୋଗ କରିବା ଏବଂ କମିଶନଙ୍କ କାର୍ଯ୍ୟପଦ୍ଧତି ବିଷୟରେ ଆଲୋଚନା କରିଥିଲେ। ସୌଦାମିନୀ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପୋଲିସ ପକ୍ଷରୁ ୯ ହଜାର ଗଞ୍ଜେଇ ଗଛ ନଷ୍ଟ

**ଘଣ୍ଟାପଡା, ୧୦।୧୨ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଘଣ୍ଟାପଡା ଥାନା ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ଗଞ୍ଜେଇ ନଷ୍ଟ କରାଯାଇଛି। ସୂଚନାପ୍ରକାରେ ନାରାୟଣପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ବଡ଼ ଲୁଣ୍ଠୁରୁ ଜଙ୍ଗଲରେ ଗଞ୍ଜେଇ ରୋପଣ ହୋଇଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଘଣ୍ଟାପଡା ଥାନା ଅଧିକାରୀ ବଳଭଦ୍ର ଗଣ୍ଡାଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ପ୍ରାୟ ୭ ଏକର ପରିମିତ ଜାଗାରେ ବେଆଇନ ଭାବେ ଲଗାଯାଇଥିବା ୯ ହଜାର ଗଞ୍ଜେଇ ଗଛ କାଟିବା ସହିତ ପୋଡି ନଷ୍ଟ କରିଛନ୍ତି। ଉକ୍ତ ଚଢ଼ାଉରେ ଥାନା ଅଧିକାରୀ ଗଣ୍ଡାଙ୍କ ସମେତ ଏସ୍‌ଆଇ ବିଶ୍ୱାମିତ୍ର ଲୋଇ, କନଷ୍ଟେବଳ ଶଶାଙ୍କ ଶେଖର ସାହୁ, ଦାମୋଦର ନାୟକ, ହୋମଗାର୍ଡ ଜଳେଶ୍ୱର କୁମ୍ଭାର, ଗିରିଶ ଚନ୍ଦ୍ର କହଁର, ଶିରିଧାରୀ ମାଝି, ୨ ସେକସନ ଯବାନ ଓ ଶ୍ରମିକ ସାମିଲ ଥିଲେ ।

# ଟିଟିଲାଗଡ଼-ସମ୍ବଲପୁର ଫାଇନାଲ

**ତରଭା, ୧୦।୧୨ (ମାନଭଞ୍ଜନ ମିଶ୍ର)**

**ରାଧାଗୋବିନ୍ଦ ସାହୁ ମେମୋରିଆଲ କ୍ରିକେଟ**

ସୁବର୍ଣ୍ଣପୁର ଜିଲା ତରଭା ହାଇସ୍କୁଲ ଖେଳ ପଡିଆରେ ତରଭା ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ୨ୟ ରାଧାଗୋବିନ୍ଦ ସାହୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ସୋମବାର ଟିଟିଲାଗଡ଼ ଓ ସମ୍ବଲପୁର ୪ସି ମଧ୍ୟରେ ହେବ। ରବିବାର ପୁଲ 'ବି'ର ଦ୍ୱିତୀୟ ସେମିଫାଇନାଲ ମ୍ୟଚ ପାଟଣାଗଡ ଓ ଟିଟିଲାଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ଟିଟିଲାଗଡ଼ ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ୮ ଉଇକେଟ ହରାଇ ୧୮୧ରନ କରିଥିଲା। ଜବାବରେ ପାଟଣାଗଡ ଦଳ ୯ ଉଇକେଟ ହରାଇ ୧୭୫ ରନ କରି ପରାଜିତ ହୋଇଥିଲା। ଟିଟିଲାଗଡ଼ର ଶୈଳେଶ ପଟ୍ଟନାୟକ ମ୍ୟାନ ଅଫ ଦି ମ୍ୟଚ ଘୋଷିତ ହୋଇଥିଲେ। ତରଭା ସ୍ପୋର୍ଟିଂ କ୍ଲବ ସଭାପତି ଆକବର ଅଲ୍ଲୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ତରଭା ଏନ୍‌ଏସି ଚେୟାରମ୍ୟାନ ବନ୍ଦିତା ନାଏକ, ସମ୍ମାନୀତ ଅତିଥିଭାବେ ଉପ ନଗରପାଳ ଗଗନ ଅଗ୍ରୱାଲ ଯୋଗଦାନ କରିଥିଲେ। ନୌସାଦ ମହମ୍ମଦ ଓ ରାମଜୀ ମହାଣା ଖେଳ ପରିଚାଳନା କରିଥିଲେ। ପୂର୍ବତନ ଖେଳାଳି ପ୍ରଭାକର ମହାପାତ୍ର, ସହଦେବ ନାଏକ, ମାନଭଞ୍ଜନ ମିଶ୍ର, ବିରୋଧ ତାଣ୍ଡି, ସୁରଜ ସେଠୀ, ସୁନୀଲ ଝାରଝାରିଆ, ସତୀଶ ସାହୁ, ଅର୍ଜୁନ ମହାପାତ୍ର, ପରେଶ ମେହେର, ମନୋରଞ୍ଜନ ମିଶ୍ରଙ୍କ ସମେତ ତରଭା ସ୍ପୋର୍ଟିଂର ସମସ୍ତ ସଭ୍ୟ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ସେମିରେ ପ୍ରତିପକ୍ଷକୁ ହରାଇ ସମ୍ବଲପୁର ଫାଇନାଲରେ ପ୍ରବେଶ କରିଥିଲା।



ମ୍ୟାନ ଅଫ ଦ ମ୍ୟାଚ ଶୈଳେଶ ପଟ୍ଟନାୟକଙ୍କୁ ପୁରସ୍କୃତ କରାଯାଉଛି।

**ମଦ ବ୍ୟବସାୟୀଙ୍କ ଉପରେ ଆୟକର ଚଢାଉ ପରେ ବୌଦ୍ଧ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ**

# ୪ ମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଭାଜପା

**ବୌଦ୍ଧ, ୧୦।୧୨ (ଅଜିତ କୁମାର ବାରିକ)**




ଖବରଦାତା ସମ୍ମିଳନୀରେ ଭାଜପା ନେତା।

ବୌଦ୍ଧ ଡିଷ୍ଟିଲାରି ପ୍ରାଇଭେଟ ଲିମିଟେଡ ଉପରେ ଆୟକର ଚଢାଉ କରିବା ସହ ମଦ ବ୍ୟବସାୟୀ ଧୀରଜ ସାହୁ ଓ ତାଙ୍କ ମଦ ବ୍ୟବସାୟ ଚାଲିଥିବା ବିଭିନ୍ନ ସ୍ଥାନ ଉପରେ ଚଢାଉ କରାଯାଇଛି। କୋଟି କୋଟି ଟଙ୍କା ଜବତ କରିବା ପରେ ଏହାକୁ ନେଇ ସାରା ଦେଶରେ ଜୋରଦାର ଚର୍ଚ୍ଚା ଲାଗିରହିଛି। ଆୟକର ଚଢାଉ ପରେ ରବିବାର ବୌଦ୍ଧ ଭାଜପା ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୌଦ୍ଧ ଜିଲା ଭାଜପା ପକ୍ଷରୁ ରାଜ୍ୟର ୪ ମନ୍ତ୍ରୀଙ୍କ ଇସ୍ତଫା ଦାବି କରାଯାଇଛି। ଜିଲା ଭାଜପା ସଭାପତି ବିପ୍ରଚରଣ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ରାଜ୍ୟ ମନ୍ତ୍ରୀମଣ୍ଡଳକୁ ପ୍ରତିନିଧିତ୍ୱ କରୁଥିବା ୪ ମନ୍ତ୍ରୀ ପ୍ରଦୀପ କୁମାର ଅମାତ, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ ଓ ରାଜେନ୍ଦ୍ର ଢୋଲକିଆଙ୍କ ଜିଲାରେ ମଦ ବ୍ୟବସାୟରେ କୋଟି କୋଟି ଟଙ୍କା ଟିକସ ଫାଙ୍କି ହୋଇଥିବା ଓ କଳାଧନ ଗଚ୍ଛିତ ଥିବା ଆୟକର ବିଭାଗ ପକ୍ଷରୁ ଚଢାଉରେ ଧରାପଡିବା ପରେ ସମ୍ପୃକ୍ତ ମନ୍ତ୍ରୀମାନେ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଦାବି କରାଯାଇଛି। ଏନେଇ ଭାଜପା ପକ୍ଷରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା କରାଯିବା ବୋଲି ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି ଖବରଦାତା ସମ୍ମିଳନୀରେ ରାଜ୍ୟ ଭାଜପା ଉପସଭାନେତ୍ରୀ ସୁକେଶୀ ଓରାମ୍, ବରିଷ୍ଠ ଭାଜପା ନେତା କହ୍ନାଇଁ ଚରଣ ଡାଙ୍ଗ, ସୂର୍ଯ୍ୟନାରାୟଣ ମହାପାତ୍ର, ମାଗୁଣି ଗାଇଗୌରିଆ, ଶିଶିର ଘୋଷ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା




ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ମଞ୍ଚାସୀନ ଅତିଥି।

**ଭାଗ ନେଲେ ୨୦୮ ପ୍ରତିଯୋଗୀ**

**ବୌଦ୍ଧ, ୧୦।୧୨ (ଅଜିତ କୁମାର ବାରିକ)**

ଓଡ଼ିଶା ରାଜ୍ୟ ଶିଶୁ କଲ୍ୟାଣ ପରିଷଦ, ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ବୌଦ୍ଧର ଯୋଗିନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟ ପରିସରରେ ରାଜ୍ୟସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦାରିଦ୍ର୍ୟଭଞ୍ଜନ ମଦନ ମୋହନ ପାତ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ଉପଜିଲାପାଳ ରବୀନ୍ଦ୍ରନାଥ କହଁର, ଜିଲା ମତ୍ସ୍ୟ ଅଧିକାରୀ ଲିପସା ପଟ୍ଟନାୟକ, ଶିଶୁ ମଙ୍ଗଳ ସମିତି ଅଧକ୍ଷ ଦାମୋଦର ସାହୁ ଯୋଗଦେଇଥିଲେ। ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ପାତ୍ର ଏହି ପ୍ରତିଯୋଗିତା ଦ୍ୱାରା ଶିଶୁମାନଙ୍କର ଲୁକ୍କାୟିତକଳାର ପରି ପ୍ରକାଶ ହୋଇପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୋଗିନ୍ଦ୍ରଦେବ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଶାନ୍ତ ସିଂ ଓ କଣ୍ଢାମାଳ ସିଡିପିଓ ଜ୍ୟୋତ୍ସ୍ନାରାଣୀ ପାଢି ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରାହୁଲ ପ୍ରଧାନ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଶୁ ସୁରକ୍ଷା ୟୁନିଟର ପ୍ରୋଗ୍ରାମ ଅଫିସର ସୁଶାନ୍ତ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ। ପ୍ରତିଯୋଗିତାରେ ଜିଲାର ବିଭିନ୍ନ ବିଦ୍ୟାଳୟରୁ ୨୦୮ ଶିଶୁ ଅଂଶଗ୍ରହଣ କରିଥିଲେ। କୃତୀ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଏବଂ ଜିଲାସ୍ତରରେ ମଧ୍ୟ ପୁରସ୍କୃତ ହେବେ। ଶିଶୁ ସୁରକ୍ଷା ୟୁନିଟର ରାଜେନ୍ଦ୍ର ମଲ୍ଲିକ, ସହଦେବ ନାୟକ, ବସନ୍ତ ଦିଶିରି, ଚିତ୍ରସେନ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଆମରପାଲି, ୧୦।୧୨ (ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଉପଖଣ୍ଡ ପାତାଳି ଶ୍ରୀକ୍ଷେତ୍ର କୋଟସମଲାଏଠାରେ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ହରିଣାପାଲିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରମେଶ ପଧାନଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ କ୍ଲଷ୍ଟର ବରିଷ୍ଠ ଶିକ୍ଷୟିତ୍ରୀ କୁନୁବୁଇ ମିଶ୍ର ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ରମେଶ ପଧାନ ଓ ତାଙ୍କ ସହଧର୍ମିଣୀ ସସ୍ମିତା ପଧାନ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସିଆରସିସି ବିଜୟ ହୋତା, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ସୁଧାଂଶୁ ଶେଖର ଲୁହା ଉପସ୍ଥିତ ରହି ବିଦାୟୀ ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବାଘପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ସନ୍ତୋଷ ପଧାନ, ଗୁଲାବନ୍ଧ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ବୁବୁନ ବଗର୍ତ୍ତୀ, ହରିଣାପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ମକୁନ୍ଦ ଧରୁଆ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭା ପରିଚାଳନା କରିଥିବା ବେଳେ ସୁଧାଂଶୁ ଶେଖର ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।



ରମେଶ ପଧାନଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### କୁକୁଡ଼ା ଲଢେଇ ସମ୍ୟରେ ଗଣ୍ଡଗୋଳ

ବାଲିଶଙ୍କରା,୧୦।୧୨
(ହୃଦାନନ୍ଦ ବାରିକ)

ସୁନ୍ଦରଗଡ ଜିଲା କିଞ୍ଜିରକେଲା ଥାନା ଅନ୍ତର୍ଗତ ଶିକାଯୋର ଗ୍ରାମରେ କୁକୁଡ଼ା ଲଢେଇରେ ଗଣ୍ଡଗୋଳ ହେଉଥିବା ଅଭିଯୋଗ ହେଉଛି। ଆଦିବାସୀ ଅଧ୍ୟୁଷିତ ଇଲାକାରେ ଲୋକଙ୍କ ସରଳତାର ସୁଯୋଗ ନେଇ କୁକୁଡ଼ା ଲଢେଇ ସହ ବିଦେଶୀ ମଦ କାରବାର ଚାଲିଛି। ଅନେକଙ୍କ ଘର ଉଜୁଡି ଯାଉଥିବାବେଳେ ଶିକାଯୋର ଗ୍ରାମର ପ୍ରଭାବଶାଳୀ ବ୍ୟକ୍ତି ଲାଭବାନ ହେଉଛନ୍ତି। ଦୀର୍ଘଦିନ ଧରି କୁକୁଡ଼ା ଲଢେଇ ଓ ଦେଶୀ ବିଦେଶୀ ମଦ କାରବାର ଅଞ୍ଚଳରେ ପ୍ରଭାବ ବିସ୍ତାର କରିଛି। ଜନସାଧାରଣଙ୍କୁ ଧମକ ଚମକ ଦେଉଥିବାବେଳେ କିଞ୍ଜିରକେଲା ପୋଲିସକୁ ହାତକରି ସାପ୍ତାହିକ ରବିବାର ବଜାରରେ କୁକୁଡ଼ା ଲଢେଇ କରୁଛନ୍ତି। ହାରିଲା ପରେ ଜିତିଲା ଲୋକକୁ ଧମକ ଚମକ ଦିଆଯାଉଛି। କୁକୁଡ଼ା ଲଢେଇ ବଢି ବଢି ଚାଲୁଥିବା ବେଳେ ଆରକ୍ଷୀ ଅଧୀକ୍ଷକ ତୁରନ୍ତ ପଦକ୍ଷେପ ନେବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

### ତାଲା ଭାଙ୍ଗି ଘରୁ ଚୋରି

ବଡ଼ଗାଁ.୧୦।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବନ କାର୍ଯ୍ୟାଳୟ ନିକଟ ଏକ ଘରୁ ଶନିବାର ରାତିରେ ପରିବାର ଲୋକେ ନ ଥିବା ସୁଯୋଗରେ ଦୁର୍ବୃତ୍ତମାନେ ଦୁଇଟିଆଲାମିରରୁ ଲୁଗା, ରୂପା ଅଳଙ୍କାର ଓ ଟଙ୍କା ଚୋରି କରି ନେଇଛନ୍ତି। ସୂଚନା ଅନୁଯାୟୀ , ପ୍ରଦୀପ ସିଂ ପରିବାର ସହିତ ଘରେ ତାଲା ଦେଇ ରାଜଗାଙ୍ଗପୁର ଯାଇଥିଲେ। ରବିବାର ଘରକୁ ଆସି ଦେଖିଲା ବେଳେ ସିସି କ୍ୟାମେରାର ତାର କାଟି ଓ ତାଲା ଭାଙ୍ଗି ଘରକୁ ପଶିଥିଲେ। ଗତମାସ ମଧ୍ୟ ସେ ଘରେ ନ ଥିବା ସୁଯୋଗ ନେଇ ଚୋରମାନେ ଟଙ୍କା ଓ କେତେକ ସାମଗ୍ରୀ ଚୋରି କରିଥିଲେ। ଅଭିଯୋଗ ପରେ ଥାନା ଅଧିକାରୀ ବନ୍ଦନା ପାତ୍ର ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

### ଗୋଁଡ ସମାଜର ଜିଲାସ୍ତରୀୟ ବୈଠକ

ବଡ଼ଗାଁ, ୧୦।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଭୋଇପାଲି ଧାମ ପୀଠରେ ରବିବାର ଗୋଁଡ ସମାଜର ଜିଲାସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ଜିଲା ସଭାପତି ଗୋବିନ୍ଦ ଭୋଇଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜାନୁୟାରୀ ୨୦ ତାରିଖ ଶାମ୍ଭ ଦଶମୀ ଦିନ ହେବାକୁ ଥିବା ଜଙ୍ଘା ବଡଦେଓଙ୍କ ବାର୍ଷିକ ପୂଜା ଉପରେ ଆଲୋଚନା ହୋଇଥିଲା। ଜିଲାର ବିଭିନ୍ନ ସର୍କଲର ସଭାପତି ଓ କର୍ମକର୍ତ୍ତା ଅଂଶଗ୍ରହଣ କରି ମତ ରଖିଥିଲେ। ଷୋଡବଂଶୀ ଗୋଁଡ ସମାଜର ଜିଲାସ୍ତରୀୟ କମିଟି ଚୟନ କରାଯାଇଥିଲା। ଜିଲା ସଭାପତି ଭାବେ ପ୍ରସୂତ ଭୋଇଙ୍କୁ ଚୟନ କରାଯାଇଥିଲା। ବୈଠକରେ ସମ୍ପାଦକ ମହିପାଲ ପ୍ରଧାନ, ସବଡେଗା ସର୍କଲ ସଭାପତି କୁଳମଣି ପ୍ରଧାନ, ହେମଗିରି ସର୍କଲ ସଭାପତି ଦେଶର ଭୋଇ, ତୁଡାଲଗା ସର୍କଲ ସଭାପତି ଘନଶ୍ୟାମ ଭୋଇ, ପୂଜା କମିଟି ସଭାପତି ନିତ୍ୟାନନ୍ଦ ନାଏକ, ସମ୍ପାଦକ କର୍ଣ୍ଣ ନାଏକ, ବରିଷ୍ଠ ସଦସ୍ୟ ନାରାୟଣ, ଧାରୁଆ, ପ୍ରସନ୍ନ କୁମାର ପ୍ରଧାନ, ପ୍ରଦୀପ ଜଗତ, ଜେନାମଣି ଭୋଇ, ଚିତ୍ରମନି ନାଏକ ପ୍ରମୁଖ ସାମାଜିକ କର୍ମକର୍ତ୍ତା ଯୋଗ ଦେଇଥିଲେ।

# ଅନନ୍ୟ ପ୍ରତିଭା ପ୍ରଦର୍ଶନ କଲେ ଜନଜାତି ଛାତ୍ରୀଛାତ୍ର



'ସର୍ଗି ଫୁଲ' କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କ ସହ ଅତିଥି।



ଛାତ୍ରୀମାନେ ନିଜର ପ୍ରତିଭା ପ୍ରଦର୍ଶନ କରୁଛନ୍ତି।

### ସୁନ୍ଦରଗଡ଼ ଜୋନସ୍ତରୀୟ 'ସର୍ଗି ଫୁଲ' ଶିଶୁ ମହୋତ୍ସବ ଉଦ୍‌ଯାପିତ

ସୁନ୍ଦରଗଡ଼ ୧୦।୧୨
(ଜୟନାରାୟଣ ମେଣ୍ଡୁଲି)

ସୁନ୍ଦରଗଡ଼ ଭବାନୀପୁରସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟଠାରେ ଚାଲିଥିବା ଜୋନସ୍ତରୀୟ 'ସର୍ଗି ଫୁଲ' ଶିଶୁ ମହୋତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଜିଲାରୁ ଭାଗ ନେଇଥିବା ଜନଜାତି ଛାତ୍ରୀଛାତ୍ରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିବା ସହ ଏକ ନୂଆ ଅନୁଭୂତି ନେଇ ଫେରିଛନ୍ତି।

ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜନଜାତି ବର୍ଗର ଛାତ୍ରୀଛାତ୍ର ଆଦିବାସୀ ଲୋକନୃତ୍ୟ ଓ ବିଭିନ୍ନ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଚିତ୍ତାକର୍ଷକ କାର୍ଯ୍ୟକ୍ରମରେ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ସାଥୀ ଛାତ୍ରୀଛାତ୍ର ଓ ଅତିଥିମାନେ ଏହି ସାଂସ୍କୃତିକ କାର୍ଯ୍ୟକ୍ରମକୁ ବେଶ ଉପଭୋଗ କରିଥିଲେ।

'ସର୍ଗି ଫୁଲ' କାର୍ଯ୍ୟକ୍ରମର ଶେଷ ଦିନରେ ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ସୁନ୍ଦରଗଡ଼ ଜିଲାରେ ଏହି ଜୋନସ୍ତରୀୟ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜନ କରାଯାଇଥିବାରୁ ଏଥିପାଇଁ ଅତିରିକ୍ତ ଜିଲାପାଳ ରବି ନାରାୟଣ ସାହୁ ରାଜ୍ୟ ସରକାର, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଏବଂ ଅଭିଭାବକମାନଙ୍କୁ ଧନ୍ୟବାଦ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସୁନ୍ଦରଗଡ଼ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ଧିରେନ୍ଦ୍ର କୁମାର ସେଠୀ, ବଣାଇଁ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ବିଶ୍ୱଦର୍ଶୀ ସାହୁ, ପାନପୋଷ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ପରମାନନ୍ଦ ପୁଷ୍ଟି ଏବଂ ଭବାନୀପୁର ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷା ସଂଘମିତ୍ରା ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ତଥା ପଛୁଆବର୍ଗ କଲ୍ୟାଣ ବିଭାଗ ପକ୍ଷରୁ 'ସର୍ଗି ଫୁଲ' ଶିଶୁ ମହୋତ୍ସବ ଆୟୋଜନ କରାଯାଇଥିଲା। ନଭେମ୍ବର ୭ରୁ ସୁନ୍ଦରଗଡ଼ରେ ଆରମ୍ଭ ହୋଇଥିବା ଏହି ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମରେ ୧୫ଟି ଜିଲାରୁ ୬୦୦ରୁ ଅଧିକ ଜନଜାତି ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନଜାତି ଛାତ୍ରୀଛାତ୍ରମାନଙ୍କ ସର୍ଜନାତ୍ମକ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ବିଷୟରେ କର୍ମଶାଳା ଆୟୋଜନ କରାଯାଇଥିଲା। ତା' ଭିତରେ ଶିଶୁ ସାମ୍ବାଦିକ, ଓ ନୃତ୍ୟ, ଷ୍ଟୋରି ଟେଲିଂ, କାର୍ଟୁନ, ୱାର୍ଡ ପଜଲ, ମ୍ୟାଥ ଗେମ, ମ୍ୟାଜିକ ସୋ' ସହିତ ଅଦରକାରୀ ଜିନିଷରୁ ବିଭିନ୍ନ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତି ଆଦି କର୍ମଶାଳା ରହିଥିଲା। ଏଥିରେ ଛାତ୍ରୀଛାତ୍ର ଯୋଗଦେଇ ବିଭିନ୍ନ କୌଶଳ ଶିଖିଥିଲେ ଓ ସାମଗ୍ରୀ ତିଆରି କରି ପ୍ରଦର୍ଶନ କରିଥିଲେ। 'ସର୍ଗି ଫୁଲ' କାର୍ଯ୍ୟକ୍ରମରେ ଜନଜାତି ବର୍ଗର ଛାତ୍ରୀଛାତ୍ରଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତା କରାଯାଉଛି। ସର୍ଜନାତ୍ମକ ଲେଖା ସହିତ ବକ୍ତୃତା, ଓପନ ସ୍ଲୋଗାନ, ଏକକ ନୃତ୍ୟ, ଦଳଗତ ନୃତ୍ୟ ଏବଂ କ୍ରୀଡ଼ା ପ୍ରତିଯୋଗିତା ଆଦି କରାଯାଇଥିଲା। ଏଭଳି କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କ ଭିତରେ ନୂଆ ଉତ୍ସାହ ସୃଷ୍ଟି କରିବାରେ ସହାୟକ ହୋଇଥିଲା।

ଆସନ୍ତା ଡ଼ିସେମ୍ବର ୧୪ରୁ ଗଜପତି ଜିଲା ରାୟଗଡ଼ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ଦକ୍ଷିଣଓଡ଼ିଶା ଜୋନସ୍ତରୀୟ 'ସର୍ଗି ଫୁଲ' ଶିଶୁ ମହୋତ୍ସବ ଆୟୋଜନ କରାଯିବ। ଏଥିରେ ବିଭିନ୍ନ ଜିଲାରୁ ଜନଜାତି ଛାତ୍ରୀଛାତ୍ର ଭାଗନେଇ ସେମାନଙ୍କ ଅନନ୍ୟ ପ୍ରତିଭା ପ୍ରଦର୍ଶନ କରିବେ। ଜୋନସ୍ତରୀୟ କାର୍ଯ୍ୟକ୍ରମରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଛାତ୍ରୀଛାତ୍ରଙ୍କୁ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କାର ଦିଆଯିବ।

## ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ


ଛାତ୍ରୀଛାତ୍ର ପ୍ଲାଷ୍ଟିକ ବର୍ଜନ କରିବା ପାଇଁ ଶପଥ ନେଉଛନ୍ତି।

ଲେଫ୍ରିପଡ଼ା,୧୦।୧୨
(ଦେଶରଞ୍ଜନ ପଟେଲ)

ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ବାଡୁନଝରିଆ ଇକୋପାର୍କଠାରେ ଜିଲା ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ପ୍ଲାଷ୍ଟିକ ବର୍ଜନ ସଚେତନତା କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମୀରାସେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଲେଫ୍ରିପଡା ଜିଲାପରିଷଦ ସଭ୍ୟ ବୈଷ୍ଣବ ମାଝି, ଏସିଏଫ୍ ସମ୍ବିତ ପଣ୍ଡା, ମାନସ କୁମାର ମୁର୍ମୁ, ରତନପୁର ହାଇସ୍କୁଲର ପ୍ରଧାନଶିକ୍ଷକ କର୍ଣ୍ଣ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥିଗଣ ପ୍ଲାଷ୍ଟିକ ବର୍ଜନ ଉପରେ ମତାମତ ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଏବଂ ରତନପୁର ହାଇସ୍କୁଲର ଛାତ୍ରୀଛାତ୍ର ପ୍ଲାଷ୍ଟିକ ବର୍ଜନ ଉପରେ ପଥପ୍ରାନ୍ତ ନାଟକ ପ୍ରଦର୍ଶନ କରିଥିଲେ। ଆଗାମୀ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ ବର୍ଜନ ପ୍ରତି ସଚେତନ ରହି ଅନ୍ୟମାନଙ୍କୁ ସଚେତନ କରିବା ପାଇଁ ଶପଥ ନେଇଥିଲେ। ପରେ ସଚେତନତା କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଲେଫ୍ରିପଡ଼ା ରେଞ୍ଜର ଅଶ୍ୱିନୀ କୁମାର ପଟେଲ ପରିଚାଳନା କରିଥିଲେ। ହେମଗିର ରେଞ୍ଜର ବିଜୟ କୁମାର ସାହୁ, ବଡ଼ଗାଁ ରେଞ୍ଜର ପ୍ରଦୀପ ଭୂତିୟା, ଉଜଳପୁର ରେଞ୍ଜର ଡି. ଏନ ପଣ୍ଡା, ସୁନ୍ଦରଗଡ଼ ରେଞ୍ଜର ଅରୁଣ ବେହେରା ପ୍ରମୁଖଙ୍କ ସମେତ ରେଞ୍ଜ କାର୍ଯ୍ୟାଳୟର ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହିଥିଲେ। ଶେଷରେ ହେମଗିର ରେଞ୍ଜର ବିଜୟ କୁମାର ସାହୁଙ୍କ ଅନ୍ୟତ୍ର ବଦଳି ହେବା ଯୋଗୁଁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଅନ୍ୟପକ୍ଷରେ ଏଥିରେ ଭିଏସ୍‌ଏସ୍, ଏସ୍‌ଏଚ୍‌ଜି ଗ୍ରୁପ ମହିଳା ପ୍ରମୁଖ ଭାଗ ନେଇଥିଲେ।

## ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ରାଜଗାଙ୍ଗପୁର, ୧୦।୧୨(ଅଶୋକ ପାଣି)

ରାଜଗାଙ୍ଗପୁର ବ୍ଲକ ଲାଇଙ୍ଗ ସ୍ଥିତ ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟରେ ଚାଲିଥିବା ରାଜ୍ୟ ସରକାରଙ୍କ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଗତ ମାସ ୨୩ରୁ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଦୁଇ ସପ୍ତାହ ବ୍ୟାପି କାର୍ଯ୍ୟକ୍ରମରେ କ୍ରୀଡା, ସଂସ୍କୃତି, ସାମାଜିକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଯୁବ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ନୋଡାଲ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟର ଛାତ୍ରୀଛାତ୍ର ନିକଟସ୍ଥ ଗ୍ରାମରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଉଦ୍‌ଯାପନ ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଜଗାଙ୍ଗପୁର ପୌରପାଳିକାର ଉପାଧ୍ୟକ୍ଷ ମହମ୍ମଦ ଇରଫାନ, ସମ୍ମାନିତ ଅତିଥି ଭାବେ ଭିନ୍ନକ୍ଷମ ବିଦ୍ୟାଳୟ ହୋପର ସମ୍ପାଦକ ଆଶୀର୍ବାଦ ସାମଲ, ମୁଖ୍ୟବକ୍ତା ଭାବରେ କୁଆଁରମୁଣ୍ଡା ଏକଲବ୍ୟ ଆଦର୍ଶ ବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ କୁଶଧର କୁଅଁର ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିବା ସହ ଉତ୍ସାହିତ କରିଥିଲେ। ଶେଷରେ ଅଧକ୍ଷ ଛାତ୍ରୀଛାତ୍ରଙ୍କୁ ସୁନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ।

## ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ



ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି, ବକ୍ତା।

କୁତ୍ରା, ୧୦।୧୨(ଦେବାଶିଷ ସାହୁ)

ସୁନ୍ଦରଗଡ଼ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ଝାରବେଡା ଡାଲମିଆ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ନୂଆ ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ପରିଚାଳନା କମିଟିର ସଭାପତି ଡ. ଚିରବ୍ରତ ଦତ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡାଲମିଆ ସିମେଣ୍ଟ ଖଣି ମୁଖ୍ୟ ଓମପ୍ରକାଶ ଖେଲକର ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅମରେଶ ପଣ୍ଡା, ପୂର୍ବତନ ଅଧ୍ୟାପକ ଅଚିନ୍ତ୍ୟ ନାରାୟଣ ଜେନା, ଫୋରବସ ଇଣ୍ଡିଆ ମହିଳା ଭାବରେ ପରିଚିତ ଆଶା କର୍ମୀ ମାତିଲଦା କୁଲୁ, ଅଧ୍ୟାପକ ଆଲୋକ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିମାନେ ତାଙ୍କ ବକ୍ତବ୍ୟ ମାଧ୍ୟମରେ ନିଶା ପ୍ରତି ଆକୃଷ୍ଟ ନ ହୋଇ ପାଠପଢା ପ୍ରତି ଧ୍ୟାନ ଆକର୍ଷଣ କରିବା ସହିତ ଦେଶର ପ୍ରଗତି ଦିଗରେ ନିଜକୁ ସାମିଲ କରିବା ପାଇଁ ଉପଦେଶ ଦେଇଥିଲେ। ବଡ଼ ସ୍ୱପ୍ନ ଦେଖି ମିଷ୍ଟଭାଷୀ ହୋଇ ନିଜର ଭବିଷ୍ୟତ ଗଢିବା ପାଇଁ କହିଥିଲେ। ଅଧ୍ୟକ୍ଷା ଡ. ହିରନ ଲୁଗୁନ ସ୍ୱାଗତ ଅଭିଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରେ ଦୀଘ ୧୫ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ବିଜୟୀ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

## ଭେଟେରାନ ନକ୍‌ଆଉଟ୍ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ

ବନ୍ଧମୁଣ୍ଡା, ୧୦।୧୨(ସୁବ୍ରତ ଦେ)

ବନ୍ଧମୁଣ୍ଡା ଡୁମର୍ତାସ୍ଥିତ ପ୍ରଗତି କ୍ଲବ ଫୁଟବଲ ପଡ଼ିଆଠାରେ କ୍ଲବ ସଦସ୍ୟଙ୍କ ଦ୍ୱାରା ରବିବାର ଭେଟେରାନ ନକଆଉଟ ଫୁଟବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସମାରୋହରେ କ୍ଲବର ପ୍ରତିଷ୍ଠାତା ସଦସ୍ୟ ଜିତୁ ମିଞ୍ଜ, ଡୋଗୋ ଲାକ୍ରା, ପ୍ରକାଶ ମିଞ୍ଜ ଅତିଥି ଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟକୁ ସମ୍ବୋଧିତ କରି ଅତିଥିମାନେ କାର୍ଯ୍ୟକ୍ରମର ପ୍ରଶଂସା କରିଥିଲେ। କ୍ରୀଡ଼ା ବିକାଶ ଦିଗରେ ଏଭଳି ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି ବୋଲି କହିଥିଲେ। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ ଏସ୍‌ଟିଏସ୍‌ସି କ୍ଲବ ରାଉରକେଲା ସେକ୍ଟର୧ ଏବଂ ଅଲଇନଆଲଏଫସି କ୍ଲବ ମଧ୍ୟରେ ଖେଳାଯାଇଥିଲା। ଯେଉଁଥିରେ ଏସ୍‌ଟିଏସ୍‌ସି କ୍ଲବ ରାଉରକେଲା ଗୋଟିଏ ଗୋଲରେ ଜିତ ହାସିଲ କରିଛି। ଏହି ଟୁର୍ନାମେଣ୍ଟରେ ଅଞ୍ଚଳର ମୋଟ ଆଠଟି ଦଳ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟର ଆୟୋଜନରେ ସିଦ୍ଧେଶ୍ୱର ବୋଦ୍ରା, ରାମୁ ଦାସ ତନ୍ତୀ, ଥୋମାସ ଭେଙ୍ଗ୍ରା, ମିତୁ ତିଗ୍ଗା, ଫୁଲଦିପ କେରକେଟ୍ଟା, କାର୍ତ୍ତିକ ମହାତୋ, ସୁରେନ୍ଦ୍ର ମାଝି, ପରେଶ ମହାତୋ, ସୁଲେଜର ଏକ୍କା,ରୋନି ଖାଲକୋ, ସୌରଭ ତିଗ୍ଗା, ମହାବୀର ଏକ୍କା, ସନ୍ଦୀପ ବାରଲା, ଡଗୁରୁ ଏକ୍କା ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।


ଭେଟେରାନ ନକ୍ଆଉଟ୍ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

## ବଡ଼ଗାଁ ଥାନାରେ ମାନବ ଚାଲାଣ ସଚେତନତା ବୈଠକ

ବଡ଼ଗାଁ, ୧୦।୧୨(ଅଶୋକ ଷଡ଼ଙ୍ଗୀ)

ସୁନ୍ଦରଗଡ ଜିଲା ବଡ଼ଗାଁ ଥାନାରେ ରବିବାର ମାନବ ଚାଲାଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନା ଆଇଆଇସି ବନ୍ଦନା ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ଭାଇସ ଚେୟାରମେନ ରଶ୍ମିତା ପଟେଲ, ସିଡିପିଓ ସୁଜାତା ବେକଙ୍କ ସହିତ ବିଭିନ୍ନ ବିଭାଗର କର୍ମଚାରୀ ଯୋଗ ଦେଇଥିଲେ। ବଡ଼ଗାଁ ବ୍ଲକର ବିଭିନ୍ନ ଗ୍ରାମରେ ମାନବ ଚାଲାଣ ରୋକିବା ପାଇଁ ସଚେତନତା ସୃଷ୍ଟି ପାଇଁ କିପରି ପଦକ୍ଷେପ ନିଆଯିବ ସେ ନେଇ ଆଲୋଚନା ହୋଇଥିଲା। ବୈଠକରେ ମାନବ ଚାଲାଣ ଉପରେ ଥିବା ସ୍ଥିତିକୁ ନେଇ ଜନ ପ୍ରତିନିଧି ଓ କର୍ମଚାରୀମାନେ ଆଲୋଚନା ରଖିଥିଲେ। ବାହାର ରାଜ୍ୟରୁ ଆସୁଥିବା ନିର୍ମାଣ ଶ୍ରମିକଙ୍କ ପ୍ରକୃତ ପରିଚୟ ରଖିବା ଓ ମଦ ବ୍ୟବସାୟ ବୃଦ୍ଧି ପାଉଥିବାରୁ ଅଙ୍କୁଶ ଲଗାଇବାକୁ ପ୍ରତିନିଧିମାନେ ଜଣାଇଥିଲେ। ବୈଠକରେ ସରପଞ୍ଚ ସଂଘ ସଭାପତି ଯୋଗିନ୍ଦ୍ର କିଷାନ, ସରପଞ୍ଚ ଗୋବର୍ଦ୍ଧନ ହାହା, ମହେଶ୍ୱର ବରିହା, ମେନକା କାଲୋ, ସୁଦୀପ ବାଡା, ବରିଷ୍ଠ ନାଗରିକ ପ୍ରକାଶ ପାଣିଗ୍ରାହୀ, ସତ୍ୟନାରାୟଣ ନାୟକ, ପୀତବାସ ପଣ୍ଡା, ଉପାଧ୍ୟାୟ ପାଣିଗ୍ରାହୀ, ପ୍ରଫୁଲ୍ଲ ବିଶି, ରବୀନ୍ଦ୍ର ପଟେଲ, ଜୟନ୍ତ ବିଶି, କେଶବ କାର୍ସେଲ, ବାବୁଲି କାର୍ସେଲ, ଆଲୋକ ପଟ୍ଟନାୟକ, ଏମ୍‌ଡି ହାଫିଜ ପ୍ରମୁଖ ଗ୍ରାମବାସୀ ଯୋଗଦେଇ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଏଏସଆଇ ଅରୁପା ନନ୍ଦ ଦାସ ପରିଚାଳନା କରିଥିଲେ।


ବୈଠକରେ ଉପସ୍ଥିତ ଅତିଥିଙ୍କ ସହିତ ଥାନା ଅଧିକାରୀ।

# ଏଲଡିଏସ୍ ବ୍ରଦର୍ସ ଦଳ ଚାମ୍ପିୟନ


ଲହୁଣୀପଡ଼ାରେ ଚାଲିଥିବା ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତାରେ ଅତିଥିଙ୍କ ସହ ଖେଳାଳି।

### ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ

ଲହୁଣୀପଡ଼ା, ୧୦।୧୨(ଦାଶରଥି ପଣ୍ଡା)

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଖେଳ ପଡ଼ିଆରେ ସ୍ଥାନୀୟ ସ୍ପୋର୍ଟସ ଆସୋସିଏଶନ ପକ୍ଷରୁ ଚାଲିଥିବା ତିନିଦିନିଆ ନକ୍‌ଆଉଟ ଫୁଟବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଏହାର ଉଦ୍‌ଯାପନୀ ଖେଳରେ ମାଆ ଦୁଆରସୁଣି କ୍ଲବକୁ ୧ - ୦ ଗୋଲରେ ହରାଇଏଲଡିଏସ ବ୍ରଦର୍ସ ଦଳ ଚଳିତବର୍ଷ ଚାମ୍ପିୟନ ହୋଇଥିଲା। ଏହାର ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଣେଇ ବିଧାୟକ ଲକ୍ଷ୍ମଣ ମୁଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଲହୁଣୀପଡ଼ା ଥାନା ଅଧିକାରୀ ଗଗନ ବିହାରୀ ନାଏକ, କ୍ଷେତ୍ର ମୋହନ ମାହାନ୍ତ, ଲହୁଣୀପଡ଼ା ସରପଞ୍ଚ ନେଲସନ ହେମ୍ବ୍ରମ ଯୋଗ ଦେଇଥିଲେ। ଲହୁଣୀପଡ଼ା ସ୍ପୋର୍ଟସ ଆସୋସିଏଶନର ସଭାପତି ଏମଡି ଛୋଟୁ ଅଧ୍ୟକ୍ଷତା କରିଥିଲେ। ଆସୋସିଏଶନର ସମ୍ପାଦକ ପିଣ୍ଟୁ ରାୟ ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁନୁ ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ପ୍ରଥମେ କମିଟିର କର୍ମକର୍ତ୍ତା ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିବା ବେଳେ ଅତିଥିମାନେ ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରି ଉତ୍ସାହିତ କରିଥିଲେ। ବିଜେତା ଓ ଉପବିଜେତା ଦଳକୁ ପୁରସ୍କାର ପ୍ରଦାନ କରିଥିଲେ। ଥବିର ଗରୁଡ଼, ସାମୁ ହେଂସଦା, ରାଜ ପାଣିଗ୍ରାହୀ, ଠାକୁରା ମୁର୍ମୁ ଶାନ୍ତିଶୃଙ୍ଖଳାର ସହିତ ଖେଳ ପରିଚାଳନା କରିଥିଲେ। ନିହାର ରଞ୍ଜନ ମାହାନ୍ତ, ନିକୁଞ୍ଜ ସିଂ, ମନୋଜ ମାହାନ୍ତ, ସୁଧାଂଶୁ ମାହାନ୍ତ, ସଞ୍ଜୟ ପଶାୟତ, ଲକି ରାଉତ, ହିମାଂଶୁ ମାହାନ୍ତ, ଅବିନାଶ ପ୍ରଧାନ ପ୍ରମୁଖଙ୍କ ସମେତ ସ୍ପୋର୍ଟସ ଆସୋସିଏଶନର କର୍ମକର୍ତ୍ତା ଫୁଟବଲ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ।

# ଆରୋପ ପ୍ରତ୍ୟାରୋପ ମଧ୍ୟରେ ଚାଲିଛି ଧାନକିଣା

## ସ୍ୱାଭାବିକ ହୋଇନି ମଣ୍ଡି

**କୁଚିଣ୍ଡା,୧୦।୧୨(ବିରଞ୍ଚି ଦର୍ଜୀ)**

ସମ୍ବଲପୁର ଜିଲାର କୁଚିଣ୍ଡା ଉପଖଣ୍ଡରେ ଡିସେମ୍ବର ୨୭ରୁ ଧାନକିଣା ଶୁଭାରମ୍ଭ ହୋଇଛି। ଆରୋପ ପ୍ରତ୍ୟାରୋପ ମଧ୍ୟରେ ଧାନକିଣା ଚାଲିଥିବା ବେଳେ ମଣ୍ଡି ପରିଚାଳନା ସ୍ୱାଭାବିକ ହୋଇନାହିଁ। ମିଲର୍ସମାନେ ମଣ୍ଡିକୁ ସିଧାସଳଖ ନ ଆସି ତଥାକଥିତ ବେପାରୀଙ୍କୁ ପ୍ରତିନିଧି ଭାବେ ନିଯୁକ୍ତି ଦେଇଥିବାରୁ ଚାଷୀ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଚାଷୀଙ୍କ ସହ ମୂଲଚାଲ କରି ତାଙ୍କ ଘରୁ ଗାଡିଲଗାଇ ନାମକୁମାତ୍ର ମଣ୍ଡିକୁ ଆଣି ଟିପି କଟାଇ ମିଲକୁ ନେଉଥିବା ଦେଖିବାକୁ ମିଳିଛି।

କୁଚିଣ୍ଡା ଉପଖଣ୍ଡର କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ ମୋଟ ୫୪ ଗୋଟି ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ କିଣାଯାଉଛି। ୭ଗୋଟି ମହିଳା ଏସ୍ଏଚ୍‌ଜିଙ୍କ ସମେତ ୯ଗୋଟି ଲ୍ୟାମ୍ପ୍ସ ମାଧ୍ୟମରେ ଧାନ କିଣା ହେଉଥିବା ବେଳେ ମଣ୍ଡି ପରିଚାଳନା ପାଇଁ କୁଚିଣ୍ଡା ଆର୍‌ଏମ୍‌ସି ପକ୍ଷରୁ ଆବଶ୍ୟକୀୟ ଭିତ୍ତିଭୂମି ଯୋଗାଇ ଦିଆଯାଇଛି। କାଁଭାଁ କେତେକ ମଣ୍ଡିକୁ ବାଦ୍‌ଦେଲେ ଅନ୍ୟସବୁ ମଣ୍ଡିରେ ସୁରୁଖୁରୁରେ ଧାନକିଣା ଚାଲିଥିବା ଉପଖଣ୍ଡ ଯୋଗାଣ ଅଧିକାରୀ ରାଜକିଶୋର ସ୍ୱାଇଁ କହିଛନ୍ତି। ବିଗତ ବର୍ଷରେ ଖରିଫ ଧାନ ବିକ୍ରି ପାଇଁ ଲ୍ୟାମ୍ପ୍ସ ପକ୍ଷରୁ ୧୮ହଜାର ୧୮ ଏବଂ ଏସ୍ଏଚ୍‌ଜି ପକ୍ଷରୁ ୩ହଜାର ୩ଜଣ ଏପରି ମୋଟ ୨୧ହଜାର ୧୨୧ଜଣ ଚାଷୀଙ୍କ ପଞ୍ଜୀକରଣ ହୋଇଥିଲା। ତନ୍ମଧ୍ୟରୁ ୨୦ହଜାର ୩୮୮ଜଣ ଚାଷୀଙ୍କଠାରୁ ମୋଟ ୧୦ଲକ୍ଷ ୫୩ହଜାର ୩୧୫ କୁଇଣ୍ଟାଲ ୨୬କେଜି ଧାନ କିଣାଯାଇଥିଲା। ଚଳିତବର୍ଷ ଖରିଫ ଧାନ ବିକ୍ରି ପାଇଁ ଗତବର୍ଷ ତୁଳନାରେ ଅଧିକ ୧ହଜାର ୫୭୪ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏକର ପ୍ରତି ୧୩ କୁଇଣ୍ଟାଲ ବିକ୍ରି ପାଇଁ ଅନୁମତି ମିଳିଛି। ତେଣୁ ବଳକା ଧାନକୁ ଚାଷୀ କେଉଁଠି ବିକିବ ସେ ନେଇ ଚିନ୍ତାରେ ପଡିଛି। ଏପରିସ୍ଥଳେ ଚାଷୀ ଅଭାବୀ ବିକ୍ରିର ଶିକାର ହେବା ନିଶ୍ଚିତ। ମଣ୍ଡିରେ କଟ୍‌ନୀଛଟ୍‌ନୀ ଯୋଗୁ ଚାଷୀ ଶୋଷଣର ଶିକାର ହୋଇ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଚାଷୀ କିନ୍ତୁ ଦଲାଲଙ୍କ ରୋଷର ଶିକାର ଭୟରେ ମୁହଁ ଖୋଲୁ ନ ଥିବା କୁହାଯାଉଛି। ଧାନକିଣାରେ ଆର୍‌ଏମ୍‌ସିର କୌଣସି ଭୂମିକା ନ ଥିବା ବେଳେ କେବଳ ଧାନର ମାନ ଯାଞ୍ଚ ପାଇଁ ଷ୍ଟାଫ ନିୟୋଜିତ କରିଥାଏ। ମାତ୍ର ଚାଷୀମାନେ ବେପାରୀଙ୍କ ସହ ମୂଲଚାଲ କରି କ୍ରୟକାରୀ ସଂସ୍ଥାର ଟିପି (ଟ୍ରାନଜିକ୍ଟ ପାସ)ରେ ଧାନ ମିଲକୁ ପଠାଯାଉଥିବା ଦେଖିବାକୁ ମିଳୁଛି। ମଣ୍ଡିରେ ଧାନ ଗଦାକଲେ ଧାନ ଲଟ ମାଧ୍ୟମରେ ଟେଷ୍ଟିଂ କରାଯିବାର ସରକାରୀ ପ୍ରାବଧାନ ରହିଥିଲେ ହେଁ ବିଭିନ୍ନ ସମୟରେ ଚାଷୀମାନେ ଧାନ ଟେଷ୍ଟିଂ ପାଇଁ ଆର୍‌ଏମ୍‌ସି ଷ୍ଟାଫଙ୍କୁ ଅଯଥାରେ ଦୋଷାରୋପ କରୁଥିବା ଆର୍‌ଏମ୍‌ସି ସମ୍ପାଦକ କିଶୋର କୁମାର ନାଏକ କହନ୍ତି। ଧାନକିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଏଆରସିଏସ ଏବଂ ଉପଖଣ୍ଡ ଯୋଗାଣ ଅଧିକାରୀଙ୍କ ନିୟନ୍ତ୍ରଣରେ ଥିବାରୁ ମଣ୍ଡି ଅଚଳାବସ୍ଥା ଦୂର କରାଯାଇ ଚାଷୀମାନଙ୍କୁ ନ୍ୟାୟ ପ୍ରଦାନ ପାଇଁ କୃଷକ ସଂଗଠନ ଦାବି କରିଛି।


ମଣ୍ଡିକୁ ବିକ୍ରି ପାଇଁ ଆସିଥିବା ଚାଷୀଙ୍କ ଧାନ।

## ସଂକ୍ଷେପରେ

### ରାଜ୍ୟ ସଭାପତିଙ୍କ ଗସ୍ତ ପାଇଁ ଜିଲା କଂଗ୍ରେସର ପ୍ରସ୍ତୁତି

**ସମ୍ବଲପୁର,୧୦।୧୨(ପ୍ରମୋଦ ବହିଦାର)**

କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକଙ୍କ ସମ୍ବଲପୁର ଗସ୍ତ ପାଇଁ ଜିଲା କଂଗ୍ରେସ ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲା ସଭାପତି ରାଜେନ୍ଦ୍ର ଛତ୍ରିଆଙ୍କ ଅଧ୍ୟକ୍ଷତାରେ ରବିବାର ଅନୁଷ୍ଠିତ ବୈଠକରେ ସମ୍ବଲପୁର ଜିଲା ପ୍ରଭାରୀ ତଥା ପିସିସି ସାଧାରଣ ସମ୍ପାଦକ ବିଭୁ ଭୂଷଣ ତ୍ରିପାଠୀ ଯୋଗଦେଇ ଆଲୋଚନା କରିଥିଲେ। ବୈଠକରେ ପୂର୍ବତନ ବିଧାୟକ ଅଶ୍ୱିନୀ ଗୁରୁ, ପିସିସି ସମ୍ପାଦକ ଦୁଲାଲ ପ୍ରଧାନ, ସମ୍ପାଦକ ଅନୀତ ଗୁରୁ, କୃଷକ ସେଲ୍ ସଭାପତି ଗୋବିନ୍ଦ ମିଶ୍ର, କଂଗ୍ରେସ ଓବିସି ସେଲ୍ ସଭାପତି ଜିତେନ୍ଦ୍ର ପ୍ରଧାନ, ଦୁର୍ଗାଶଙ୍କର ପାଢ଼ୀ, ଏସସି ସେଲ୍ ସଭାପତି ସଞ୍ଜିବ ଗର୍ଡିଆ, ସୁତାପା ମିତ୍ର, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ।

### ମାନବ ଅଧିକାର ଦିବସ ପଦଯାତ୍ରା

**ସମ୍ବଲପୁର,୧୦।୧୨(ବି.ଶଙ୍କର):** ସମ୍ବଲପୁର ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ମାନବ ଅଧିକାର ଦିବସ ପାଳିତ ହୋଇଯାଇଛି। ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଏହି ଅବସରରେ ପ୍ୟାନେଲ ଆଡ୍‌ଭୋକେଟ, ଏଲ୍ଏଡିସି ଏବଂ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ନେଇ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ରାଲିରେ ବିଚାର ବିଭାଗୀୟ ଅଧିକାରୀ ମଧ୍ୟ ସାମିଲ ଥିଲେ। ସମ୍ବଲପୁର ଜିଲା ଆଇନ ସେବା ପ୍ରାଧିକରଣ ସଚିବ ସୌମ୍ୟା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଅଣଗେଜେଟେଡ ବନସେବା ସଂଘର କର୍ମକର୍ତ୍ତା ନିର୍ବାଚନ

ରେଢାଖୋଲ,୧୦।୧୨(ଅଚ୍ୟୁତାନନ୍ଦ ପୁରୋହିତ) ଓଡିଶା ଅଣଗେଜେଟେଡ ବନସେବା ସଂଘ ରେଢାଖୋଲ ଶାଖାର କାର୍ଯ୍ୟକାରିଣୀ ବୈଠକ ରବିବାର ଅନୁଷ୍ଠିତ ହୋଇଛି। ରାଜ୍ୟ ସଭାପତି ଜଗବନ୍ଧୁ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମ୍ବଲପୁର ଜୋନ ସଭାପତି ଯଶୋବନ୍ତ ରନବିଡା ଯୋଗଦେଇ ସଂଘର ସାଙ୍ଗଠନିକ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏ ଅବସରରେ ରେଢାଖୋଲ ଶାଖାର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ସଭାପତି ଭାବେ ବେଣୁଧର ବେହେରା, ଉପସଭାପତି ରତନୀ ଦେହୁରି, ସମ୍ପାଦକ ପ୍ରବୀଣ କୁମାର ସାହୁ, ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର କୁମାର ପ୍ରଧାନ, ସହ ସମ୍ପାଦକ ସବିତାରାଣୀ ସାହୁ ଓ କୋଷାଧ୍ୟକ୍ଷ ଭାବେ କିଶୋରଚନ୍ଦ୍ର ପ୍ରଧାନ ନିର୍ବାଚିତ ହୋଇଥିଲେ। ପରେ ନବନିର୍ବାଚିତ କର୍ମକର୍ତ୍ତାଙ୍କୁ ବୈଠକରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା।

### ବାଲ୍ୟ ବିବାହ ରୋକିବା ନେଇ ସଚେତନତା

**ପଡିଆବାହାଲ, ୧୦।୧୨ (ରାଧାମୋହନ ଷଡ଼ଙ୍ଗୀ):** ଜମନକିରା ବ୍ଲକ ମୁଣ୍ଡେନପାଲି ଗ୍ରାମ ପଞ୍ଚାୟତର ସିଡିଲେନ ପଡାଠାରେ ବାଲ୍ୟବିବାହ ରୋକିବା ନେଇ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗାଁ କଲ୍ୟାଣ ସମିତି ଦ୍ୱାରା ଆୟୋଜିତ ସଭାରେ ଗ୍ରାମ ସଭାପତି ଜଗବନ୍ଧୁ କର ସଭାପତିତ୍ୱ କରିଥିଲେ। ଆଶା ଦିଦି ବବିତା ନାଥ ସଭାର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇଥିଲେ। ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ବାଲ୍ୟ ବିବାହ ଦ୍ୱାରା ସୃଷ୍ଟି ହେଉଥିବା ସମସ୍ୟା ସମ୍ପର୍କରେ ବୁଝାଇଥିଲେ। ପ୍ରାରମ୍ଭରେ ଆଶା ଦିଦି ଓ ଅଙ୍ଗନୱାଡି କର୍ମୀଙ୍କ ନେତୃତ୍ୱରେ ସଚେତନତା ରାଲି ପରିକ୍ରମା କରିଥିଲା।

# ବାଜିରାଉତ କପ ଫୁଟ୍‌ବଲ ଉଦ୍‌ଘାଟିତ


ଖେଳାଳିଙ୍କ ସହ କରମର୍ଦ୍ଦନ କରୁଛନ୍ତି ଅତିଥି।

## ୭ ଟିମ୍ ସେମିକୁ ଉନ୍ନୀତ

**କୁଚିଣ୍ଡା,୧୦।୧୨(ବିରଞ୍ଚି ଦର୍ଜୀ)**

କୁଚିଣ୍ଡା ନିକଟସ୍ଥ ମନ୍ତ୍ରୀମୁଣ୍ଡା ମିନିଷ୍ଟାଡିୟମରେ ରବିବାର ଦ୍ୱିତୀୟ ବାଜିରାଉତ କପ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। 'ଆମେ ଓଡିଆ ଓ ବିକାଶ ଫାଉଣ୍ଡେସନ' ଆନୁକୂଲ୍ୟରେ ତିନିଦିନ ଧରି ହେବାକୁ ଥିବା ଏହି ଟୁର୍ନାମେଣ୍ଟରେ କୁଚିଣ୍ଡା ଉପଖଣ୍ଡର ୨୫ ଗୋଟି ଟିମ୍ ଯୋଗ ଦେଇଛନ୍ତି। ଉଦଘାଟନୀ ମ୍ୟାଚ ୧୪ଗୋଟି ଟିମ୍ ମଧ୍ୟରେ ହୋଇଥିବା ବେଳେ ଏଥିରେ ଘୋଷା, ସୁବର୍ଣ୍ଣପାଲି, ଧୁଡିପାଲି, ଖଣ୍ଟୁଲାବାହାଲ, ଆଦିବାସୀ ନବଜ୍ୟୋତି କ୍ଲବ, ଜରାବଗା ଏଫସି, ମୁଣ୍ଡେନପାଲି ଟିମ ବିଜେତା ହୋଇ ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି। ଖେଳକୁ ରେଫରି ଭାବେ ପଦ୍ମଚରଣ ଗୁରୁ, ଲକ୍ଷ୍ମଣ ସେଠ, ନିତ୍ୟାନନ୍ଦ ମେହେର, ଯଶୋବନ୍ତ ପ୍ରଧାନ, ଅଦିପ ରଣା,ତନ୍ମୟ କିଷାନ, ରିଙ୍କୁ ସିଂ ପରିଚାଳନା କରିଥିଲେ। ଏଥିରେ ପୂର୍ବତନ ବିଧାୟକ ରବିନାରାୟଣ ନାଏକ ମୁଖ୍ୟ ଅତିଥି, ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ଏସ୍‌ଡିଏମ୍‌ଓ ଡା. ସୁବୋଧ କୁମାର ନାୟକ, ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଅଶ୍ୱିନୀ ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ।

# ନୃସିଂହଗୁରୁ ସ୍ମୃତି ସମିତିର ବିଭିନ୍ନ ପ୍ରତିଯୋଗିତା

**ସମ୍ବଲପୁର,୧୦।୧୨(ବି.ଶଙ୍କର)**

ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୪୦ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଗୁରୁନାନକ ପବ୍ଲିକ ସ୍କୁଲଠାରେ ରବିବାର ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ନୃସିଂହ ଗୁରୁ ସ୍ମୃତି ସମିତିର ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ଓ ହେମନ୍ତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଏଥିରେ ସମ୍ବଲପୁର ମହାନଗର ନିଗମର ୨୬ ଶିକ୍ଷାନୁଷ୍ଠାନର ୭ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗୁରୁନାନକ ପବ୍ଲିକ ସ୍କୁଲ ଅଧ୍ୟକ୍ଷ ରବିନ୍ଦ୍ର କୁମାର ଦାଶ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତା ଉଦ୍‌ଘାଟନ କରିଥିଲେ। କୁଇଜ ମାଷ୍ଟର ଶ୍ରୀକାନ୍ତ ଷଡ଼ଙ୍ଗୀଙ୍କ ପରିଚାଳନାରେ କଲେଜ ସ୍ତରୀୟ କୁଇଜ ପ୍ରତିଯୋଗିତାରେ ନେତାଜୀ ସୁବାଷ ଚନ୍ଦ୍ର ବୋଷ କଲେଜର ମାନସ ରଞ୍ଜନ ମିଶ୍ର, ଶିବାନନ୍ଦ ପୋଢ଼ ଓ ଜ୍ୟୋତିର୍ମୟୀ ପ୍ରଧାନ ପ୍ରଥମ, ବିକାଶ ହାୟର ସେକେଣ୍ଡାରୀ ସ୍କୁଲର ଓମ୍ ପୂଜାରୀ, ଶିବାଶିଷ ପରିଡ଼ା, ସ୍ୱୟଂସୁ ସତ୍ୟପ୍ରଜ୍ଞା ସାହୁ ଓ ଦୁର୍ଗେଶ ତ୍ରିପାଠୀ ଦ୍ୱିତୀୟ ଏବଂ ପିୟୁଷ ବେହେରା, ପିୟୁଷ ବଳ, ପିୟୁଷ ପ୍ରିୟଦର୍ଶନ ସାମନ୍ତରା, ଗୋଦାବର୍ଥି ଲଲାକ୍ଷୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଦ୍ୟାଳୟ ସ୍ତରୀୟ କୁଇଜ ପ୍ରତିଯୋଗିତାରେ ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଦେବେନ ପାଇକରାୟ, ସ୍ୱସ୍ତିକ ପ୍ରଧାନ, ହେନା ଓରାମ, ଅନଙ୍ଗ ସେଠ ପ୍ରଥମ, ରାଷ୍ଟ୍ରୀୟ ଗୋପାଳ ବିଦ୍ୟାମନ୍ଦିରର ସାୟନ ଘୋଷ, ନମନ ରାୟ ଓ ଅମନ କଚ୍ଛୁଆହା ଦ୍ୱିତୀୟ ଏବଂ ଲେଡିଲୁଇସ ବାଳିକା ଉଚ୍ଚବିଦ୍ୟାଳୟ ଅର୍ପିତା ପ୍ରଧାନ, ସୃଷ୍ଟି ସେଠ, ଅଭିଲିପ୍‌ସା ଖମାରୀ ଓ ପ୍ରଭାତୀ ପଣ୍ଡା ତୃତୀୟ ହୋଇଛନ୍ତି। ସେହିପରି ବିଦ୍ୟାଳୟ ସ୍ତରୀୟ ଜୁନିୟର କୁଇଜ୍ ପ୍ରତିଯୋଗିତାରେ ବୁଢ଼ାରଜା ସରକାରୀ ହାଇସ୍କୁଲର ଦେବଦତ୍ତ ପଟ୍ଟନାୟକ ପ୍ରଥମ, ନାନକ ରାମ ସରକାରୀ ହାଇସ୍କୁଲର ଚନ୍ଦନ ଛତ୍ରୀ, ରାହୁଲ ବିଭାର ଓ ସେଭେନ୍‌ଥ ଭଞ୍ଜାରେ ଦ୍ୱିତୀୟ ଏବଂ ଆୟୁଷ ବାର୍ଲେ, ଧନରାଜ ସତନାମୀ ଓ ଭୂମିସୁତା ସତ୍‌ନାମୀ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଚାରକ ଭାବେ କଣ୍ଠଶିଳ୍ପୀ ବିଭୂତିଭୂଷଣ ପଟ୍ଟନାୟକ, ସଙ୍ଗୀତ ନିର୍ଦ୍ଦେଶକ ମୋତିଲାଲ ଦୋରା, କାର୍ତ୍ତିକ ପ୍ରସାଦ ବହିଦାର, ସାହିତ୍ୟିକ ଗଣେଶରାମ ନାହାକ, ଶିକ୍ଷକ ପ୍ରଦ୍ୟୋତ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଆସନ୍ତା ଜାନୁୟାରୀ ୨ରେ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କାର ପ୍ରଦାନ କରାଯିବ ବୋଲି ଆୟୋଜକମାନେ ସୂଚିତ କରିଛନ୍ତି।



ଚିତ୍ରାଙ୍କନ ପ୍ରତିଯୋଗିତାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି।

# ନିଶା ନିବାରଣ ସଚେତନତା ଅଭିଯାନ

**ପଡିଆବାହାଲ,୧୦।୧୨ (ରାଧାମୋହନ ଷଡ଼ଙ୍ଗୀ)**

ଜମନକିରା ବ୍ଲକ ମୁଣ୍ଡେନପାଲି ଗ୍ରାମ ପଞ୍ଚାୟତର ଗୋପିକଣ୍ଡାଠାରେ ନିଶା ନିବାରଣ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ସଭାପତି ଜଗବନ୍ଧୁ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଆଶା ଦିଦି ବବିତା ନାଥ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ନିଶା ସେବନ ଦ୍ୱାରା ଉପୁଜୁଥିବା ଶାରୀରିକ, ସାମାଜିକ ଓ ଅର୍ଥନୈତିକ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଆଶା ଦିଦି ବବିତା ନାଥଙ୍କ ନେତୃତ୍ୱରେ ଏକ ରାଲି କରାଯାଇ ସଚେତନତା ସୃଷ୍ଟି କରାଯାଇଥିଲା।

# ଶିଶୁ ବିଦ୍ୟାମନ୍ଦିର ସମୂହର କ୍ରୀଡ଼ା ପ୍ରତିଯୋଗିତା

**ନାକଟିଦେଉଳ,୧୦।୧୨ (ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ କିସିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ରବିବାର ବିଦ୍ୟାମନ୍ଦିର ସମୂହର ଜିଲାସ୍ତରୀୟ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭ ଶିଶୁ ବିଦ୍ୟାମନ୍ଦିରରୁ ସମୁଦାୟ ୧୨୭ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ମୋଟ ୩୩ଟି ଇଭେଣ୍ଟରେ କ୍ରୀଡ଼ା ଆୟୋଜିତ ହୋଇଥିଲା। ଶିଶୁ ବର୍ଗର ବାଳକ ବିଭାଗରେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଳମ ଓ ବାଳିକା ବିଭାଗରେ ଜୟନ୍ତପୁର ଶିଶୁ ବିଦ୍ୟାମନ୍ଦିର ଗ୍ରୁପ ଚାମ୍ପିୟନ ହୋଇଥିଲେ। ସେହିପରି ବାଲ ବର୍ଗର ବାଳକ ବିଭାଗରେ ବଳମ ଶିଶୁ ବିଦ୍ୟାମନ୍ଦିର ଓ ବାଳିକା ବିଭାଗରେ କିସିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗ୍ରୁପ ଚାମ୍ପିୟନ ହୋଇଥିଲେ। ପ୍ରତିଯୋଗିତାକୁ କିସିଣ୍ଡା ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜ୍ୟୋତି ରଞ୍ଜନ ମହନ୍ତ ଓ କିସିଣ୍ଡା ଉଚ୍ଚମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ସୁରେଶ କୁମାର ପାତ୍ର ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ କିସିଣ୍ଡା ସରପଞ୍ଚ ରୀନା ନାୟକ ମୁଖ୍ୟଅତିଥି, କିସିଣ୍ଡା ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅରୁଣ ପ୍ରଧାନ ମୁଖ୍ୟବକ୍ତା ଓ କିସିଣ୍ଡା ସମିତିସଭ୍ୟା ଯାଜ୍ଞସେନୀ କୁଅଁର, ରଘୁନାଥ ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ଜିଏମ୍‌ୟୁ ଅର୍ଥନୀତି ବିଭାଗ ପକ୍ଷରୁ ସାକ୍ଷରତା କାର୍ଯ୍ୟକ୍ରମ

**ସମ୍ବଲପୁର,୧୦।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗ ପକ୍ଷରୁ ଠେମରା ଗ୍ରାମରେ ସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଆର୍ଥିକ ଦୁର୍ବଳ ଶ୍ରେଣୀ ଲୋକଙ୍କ ଆର୍ଥିକ ସାକ୍ଷରତା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅର୍ଥନୀତି ବିଭାଗ ସ୍ନାତକୋତ୍ତର ଛାତ୍ରୀଛାତ୍ର କ୍ଷୁଦ୍ର ନାଟକ ମଞ୍ଚସ୍ଥ କରି ଠିକ୍ ଆର୍ଥିକ ପରିଚାଳନ ଓ ସୁବିନିଯୋଗ ଦ୍ୱାରା କିଭଳି ସୁଦୃଢ଼ ହୋଇପାରିବେ ସେ ନେଇ ସଚେତନ କରିଥିଲେ। ଫ୍ୟାକଲ୍ଟି ସଦସ୍ୟ ଡ. ମୁରଲିଧର ମାଝି, ଡ. ପ୍ରିୟଦର୍ଶୀ ଯୋଷୀ, ଡ. ସୁରଜ ବଡ଼ାଏକ ଓ ଅନୁରଞ୍ଜନ ଟେଟେ ଆର୍ଥିକ ପରିଚାଳନା ପୂର୍ବକ ସଞ୍ଚୟ, ବୀମା ଆଦି ସରକାରୀ ଯୋଜନାରେ ସୁବିନିଯୋଗ କରି କିଭଳି ଲାଭାନ୍ୱିତ ହୋଇପାରିବେ ସେ ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରିଥିଲେ। ଅର୍ଥନୀତି ବିଭାଗ ମୁଖ୍ୟ ତଥା ବିଶ୍ୱବିଦ୍ୟାଳୟର ଉପ କୁଳସଚିବ ଡ. ଉମାଚରଣ ପତି ଆଗକୁ ମଧ୍ୟ ଅର୍ଥନୀତି ବିଭାଗ ପକ୍ଷରୁ ଅନ୍ୟ ଗ୍ରାମରେ ଏଭଳି ଆର୍ଥିକ ପରିଚାଳନା ନେଇ ସଚେତନା କାର୍ଯ୍ୟକ୍ରମ ଜାରି ରହିବ ବୋଲି କହିଥିଲେ। ଏଥିରେ ୪୦ରୁ ଅଧିକ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ଅର୍ଥନୀତି ବିଭାଗର ଗବେଷକ ମଦନ ମେହେର ଓ ପ୍ରତାପ କୁମ୍ଭାର କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ


ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

**ଜମନକିରା,୧୦।୧୨ (ରବୀନ୍ଦ୍ର ପ୍ରସାଦ ଦାନି)**

ଜମନକିରା ବ୍ଲକ ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ସାଲେଗ୍ରାମ ପଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ପୂର୍ବତନ ବିଧାୟକ ରବିନାରାୟଣ ନାୟକ ଯୋଗଦେଇଥିଲେ। ଜମନକିରା ଡିଗ୍ରୀ ମହାବିଦ୍ୟାଳୟର ଅଧାପିକା ଅରୁଣା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିଶୁ ବିଦ୍ୟା ମନ୍ଦିର ଏକ ବିଦ୍ୟାଳୟ ନୁହେଁ, ଏକ ବିଚାରଧାରା ଓ ଏହା ଭାରତୀୟ ସଂସ୍କୃତି ଉପରେ ଆଧାରିତ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ଜୋନ ୧ ସଭ୍ୟା ସୁଜାତା ଖୁଣ୍ଟିଆ, ସଙ୍କୁଳ ପ୍ରମୁଖ ପ୍ରଫୁଲ୍ଲ କୁମାର ସାହୁ, ସଙ୍କୁଳ ସଂଯୋଜକ ତଥା କୁଚିଣ୍ଡା ସରସତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସରୋଜ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଧାନ ଆଚାର୍ଯ୍ୟ ସୁରଳୀ ମିଶ୍ର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ପରିଚାଳନା କମିଟି ସମ୍ପାଦକ ନାରାୟଣ ସାହୁ ଅତିଥି ପରିଚୟ ଦେଇଥିଲେ। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ପୁରସ୍କୃତ କରାଯାଇଥିଲା। ଶେଷରେ ବରିଷ୍ଠ ଆଚାର୍ଯ୍ୟା ସସ୍ମିତା ବିଶାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଚିପିଲିମାରେ ବିଜେଡି କର୍ମୀ ସମ୍ମିଳନୀ


ସମ୍ମିଳନୀରେ ଯୋଗଦେଇଥିବା ଦଳୀୟ ନେତା ଓ କର୍ମୀ।

**ସମ୍ବଲପୁର,୧୦।୧୨ (ଭବାନୀ ଶଙ୍କର ଭୋଇ)**

ରେଙ୍ଗାଲି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିପିଲିମା ଘଣ୍ଟେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଧନକଉଡ଼ା ବ୍ଲକର କର୍ମୀମାନଙ୍କୁ ନେଇ ଆୟୋଜିତ ସମ୍ମିଳନୀରେ କ୍ରିଷ୍ଣା ଲାମା ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଗାମୀ ୨୦୨୪ ନିର୍ବାଚନକୁ ଆଖିଆଗରେ ରଖି ଅଞ୍ଚଳରେ ବିଜେଡିର ସ୍ଥିତି ଆକଳନ କରାଯିବା ସହ ନିର୍ବାଚନୀ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା। ନିର୍ବାଚନ ମଣ୍ଡଳୀରେ ବିଜେଡି କିପରି ବିଜୟୀ ହୋଇପାରିବ ସେ ନେଇ କର୍ମୀମାନେ ସୁଚିନ୍ତିତ ମତ ଉପସ୍ଥାପନ କରିଥିଲେ। ତୃଣମୂଳ ସ୍ତରରୁ ଦଳକୁ ଆହୁରି ମଜଭୁତ କରାଯିବା ଉପରେ କର୍ମୀମାନେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ରେଙ୍ଗାଲିର ପୂର୍ବତନ ବିଧାୟକ ରମେଶ ପଟୁଆ, ସତ୍ୟନାରାୟଣ ଚୌଧୁରୀ, ରେଙ୍ଗାଲି ସରପଞ୍ଚ ଚିତ୍ତରଞ୍ଜନ ବାଗ, ମାନଭଞ୍ଜନ ପଶାୟତ, ଗୁଲାମ ନରେଶ ସିଂଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ଭାରତର ଜ୍ଞାନ, ଯୋଗ ଓ ନାରୀ ଶକ୍ତିଶାଳୀ

## ଖୁସି ମହିଳା ଖୁସି ପରିବାର ଶୀର୍ଷକ ଆଧାତ୍ମିକ କାର୍ଯ୍ୟକ୍ରମ

**ସମ୍ବଲପୁର,୯।୧୨(ବି.ଶଙ୍କର)**

ଖୁସି ମହିଳା ଖୁସି ପରିବାର ଶୀର୍ଷକ ଆଧାତ୍ମିକ କାର୍ଯ୍ୟକ୍ରମ ସମ୍ବଲପୁର ଜିଲା ପଧାନପାଲି ଛକସ୍ଥିତ ପାବନ ସରୋବରଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ ଅନୁଷ୍ଠାନ ସମ୍ବଲପୁର ବ୍ରହ୍ମକୁମାରୀ ଉପକେନ୍ଦ୍ର ସଞ୍ଚାଳିକା ରାଜଯୋଗିନୀ ପାର୍ବତୀ ସମସ୍ତଙ୍କୁ ସ୍ୱାଗତ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ମାଉଣ୍ଟ ଆବୁସ୍ଥିତ ବ୍ରହ୍ମକୁମାରୀ ମହିଳା ବିଭାଗର ଅଧ୍ୟକ୍ଷା ବିକେ ଚକ୍ରଧର, ଜାତୀୟ ଆବାହିକା ଡାକ୍ତର ସବିତା, ବ୍ରହ୍ମକୁମାରୀ ଶକ୍ତି ବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ଦେବଗଡ଼ର ରାଣୀ ଅରୁନ୍ଧତୀ କୁମାରୀ ଦେବୀ, ମାନବ ଅଧିକାର କର୍ମୀ ମାନସୀ ପ୍ରଧାନ ସମ୍ମାନିତ ଅତିଥି ଥିଲେ। ଜୀବନ ଅନିଶ୍ଚିତ, କେତେବେଳେ ଚାଲିଯିବ ଠିକଣା ନାହିଁ। ଏଣୁ ସମସ୍ତଙ୍କ ସହ ସଦ୍‌ଭାବ ରଖି ଗୋଟିଏ ପରିବାର ଭଳି ଚଳିବା ଆବଶ୍ୟକ। ଭାରତର ଜ୍ଞାନ, ଯୋଗ ଓ ନାରୀ ଏତେ ଶକ୍ତିଶାଳୀ ଯେ ତାହା ସହଜରେ କହିହେବ ନାହିଁ ବୋଲି ବକ୍ତାମାନେ ମତ ଦେଇଥିଲେ। ବ୍ରହ୍ମାକୁମାରୀ ଦୀପା ମଞ୍ଚ ପରିଚାଳନା କରିଥିଲେ।



ଆଧାତ୍ମିକ କାର୍ଯ୍ୟକ୍ରମରେ ଅତିଥିମାନେ।

# ହିଣ୍ଡାଲ୍‌କୋ ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର,୧୦।୧୨ (ଭବାନୀ ଶଙ୍କର ଭୋଇ)**

ହୀରାକୁଦ ହିଣ୍ଡାଲ୍‌କୋ ପକ୍ଷରୁ ରବିବାର ଲରପଙ୍କ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ମେଗା ସ୍ୱାସ୍ଥ୍ୟ ଶିବିର ଆୟାଜିତ ହୋଇଯାଇଛି। ହିଣ୍ଡାଲକୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ହୀରାକୁଦ କଂପ୍ଲେକ୍ସର ମାନବ ସମ୍ବଳ ମୁଖ୍ୟ ବିଶ୍ୱାସ ସୀନ୍ହିଙ୍କ ତତ୍ତ୍ୱାବଧାନରେ ଶିବିର ଆୟୋଜିତ ହୋଇଥିଲା। ଅତିରିକ୍ତ ଜିଲା ଚିକିତ୍ସା ଅଧିକାରୀ ଡା. ଭରତ ଦାସ ମୁଖ୍ୟ ଅତିଥି ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲା ସଞ୍ଚାଳନ ପରିଚାଳିକା ଡ. ମୌସୁମୀ ମିଶ୍ର ସମ୍ମାନିତ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ହିଣ୍ଡାଲ୍‌କୋର ଓଡିଶା କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ କ୍ରିଷ୍ଣା ପାଢ଼ୀ, ପାୱାର ପ୍ଲାଣ୍ଟ ମୁଖ୍ୟ ପ୍ରାଞ୍ଜଳ ପାଠକ, ସ୍ମେଲଟର ମୁଖ୍ୟ ଦେବାଶିଷ ମଲ୍ଲିକ ଅତିଥି ଭାବେ ଯୋଗଦେଇଥିଲେ। ଶିବିରରେ ଲରପଙ୍କ, ଝାଙ୍କରପଡା, ନରଡ଼ିହି, ବିହାରିପଡା ନୂଆଯାମୁଡା, ନୂଆଗୁଜତଲ ଆଦି ଅଞ୍ଚଳର ଲୋକେ ସାମିଲ ହୋଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ହିଣ୍ଡାଲକୋର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁବ୍ରତ ଚାଟାର୍ଜୀଙ୍କ ନେତୃତ୍ୱରେ ବହୁ ଅଭିଜ୍ଞ ଚିକିତ୍ସକ ଯୋଗ ଦେଇ ରୋଗୀମାନଙ୍କୁ ଉପଯୁକ୍ତ ଚିକିତ୍ସା ପରାମର୍ଶ ଦେଇଥିଲେ ଓ ସମସ୍ତ ରୋଗୀଙ୍କୁ ମାଗଣା ଔଷଧ ବିତରଣ କରାଯାଇଥିଲା। ମୋଟ ୩୦୪ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ଶିବିରରେ ସିଏସ୍‌ଆର୍ ବିଭାଗର ସରୋଜ ଆଚାର୍ଯ୍ୟ, ସନ୍ତୋଷ ତ୍ରିପାଠୀ, ଜୀତେଶ ରଥ, ହିଣ୍ଡାଲକୋ ସ୍ୱାସ୍ଥ୍ୟ ବିଭାଗର ସତ୍ୟ ପଣ୍ଡା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ଲରପଙ୍କଠାରେ ସ୍ୱାସ୍ଥ୍ୟ ଶିବିର ଉଦ୍‌ଘାଟନ କରୁଛନ୍ତି ଅତିଥି।

**ସଂକ୍ଷେପରେ**

## ସିନାପାଲି ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି

**ସିନାପାଲି,୧୦।୧୨(ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଶିକ୍ଷାବିତ୍ତ ତୁଳସୀରାମ ମେହେରଙ୍କ ଅଧ୍ୟକ୍ଷତାରେ ରୌପ୍ୟ ଜୟନ୍ତୀ ପାଳନ ନେଇ ଆଲୋଚନା ସହ ଜୟନ୍ତୀ ପାଳନ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ନନ୍ଦ କୁମାର ପାତ୍ର, ଉପସଭାପତି ଶଶିଭୂଷଣ ମାଝି, ପ୍ରଦୀପ ଜୈନ, ଅଜିତ ଯୋଷୀ, ସମ୍ପାଦକ ଅତୁଳ କୁମାର ପାତ୍ର, ସହସମ୍ପାଦକ ଦ୍ରୋଣେଶ୍ୱର ଜଗତ, ଗୌତମ ମେହେର, ରଶ୍ମୀପ୍ରଭା ମେହେର ଓ କୋଷାଧ୍ୟକ୍ଷ ଭାବେ ବୈଷ୍ଣବ ମେହେରଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି କମିଟିର ଉପଦେଷ୍ଟା ଭାବେ ତୁଳସୀରାମ ମେହେର, ନରହରି ମେହେର, ସତ୍ୟନାରାୟଣ ପାତ୍ର, ଚନ୍ଦ୍ରଶେଖର ନାୟକ, ସୁବ୍ରତ ଠାକୁର, ଅରିଗଞ୍ଜନ ଯୋଷୀ, ସଞ୍ଜୟ ବେହେରା, ମହାବୀର ଯୋଷୀ, ନବୀନ ଚନ୍ଦ୍ର ମେହେର, ମୋହନ ଚରଣ ଦାଶ ରହିଛନ୍ତି। ପ୍ରଧାନ ଆଚାର୍ଯ୍ୟ ରମେଶ କୁମାର ହଂସ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରବିନ୍ଦ୍ରନାଥ ଯୋଷୀ, ଉପସଭାପତି ମେଘନାଦ ମେହେର, ସମ୍ପାଦକ ବାମଦେବ ଦାଶଙ୍କ ସହ ଲଳିତ ସୁନାରୀ, ତରୁଣ କୁମାର ମେହେର, ଗିରିଶ ଚନ୍ଦ୍ର ନାୟକ, ରୂପେଶ ଚନ୍ଦ୍ର ମେହେର, ବଂଶୀଧର ଜଗତ, ପଦ୍ମଲୋଚନ ନାୟକ, ହୃଦାନନ୍ଦ ମେହେର ପ୍ରମୁଖଙ୍କ ସହ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

## ଯୁବ ଓଡ଼ିଶା ନବୀନ ଓଡ଼ିଶାରେ ଖେଳକୁଦ ପ୍ରତିଯୋଗିତା

**ବୋଡେନ,୧୦।୧୨(ଟିକେଶ୍ୱର ନାଗ)**

ନୂଆପଡା ଜିଲା ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ତୃତୀୟ ଦିବସରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଖେଳକୁଦ ପ୍ରତିଯୋଗିତା ଆୟୋଜିତ ହୋଇଛି। ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ହେମନ୍ତ କୁମାର ମୁଣ୍ଡଙ୍କ ପରିଚାଳିତରେ ମୁଖ୍ୟଅତିଥି ଭାବେ ସୁଶାନ୍ତ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଟିକେଶ୍ୱର୍ ନାଗ, ବିଶିକେଶନ ପଣ୍ଡା ପ୍ରମୁଖ ଫୁଟବଲ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ଗୟାଧର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ପ୍ରାଧ୍ୟାପକ ସମୁଏଲ ଦାନୀ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ପରମେଶ୍ୱର ପଣ୍ଡା, ଅଧ୍ୟାପକ ଉପେନ୍ଦ୍ର ବଞ୍ଜାରା, ଅଧ୍ୟାପକ, ଅଧ୍ୟାପକ ଦେବାଶିଷ ଦଣ୍ଡସେନା, ଡେମନଷ୍ଟ୍ରେଟର ମଦନ ମୋହନ ମୁଣ୍ଡ ଯୋଗଦାନ କରି କରିଥିବା ବେଳେ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ବିଦ୍ୟାଳୟ କର୍ମଚାରୀମାନେ ସହଯୋଗ କରିଥିଲେ। ଏଥିରେ ବାଳକମାନଙ୍କ ଫୁଟବଲ, କ୍ରିକେଟ, ଭଲିବଲ୍, ବ୍ୟାଡମିଣ୍ଟନ ଓ ବାଳିକାମାନଙ୍କ ଫୁଟବଲ ବ୍ୟାଡମିଣ୍ଟନ, ଭଲିବଲ୍ ଖେଳ ଅନୁଷ୍ଠିତ ହୋଇଥିଲା। ୯୦୦ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଖେଳରେ ଯୋଗଦାନ କରିଥିଲେ।

# ଟ୍ରେନ୍ ଯୋଗେ ଦାଦନ ଶ୍ରମିକ ଚାଲାଣ

**କେସିଙ୍ଗା,୧୦।୧୨(ତୁମେଶ୍ୱର ସାହୁ)**



ଟ୍ରେନ୍ ଯୋଗେ ଦାଦନ ଶ୍ରମିକ ଚାଲାଣ।

କଳାହାଣ୍ଡି ଜିଲା କେସିଙ୍ଗା ରେଲୱେ ଷ୍ଟେଶନରୁ ରବିବାର ଏକ ଟ୍ରେନ୍‌ର ୯ଟି ବଗିରେ ଦାଦନ ଶ୍ରମିକଙ୍କ ଚାଲାଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଟ୍ରେନ ଯୋଗେ ଦାଦନ ଶ୍ରମିକ ଚାଲାଣ ନେଇ ବହୁବାର ରେଲୱେ ଏବଂ ଜିଲା ପ୍ରଶାସନ ନିକଟରେ ବିଭିନ୍ନ ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲେ ସୁଦ୍ଧା ରେଲୱେ ଉଚ୍ଚ କର୍ତ୍ତୃପକ୍ଷ ନିରବ ଯୋଗୁ ଦାଦନ ଶ୍ରମିକଙ୍କ ନାହିଁ ନ ଥିବା ଅସୁବିଧା ହୋଇ ମୃତ୍ୟୁମୁଖରେ ପଡି ଜନ୍ମ ମାଟିକୁ ଶବ ଫେରୁଛନ୍ତି। ଦାଦନ ଶ୍ରମିକଙ୍କୁ ଜିଲାରେ ଥିବା ଜିଲା ଶ୍ରମିକ କାର୍ଯ୍ୟାଳୟରେ ପଞ୍ଜୀକୃତ କରାଯାଉ ନାହିଁ। ଦାଦନ ଖଟିଯାଇ ବିଭିନ୍ନ ସମସ୍ୟା ସମ୍ମୁଖୀନ ହୋଇ ଇତି ମଧ୍ୟରେ ବହୁ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଦାଦନ ଶ୍ରମିକ ଚାଲାଣ କରୁଥିବା ଦଲାଲମାନେ ଆର୍‌ପିଏଫ୍, ରେଳ କର୍ତ୍ତୃପକ୍ଷ ଓ ସ୍ଥାନୀୟ ପୋଲିସଙ୍କୁ ମୋଟା ଅଙ୍କର ହାତ ଗୁଞ୍ଜା ଦେଇ ଶ୍ରମିକଙ୍କୁ ଟ୍ରେନ ଯୋଗେ ଚାଲାଣ କରାଯାଉଛି। ଦାଦନ ଶ୍ରମିକ ନୂଆପଡା, ହରିଶଙ୍କର ରୋଡ୍, କଣ୍ଟାବାଞ୍ଜି ରେଲୱେ ଷ୍ଟେଶନରୁ ହଜାର ହଜାର ସଂଖ୍ୟାରେ ଦଲାଲମାନେ ରବିବାର ୯ବଗି ବିଶିଷ୍ଟ ରାୟପୁର -ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌ରେ ଚାଲାଣ କରିଥିବା ଦେଖିବାକୁ ମିଳିଥିଲା। ଦଲାଲମାନେ ଦାଦନ ଶ୍ରମିକଙ୍କୁ କୌଣସି ଲୋକଙ୍କୁ ମତାମତ ଦେବା ପାଇଁ ମନା କରି ବଗି ପ୍ରତି ଦଲାଙ୍କ ଜଣେ ଦୁଇ ଜଣ ଜଗି ଶ୍ରମିକଙ୍କୁ କଡା ସୁରକ୍ଷା ମଧ୍ୟରେ ଚାଲାଣ କରିଥିବା ଜଣାପଡ଼ିଛି। ଟିଟିଲାଗଡ ଜଙ୍କସନ ହୋଇଥିଲେ ମଧ ଆର୍‌ପିଏଫ୍‌ଙ୍କ ମୁଖ୍ୟ କାର୍ଯ୍ୟାଳୟ ଦେଇ ଏହି ଚାଲାଣ କାରାଯାଉଥିଲେ ମଧ

**ଜାଣିଶୁଣି ଆର୍‌ପିଏଫ୍ ନିଦାବିଷ୍ଟ**

ଆର୍‌ପିଏଫ୍ ଜାଣିଶୁଣି ନିଦାବିଷ୍ଟ ହୋଇ ଶ୍ରମିକଙ୍କୁ ଛାଡି ଦେଉଛନ୍ତି। ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା ଦେଇ ବିଜୟନଗରମ, ବିଶାଖାପାଟଣାକୁ ନିଆଯାଉଛି। ପୁଣି ବିଶାଖାପାଟଣାରୁ ଟ୍ରେନ ବଦଳାଇ ହାଇଦ୍ରାବାଦ, ଚେନ୍ନାଇ, ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳକୁ ଶ୍ରମିକଙ୍କୁ ଇଟା ଗଡ଼ିବାରେ ନିୟୋଜିତ କରୁଛନ୍ତି। ଦାଦନ ଶ୍ରମିକଙ୍କ ପରିବାର ମୁଖ୍ୟକୁ ୫୦ ରୁ ୮୦ ହଜାର ଟଙ୍କା ଦଲାଲ ଅଗ୍ରୀମ ଦେଇ ନେଉଛନ୍ତି। ଏ ନେଇ ସମ୍ବଲପୁର ଡିଭିଜନର ଡିଆର୍‌ଏମ୍‌ଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ତାଙ୍କ ଅଧୀନସ୍ଥ ଜଣେ ଅଫିସରଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ। ଟିଟିଲାଗଡ଼ ଆର୍‌ପିଏଫ୍ କାର୍ଯ୍ୟାଳୟର ଓଆଇସିଙ୍କୁ ମଧ ଯୋଗାଯୋଗ ହୋଇ ପାରିନାହିଁ।

## ଚାନ୍ଦଲି ପାହାଡ଼ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



ଚାନ୍ଦଲି ପାହାଡ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

**ଦେଓଗାଁ,୧୦।୧୨(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡ ପଞ୍ଚାୟତ ଦେଷଣ୍ଡ ନିକଟରେ ଥିବା ଚାନ୍ଦଲି ପାହାଡରେ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ସରପଞ୍ଚ ଯଶୋଦା ମେହେରଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ନରସିଂହ ମିଶ୍ର ଯୋଗଦେଇ ୫୫ଲକ୍ଷ ବ୍ୟୟ ଅଟକଳରେ ହେବାକୁ ଥିବା ଉନ୍ନୟନ କାମର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଚାନ୍ଦଲି ପାହାଡ ରାସ୍ତା ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ପ୍ରସ୍ତାବ ପଠାଯାଇଛି। ଖୁବଶୀଘ୍ର ରାସ୍ତା କାମ ପାହାଡ ଉପରେ ଥିବା ମନ୍ଦିର ପର୍ଯ୍ୟନ୍ତ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଥିଲେ । ଆସନ୍ତା ଜାନୁୟାରୀ ୧ରେ ଚାନ୍ଦଲି ମହୋତ୍ସବ ହେବାକୁ ଥିବାବେଳେ ବର୍ତ୍ତମାନ ଯାଏ ବିଦ୍ୟୁତ୍ କିମ୍ବା ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ହୋଇ ନ ଥିବାରୁ ସେ ଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ ସଭାପତି ରାମଜୀ ଚୌଧୁରୀ, ଦେଷଣ୍ଡ ସମିତି ସଭ୍ୟ ରୁଦନା ଧରୁଆ, ରାମଚନ୍ଦ୍ରପୁର ସମିତି ସଭ୍ୟ ସଂକୀର୍ତ୍ତନ ବାଗ, ଜିଲା କଂଗ୍ରେସ କମିଟି ସମ୍ପାଦକ ପପୁ ପାତ୍ର, କୁନା ସାହୁ, ପିଣ୍ଟୁ ପୋଢ, ବନମାଳି ମେହେର, ଲାଲୁ ପଧାନ, ଯୁଗନ ପଧାନ, ଦିନ ମେହେର, ଅନ୍ତ ଭୋଇ, ଜଲେନ୍ଦ୍ର କଲେତ, ଜ୍ୟୋସ୍ନାମୟୀ ନାଏକ ଉପସ୍ଥିତ ଥିଲେ ।

# କର୍ଲାମୁଣ୍ଡା କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ: ଚିର୍ଲା ବିଜୟୀ



ଅତିଥିମାନଙ୍କ ସହ ଖେଳାଳି ବୃନ୍ଦ।

**କର୍ଲାମୁଣ୍ଡା,୧୦।୧୨(ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁସ୍ଥିତ ଚିନାବାଡ଼ି ପଡିଆଠାରେ ରବିବାର କର୍ଲାମୁଣ୍ଡା ଫୁଟବଲ ଟିମ ପକ୍ଷରୁ ଚତୁର୍ଥ କର୍ଲାମୁଣ୍ଡା କପ୍ ଫୁଟ୍‌ବଲ୍ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟଅତିଥି ଭାବେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ରାଜେଶ ପ୍ରସାଦ ହିଆଁଲ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ପଞ୍ଚାୟତ ନାଏବ ସରପଞ୍ଚ ରାଧେଶ୍ୟାମ ବାଗ, ଆୟୋଜକ କମିଟି ସଭାପତି ଡୁଲାମଣି ଭୋଇ, ସମ୍ପାଦକ ଦୁର୍ଲଭ ମେହେର, ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟନୀ ମ୍ୟାଚ ଚିର୍ଲା ଓ ଜରାସିଙ୍ଗା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନିର୍ଦ୍ଧାରିତ ସମୟରେ ଚିର୍ଲା ଦଳ ୧-୦ରେ ବିଜୟୀ ହୋଇଥିଲା। ରେଫରି ଭାବେ ଚଞ୍ଚଳ ମାଝି, ରାଜେଶ କୁମାର, ବିଶେଶ୍ୱର ପଧାନ ଖେଳ ପରିଚାଳନା କରିଥିଲେ। ଆୟୋଜକ ଟିମ ସଦସ୍ୟ ନୀଳମାଧବ ଭୋଇ, ବିରେନ ସାହୁ, ଅନିଲ ସାହୁ, ମୁକେଶ କୁମାର ସାହୁ, ସଲଟି ବଗର୍ତ୍ତି, ସୀତୁ ସାହୁ, ବିରୁ ସାହୁ, ବବଲୁ ସାହୁ, ଜିତ ସାହୁ, ବିପିନ ସାହୁ, ମଣି ମେହେର, ନମିତ ସୁନା, ରାଜା ସାହୁ, ତପନ ଛତ୍ରିଆ, ଅଭିଷେକ ସାହୁ, ଟୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ। ସୋମବାର ହେବାକୁ ଥିବା ମ୍ୟାଚ ସୋନପୁର ଓ ବୌଦ୍ଧ ମଧ୍ୟରେ ହେବାକୁ ଥିବା ଆୟୋଜକ କମିଟି ମ୍ୟାନେଜର ମୁକେଶ କୁମାର ସାହୁ ସୂଚନା ଦେଇଛନ୍ତି।

## ବେହେରା ସାପ୍ତାହିକ ହାଟରେ ବଢୁଛି ଚୋରି

**ପୋଲିସ ଥାନା ସ୍ଥାପନ ପାଇଁ ଦାବି**

**ବେହେରା,୧୦।୧୨(ଭୂପେଶ ତିୱାରୀ)**

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ସାପ୍ତାହିକ ହାଟରେ କ୍ରମାଗତ ଭାବେ ଚୋରି ହେଉଥିବା ଅଭିଯୋଗ ହେଉଛି। ପ୍ରତି ରବିବାର ଏହି ଗ୍ରାମରେ ଏକ ବିରାଟ ହାଟ ବସିଥାଏ। ଧର୍ମଗଡ଼ ବ୍ଲକ, କୋକସରା ବ୍ଲକ, ଚନ୍ଦହାଣ୍ଡି, ୯ରି ଗାଁ ସମେତ ପଡୋଶୀ ଛତିଶଗଡ଼ ଦେଓଭୋଗ ଅଞ୍ଚଳର ହଜାର ହଜାର ଲୋକଙ୍କ ବଜାରକୁ ଆସିଥାନ୍ତି। ପନିପରିବା, କପଡାଠାରୁ ରୁପା, ସୁନାର ବ୍ୟବସାୟୀ ଏଠାକୁ ପସରା ଆଣିଥାନ୍ତି। ଶହ ଶହ ସାଇକେଲ, ମୋଟର ସାଇକେଲ ବଜାର ପାର୍ଶ୍ୱରେ ଲୋକେ ଏଣେତେଣେ ରଖିଥାନ୍ତି । ଭିଡ଼ ଅଧିକ ହେଉଥିବା ଓ କୌଣସି ପୋଲିସ ପ୍ରଶାସନ ଡର ନ ଥିବା ଯୋଗୁ ଚୋରମାନେ ଏଠି ସକ୍ରିୟ ହୋଇ ଉଠିଛନ୍ତି। ସୁଯୋଗ ଦେଖି ସାଇକେଲ, ମୋଟରସାଇକେଲ, ମୋବାଇଲ ଚୋରି କରୁଥିବା ବେଳେ ଗୋରୁ ବଜାରରୁ ଛେଳି, ମେଣ୍ଢା ଉଠାଇ ନେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବଜାରକୁ ଆସିଥିବା ଅନେକ ଲୋକେ ପକେଟମାରର ଶିକାର ହେଉଛନ୍ତି। ବାରମ୍ବାର ବେହେରା ଗ୍ରାମରେ ଏକ ପୋଲିସ ଥାନା ପାଇଁ ଲୋକେ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ବେହେରାଠାରୁ ଧର୍ମଗଡ଼ ଥାନା ୨୦ କି.ମି. ଓ କୋକସରା ଥାନା ୧୫ କି.ମି. ମଧ୍ୟରେ ରହୁଥିବା ଯୋଗୁ ଏହି ଅଞ୍ଚଳ କଳାବଜାରୀ ଓ ଦୁର୍ବୃତ୍ତମାନଙ୍କ ଏକ ଗଡ଼ ପାଲଟିଛି। ଏଣୁ ବେହେରାରେ ଏକ ପୋଲିସ ଥାନା କରାଯିବାକୁ ବଣିକ ସଂଘ, ସାମ୍ବାଦିକ ସଂଘ ସମେତ ଦଣ୍ଡପାଟବାସୀ ସରକାରଙ୍କୁ ନିବେଦନ କରିଛନ୍ତି।

## ଶିକ୍ଷୟିତ୍ରୀଙ୍କ ବିକାଶ ନେଇ ଆଲୋଚନା



କାର୍ଯ୍ୟକ୍ରମରେ ସାମିଲ ଶିକ୍ଷୟିତ୍ରୀମାନେ ।

**ସିନାପାଲି,୧୦।୧୨(ମନଫୁଲ ମେହେର)**

ନୂଆପଡ଼ା ଜିଲା ସିନାପାଲି ବ୍ଲକ ପ୍ରାଥମିକ ଶିକ୍ଷୟିତ୍ରୀଙ୍କ ବନ୍ଧୁ ମିଳନ ରବିବାର ପର୍ଯ୍ୟଟନସ୍ଥଳି ପାତଳଗଙ୍ଗାଠାରେ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ସିନାପାଲି ବ୍ଲକର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀମାନେ ଅଂଶ ଗ୍ରହଣ କରିଥିଲେ। ଏଭଳି ମିଳନ ଦ୍ୱାରା ଭାବଗତ ଏକତା ବିବା ସହ ପରସ୍ପର ମଧ୍ୟରେ ସମ୍ପର୍କ ସୁଦୃଢ଼ ହେବ ବୋଲି ମତପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷୟିତ୍ରୀଙ୍କ ବିଭିନ୍ନ ସମସ୍ୟା ଓ ସେସବୁ ସମାଧାନ ସହ ବିଦ୍ୟାଳୟସ୍ତରରେ ଶିକ୍ଷାଦାନକୁ କିପରି ଉନ୍ନତ କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ରଶ୍ମିପ୍ରଭା ମେହେର, ଅସ୍ମିତା ପାୀ, ଝରଣା ସାଗର ଦୁରିଆ, ନେତୃତ୍ୱ ନେଇଥିଲେ। ରୀତାଞ୍ଜଳୀ ଚାନ୍ଦ, ସତ୍ୟରୂପା ଯୋଷୀ, କୁସୁମ ତାଣ୍ଡି, ସୁରଭି ପଣ୍ଡା, ସନ୍ତୋଷିନୀ ମେହେର, ଜ୍ୟୋସ୍ନାରାଣୀ ମାଝି, ମିତା ମେହେର, ବେଳମତୀ ଧରୁଆ, ଟିକେମଣୀ ହରିଜନ, ପୁଷ୍ପାଞ୍ଜଳି ମେହେର, ଲୋପାମୁଦ୍ରା ପାତ୍ର, ସବିତା ମେହେର, ସୁନୀତା ମାଝି, ଲକ୍ଷ୍ମୀକାନ୍ତୀ ମହାନନ୍ଦ, ସୁରମା ଭିତରିଆ, ରଜନୀ ମାଝି, ପିଙ୍କି ନିଆଲ, ମମତା ନେଗୀ, ଚନ୍ଦ୍ରା ବାଗ, ଉମା ତୁମୁନିଆ ପ୍ରମୁଖ ଯୋଗଦେଇଥିଲେ।

# ମିଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ଖଡ଼ିଆଳ,୧୦।୧୨(ସୁଜିତ୍ କୁମାର ପ୍ରଧାନ)**




କାର୍ଯ୍ୟକ୍ରମରେ ବିଧାୟକ ଉଦ୍‌ବୋଧନ ଦେଉଛନ୍ତି।

ନୂଆପଡ଼ା ଜିଲା ଖଡ଼ିଆଳ ବ୍ଲକ ଟୁକୁଲରେ ୫ଟି ଅନୁଷ୍ଠାନ ନେଇ ତିନିଦିନ ବ୍ୟାପୀ ଚାଲିଥିବା ଚଳିତବର୍ଷ ୩୨ତମ ମିଳିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୟୁପି ସ୍କୁଲ, ସୁଲୋଚନା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟୁକୁଲା ଉଚ୍ଚ ବିଦ୍ୟାଳୟ, ଯୁକ୍ତ ୨ କଲେଜ ଓ କ୍ଷମା ମେହେର ଯୁକ୍ତ ୩ କଲେଜ ସାମିଲ ହୋଇଥିଲେ। କ୍ରୀଡ଼ା ଉତ୍ସବ ତିନିଦିନ ବ୍ୟାପୀ ଆୟୋଜନ କରାଯାଇଥିଲା। ଏଥିରେ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟିତ କରିଥିଲେ। ମିଳିତ କ୍ରୀଡ଼ା ଉତ୍ସବ ସଭାପତି ସୁଶ୍ରୀ ଅସୀମା ବାଘ ଓ ସମ୍ପାଦକ ତୁଳସୀ ରାମ ମେହେର ଧାରା ବିବରଣୀ ଓ ଖେଳ ମହତ୍ୱ ବିଷୟରେ ନିଜ ବକ୍ତବ୍ୟ ରଖିଥିଲେ। ଏହା ସହ ବିଘ୍ନରାଜ ଦାଶ, ରବୀନ୍ଦ୍ର ମିଶ୍ରି, ଚିତ୍ତରଞ୍ଜନ ଦୁବେ ବିଭିନ୍ନ ଅନୁଷ୍ଠାନ ମୁଖ୍ୟ ମଞ୍ଚାସୀନ ଥିଲେ। ଖଡ଼ିଆଳ ଗୋଷ୍ଠୀ ଶିକ୍ଷା ଅଧିକାରୀ କାହ୍ନୁଁ ଚରଣ ନାୟକଙ୍କ ଦ୍ୱାରା ଖେଳ ପତାକା ଅବତରଣ କରାଯାଇଥିଲା। ପ୍ରତ୍ୟେକ ଅନୁଷ୍ଠାନ ଶ୍ରେଷ୍ଠ ଖେଳାଳିଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଅରୁଣ ପଣ୍ଡା ଓ ସିଦ୍ଧାର୍ଥ ଦାଶଙ୍କ ଦ୍ୱାରା ମଞ୍ଚ ପରିଚାଳନା କରାଯାଇଥିଲା ବେଳେ ସଞ୍ଜୟ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ଅନୁଷ୍ଠାନ ଦ୍ୱାରା ଛାତ୍ରୀଛାତ୍ରଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। କ୍ରୀଡ଼ା ଖେଳ ଶିକ୍ଷକ ଗୋପାଳ ଦୁବେ, ବିରେନ୍ଦ୍ର ବାଗ, କୁନ୍ତଳିନୀ ସାହୁ ଓ ମହେଶ ମେହେରଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। କ୍ରୀଡ଼ା ଉତ୍ସବରେ ସମସ୍ତ ଅନୁଷ୍ଠାନର ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କ ସହଯୋଗରେ ସଫଳ ହୋଇଥିଲା।

## ସାଇନିଂ ୱାର୍ଲ୍ଡ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

**କୋକସରା,୧୦।୧୨(ଦୁଷ୍ମନ୍ତ କୁମାର ପାଙ୍ଗଯୋଶୀ)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଶାନ୍ତିନଗର ସାଇନିଂ ୱାର୍ଲ୍ଡ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଛାତ୍ର ନେତ୍ରୀ ଅନମୋଲ ଅଙ୍କିତା, ସମ୍ମାନିତ ଅତିଥି ଭାବେ ଛତିଶଗଡ ଦେଭୋଗ ବ୍ଲକ ଅଧକ୍ଷା ନେହା ସିଙ୍ଗଲ, ଚାରବାହାଲ ସରପଞ୍ଚ ସତ୍ୟଭାମା ପଣ୍ଡା, ସାଇନିଂ ୱାର୍ଲ୍ଡ ସ୍କୁଲ ସମ୍ପାଦକ ଶରତ ଦାସ, ଉପ ସଭାପତି ଦୈତାରି ନାଏକ, ଯୁଗ୍ମ ସମ୍ପାଦକ ବିଜୟ ଶବର, ପ୍ରବୀର କୁମାର ଗୋଏଲ, ନରେଶ ଅଗ୍ରୱାଲ ମଞ୍ଚରେ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀଙ୍କୁ

**ଶିକ୍ଷା ହିଁ ସଫଳ ମଣିଷ ହେବାକୁ ପ୍ରେରଣା ଯୋଗାଏ**

ଜୀବନରେ ଜଣେ ସଫଳ ମଣିଷ ହେବାକୁ ଶିକ୍ଷା ହିଁ ପଥ ପ୍ରଦର୍ଶକ ବୋଲି ଅତିଥିମାନେ କହିଥିଲେ। ସୁଦିପ୍ତ ପୁରୋହିତ ଓ ରଚିୟତା ପାଢ଼ୀ ମଞ୍ଚ ପରିଚାଳନା ଏବଂ ସ୍କୁଲ ଅଧକ୍ଷ ଇନ୍ଦ୍ରଜିତ ସିଂହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀ ଅକସିକା ମୁଣ୍ଡ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଭଙ୍ଗି ସାହୁଙ୍କୁ ଷ୍ଟୁଡେଣ୍ଟ ଅଫ ଦ ଇୟର ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ପରିଚଳନାରେ ସହଯୋଗ କରିଥିଲେ।

# ବିଭାଗୀୟ ବିଫଳତାକୁ ପ୍ରଶ୍ନ କଲେ

**ବଲାଙ୍ଗୀର,୧୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର ଜିଲାର ମଦଭାଟି, ଅଫିସ ଓ ମଦ ବ୍ୟବସାୟୀଙ୍କ ବାସଭବନରେ ଚଢ଼ାଉ କରି ଆୟକର ବିଭାଗ ଅନେକ ଶହକୋଟି ଟଙ୍କା ଜବତ କରିଛି। ଏହି ପ୍ରସଙ୍ଗରେ ବଲାଙ୍ଗୀର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାର ସିଂଦେଓ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ ହାଉସରେ ଖବରଦାତା ସମ୍ମିଳନୀ ଡାକି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ବଲାଙ୍ଗୀର ଜିଲାର ମଦଭାଟି ମାନଙ୍କରେ ଚଢ଼ାଉ କରି ଆୟକର ବିଭାଗ ଶତାଧିକ କୋଟି ଟଙ୍କା ଜବତ କରିଯିବା ପରେ ସାଧାରଣ ଲୋକଙ୍କ ମନରେ ସ୍ୱତଃ ଅନେକ ପ୍ରଶ୍ନ ଉଠୁଛି। ଏତେ ପରିମାଣର ଟଙ୍କା ମଦଭାଟିରୁ ବାହାରିବା ରାଜ୍ୟ ସରକାରଙ୍କ ଅବକାରୀ, ଗୋଇନ୍ଦା, ଭିଜିଲାନ୍ସ ଏବଂ ପୋଲିସ ବିଭାଗକୁ କାଠଗଡାରେ ଠିଆ କରାଉନାହିଁ କି ବୋଲି କହିଥିଲେ। ଏହା ସହିତ ଏହି ଉପରୋକ୍ତ ବିଭାଗ ଗୁଡିକ କ'ଣ କରୁଥିଲେ ବୋଲି କହିଛନ୍ତି। ବଲାଙ୍ଗୀର ଜିଲାରେ ବିପୁଳ ପରିମାଣରେ ନିଶା କାରବାର ଏବଂ ଗଞ୍ଜେଇ କାରବାର ଚାଲିଥିବା ସମସ୍ତେ ଜାଣିଛନ୍ତି। ସୁବର୍ଣ୍ଣପୁର ଜିଲାର ଜଣେ ହୋମଗାଡି କିଭଳି ଏହି କାର୍ଯ୍ୟ କରୁଥିଲେ ଏହା ସମସ୍ତେ ଜାଣିଛନ୍ତି। ଏଥିରୁ କ'ଣ ପ୍ରମାଣିତ ହେଉଛି। ରାଜ୍ୟ ସରକାର ଖୋଦ୍ ଏହାର ଉତ୍ତର ରଖନ୍ତୁ। ଟିଟିଲାଗଡର ମନ୍ତ୍ରୀଙ୍କ ସହ ମଦ ବ୍ୟବସାୟୀଙ୍କ କ'ଣ ସମ୍ପର୍କ ବୋଲି ପ୍ରଶ୍ନ ଉଠିଲେ, ଫଟୋ ଭାଇରାଲ ହେଲେ ଏକ ନିର୍ଦ୍ଦିଷ୍ଟ ଟିଭି ଚେନାଲରେ ମିଥ୍ୟା ତଥ୍ୟ ଉପସ୍ଥାପନ କରି ବଲାଙ୍ଗୀର ଏମ୍‌ପିଙ୍କ ସହ ଯୋଡିବାକୁ ଯେଉଁ ପ୍ରୟାସ କରାଯାଇଛି ତାହା ଉଦ୍ଦେଶ୍ୟମୂଳକ। ଏଭଳି ବ୍ଲେମ୍ ଗେମ ଖେଳ ନାହିଁ ବୋଲି ସେ କହିଛନ୍ତି। ବଲାଙ୍ଗୀର ଜିଲାରେ ଏତେ କାଣ୍ଡ ହେଲା ପରେ ମଧ ପଡୋଶୀ ସୁବର୍ଣ୍ଣପୁର ଜିଲାର ଜଣେ ମନ୍ତ୍ରୀ ଯେ କି ପୂର୍ବରୁ ଅବକାରୀ ବିଭାଗ ଦାୟିତ୍ୱରେ ଥିଲେ ସେ କିଭଳି କିଛି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ମଦଭାଟିରୁ ଯେଉଁ ବିଡା ବିଡା ନୋଟ୍ ଜବତ କରାଯାଇଛି ତାହା କ'ଣ ମଦବିକ୍ରି କରି ଅଣାଯାଇଛି ନାଁ ସିଧା ବ୍ୟାଙ୍କରୁ ଆସିଥିବା ନୋଟ ସେନେଇ ମଧ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ଟିଟିଲାଗଡର ମନ୍ତ୍ରୀଙ୍କ ସହ ମଦ ବ୍ୟବସାୟୀଙ୍କ ଫଟୋ ଭାଇରାଲ ହେବା ପରେ ତାଙ୍କୁ ଏହି ପ୍ରସଙ୍ଗରେ ଯୋଡିବା ଉଦ୍ଦେଶ୍ୟମୂଳକ ଏହା ଲୋକ ଜାଣିଛନ୍ତି ବୋଲି ଏମ୍‌ପି ସିଂଦେଓ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତାଙ୍କ ପ୍ରତିନିଧି ଦିନେଶ ଶର୍ମା, ଗୋପାଳଜୀ ପାଣିଗ୍ରାହୀ, ପଙ୍କଜିନୀ ପଣ୍ଡା, ଶିବଦତ୍ତ ମିଶ୍ର, ସ୍ମୃତିରେଖା ଦାନୀ, ପିତାମ୍ବର ଖମାରୀ ଉପସ୍ଥିତ ଥିଲେ।

**ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ରଖିଲେ ଏମ୍‌ପି ସଙ୍ଗୀତା ସିଂଦେଓ**

- ବିଡାବିଡା ନୋଟ ମଦବିକ୍ରିର ନା ବ୍ୟାଙ୍କର ତଦନ୍ତ ହେଉ
- ବ୍ଲେମ୍ ଗେମ୍ ଖେଳ ନାହିଁ କହିଲେ

## ସଂକ୍ଷେପରେ

### ଉଲୁଣ୍ଡା ଆଞ୍ଚଳିକ ଧନୁଯାତ୍ରା: କୃଷ୍ଣ ଜନ୍ମ

ଉଲୁଣ୍ଡା,୧୦।୧୨(ଉରୁକ୍ରମ ପାଣ୍ଡିଆ)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବାର ରବିବାର ଥିଲା ଚତୁର୍ଥ ରଜନୀ। ପୌରାଣିକ କଥାବସ୍ତୁରେ ଦେବକୀର ଜନ୍ମିତ ଛଅ ପୁତ୍ରଙ୍କୁ ଦର୍ପଣ ଶିଳାରେ କଚାଡି କଂସ ହତ୍ୟା କରିଛନ୍ତି। ସପ୍ତମ ଗର୍ଭ ସନ୍ତାନ ଅଦୃଶ୍ୟ ହୋଇଗଲେ। ଅଷ୍ଟମ ଗର୍ଭରେ କୃଷ୍ଣ ଜନ୍ମ ହୋଇ ବସୁଦେବଙ୍କ ସହାୟତାରେ ଗୋପପୁରର ଯଶୋଦା କୋଳରେ ଅବସ୍ଥିତ ହେଲେ। ବିଜୁଳି କନ୍ୟାଙ୍କୁ ଧରି ବସୁଦେବ ବନ୍ଦୀଶାଳରେ ପହଞ୍ଚିଥିଲେ। କଂସ ଶିଶୁକନ୍ୟାକୁ ହତ୍ୟା କରିବାକୁ ଚେଷ୍ଟା କଲାବେଳେ ହଠାତ୍ ଶୂନ୍ୟବାଣୀ କହେ ରେ କଂସ ତତେ ବଧିବ ଯିଏ, ସେ ବଢୁଛି ଗୋପରେ। ଅଷ୍ଟ ବର୍ଷେ ବିନାଶିବ ଆସି ମଥୁରାରେ। ଏହା ଶୁଣି କଂସ ବ୍ୟତିବ୍ୟସ୍ତ ହୋଇପଡନ୍ତି। ରାଜ ଅତିଥି ଭାବେ ରାଜ୍ୟ ପିସିସି ସାଧାରଣ ସମ୍ପାଦକ ଏମ୍.ଡି ଆକବର ଖାନ, ଶ୍ରୀକୃଷ୍ଣ ସାଂସ୍କୃତିକ ପରିଷଦ ସଭାପତି ହିମାଂଶୁ ତ୍ରିପାଠୀଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା ଯୋଗଦେଇ ସାଂସ୍କୃତିକ ବାର୍ତ୍ତା ପ୍ରଦାନ କରିଥିଲେ। ଆଞ୍ଚଳିକ ଲୋକନୃତ୍ୟ ସହିତ ଆଲବମ କଳାକାରଙ୍କ ନାଚ ଦର୍ଶକଙ୍କୁ ବାନ୍ଧି ରଖିଥିଲା।

### ସିନାପାଲି ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପ୍ରସ୍ତୁତି

ସିନାପାଲି,୧୦।୧୨(ମନଫୁଲ ମେହେର)

ନୂଆପଡ଼ା ଜିଲା ସିନାପାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ରୌପ୍ୟ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଛି। ବିଶିଷ୍ଟ ଶିକ୍ଷାବିତ୍ତ ତୁଳସୀରାମ ମେହେରଙ୍କ ଅଧ୍ୟକ୍ଷତାରେ ରୌପ୍ୟ ଜୟନ୍ତୀ ପାଳନ ନେଇ ଆଲୋଚନା ସହ ଜୟନ୍ତୀ ପାଳନ କମିଟି ଗଠନ କରାଯାଇଥିଲା। କମିଟି ସଭାପତି ଭାବେ ନନ୍ଦ କୁମାର ପାତ୍ର, ଉପସଭାପତି ଶଶିଭୂଷଣ ମାଝି, ପ୍ରଦୀପ ଜୈନ, ଅଜିତ ଯୋଷୀ, ସମ୍ପାଦକ ଅତୁଳ କୁମାର ପାତ୍ର, ସହସମ୍ପାଦକ ଦ୍ରୋଣେଶ୍ୱର ଜଗତ, ଗୌତମ ମେହେର, ରଶ୍ମୀପ୍ରଭା ମେହେର ଓ କୋଷାଧ୍ୟକ୍ଷ ଭାବେ ବୈଷ୍ଣବ ମେହେରଙ୍କୁ ମନୋନୀତ କରାଯାଇଥିଲା। ସେହିଭଳି କମିଟିର ଉପଦେଷ୍ଟା ଭାବେ ତୁଳସୀରାମ ମେହେର, ନରହରି ମେହେର, ସତ୍ୟନାରାୟଣ ପାତ୍ର, ଚନ୍ଦ୍ରଶେଖର ନାୟକ, ସୁବ୍ରତ ଠାକୁର, ଅରିଗଞ୍ଜନ ଯୋଷୀ, ସଞ୍ଜୟ ବେହେରା, ମହାବୀର ଯୋଷୀ, ନବୀନ ଚନ୍ଦ୍ର ମେହେର, ମୋହନ ଚରଣ ଦାଶ ରହିଛନ୍ତି। ପ୍ରଧାନ ଆଚାର୍ଯ୍ୟ ରମେଶ କୁମାର ହଂସ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ରବିନ୍ଦ୍ରନାଥ ଯୋଷୀ, ଉପସଭାପତି ମେଘନାଦ ମେହେର, ସମ୍ପାଦକ ବାମଦେବ ଦାଶଙ୍କ ସହ ଲଳିତ ସୁନାରୀ, ତରୁଣ କୁମାର ମେହେର, ଗିରିଶ ଚନ୍ଦ୍ର ନାୟକ, ରୂପେଶ ଚନ୍ଦ୍ର ମେହେର, ବଂଶୀଧର ଜଗତ, ପଦ୍ମଲୋଚନ ନାୟକ, ହୃଦାନନ୍ଦ ମେହେର ପ୍ରମୁଖଙ୍କ ସହ ଅଞ୍ଚଳର ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ଟ୍ରେନ୍ ଯୋଗେ ଦାଦନ ଶ୍ରମିକ ଚାଲାଣ

କେସିଙ୍ଗା,୧୦।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ରେଲୱେ ଷ୍ଟେଶନରୁ ରବିବାର ଏକ ଟ୍ରେନ୍‌ର ୯ଟି ବଗିରେ ଦାଦନ ଶ୍ରମିକଙ୍କ ଚାଲାଣ କରାଯାଇଥିବା ଦେଖିବାକୁ ମିଳିଥିଲା। ଟ୍ରେନ ଯୋଗେ ଦାଦନ ଶ୍ରମିକ ଚାଲାଣ ନେଇ ବହୁବାର ରେଲୱେ ଏବଂ ଜିଲା ପ୍ରଶାସନ ନିକଟରେ ବିଭିନ୍ନ ସଂଘ ପକ୍ଷରୁ ଅଭିଯୋଗ ହୋଇଥିଲେ ସୁଦ୍ଧା ରେଲୱେ ଉଚ୍ଚ କର୍ତ୍ତୃପକ୍ଷ ନିରବ ଯୋଗୁ ଦାଦନ ଶ୍ରମିକଙ୍କ ନାହିଁ ନ ଥିବା ଅସୁବିଧା ହୋଇ ମୃତ୍ୟୁମୁଖରେ ପଡି ଜନ୍ମ ମାଟିକୁ ଶବ ଫେରୁଛନ୍ତି। ଦାଦନ ଶ୍ରମିକଙ୍କୁ ଜିଲାରେ ଥିବା ଜିଲା ଶ୍ରମିକ କାର୍ଯ୍ୟାଳୟରେ ପଞ୍ଜୀକୃତ କରାଯାଉ ନାହିଁ। ଦାଦନ ଖଟିଯାଇ ବିଭିନ୍ନ ସମସ୍ୟା ସମ୍ମୁଖୀନ ହୋଇ ଇତି ମଧ୍ୟରେ ବହୁ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଦାଦନ ଶ୍ରମିକ ଚାଲାଣ କରୁଥିବା ଦଲାଲମାନେ ଆର୍‌ପିଏଫ୍, ରେଳ କର୍ତ୍ତୃପକ୍ଷ ଓ ସ୍ଥାନୀୟ



ଟ୍ରେନ୍ ଯୋଗେ ଦାଦନ ଶ୍ରମିକ ଚାଲାଣ।

ପୋଲିସଙ୍କୁ ମୋଟା ଅଙ୍କର ହାତ ଗୁଞ୍ଜା ଦେଇ ଶ୍ରମିକଙ୍କୁ ଟ୍ରେନ ଯୋଗେ ଚାଲାଣ କରାଯାଉଛି। ଦାଦନ ଶ୍ରମିକ ନୂଆପଡା, ହରିଶଙ୍କର ରୋଡ୍, କଣ୍ଟାବାଞ୍ଜି ରେଲୱେ ଷ୍ଟେଶନରୁ ହଜାର ହଜାର ସଂଖ୍ୟାରେ ଦଲାଲମାନେ ରବିବାର ୯ବଗି ବିଶିଷ୍ଟ ରାୟପୁର –ବିଶାଖାପାଟଣା ପାସେଞ୍ଜର ଟ୍ରେନ୍‌ରେ ଚାଲାଣ କରିଥିବା ଦେଖିବାକୁ ମିଳିଥିଲା। ଦଲାଲମାନେ ଦାଦନ ଶ୍ରମିକଙ୍କୁ କୌଣସି ଲୋକଙ୍କୁ ମତାମତ ଦେବା ପାଇଁ ମନା କରି ବଗି ପ୍ରତି ଦଲାଙ୍କ ଜଣେ ଦୁଇ ଜଣ ଜଗି ଶ୍ରମିକଙ୍କୁ କଡା ସୁରକ୍ଷା ମଧ୍ୟରେ ଚାଲାଣ କରିଥିବା ଜଣାପଡ଼ିଛି। ଟିଟିଲାଗଡ ଜଙ୍କସନ ହୋଇଥିଲେ ମଧ୍ୟ ଆର୍‌ପିଏଫ୍‌ଙ୍କ ମୁଖ୍ୟ କାର୍ଯ୍ୟାଳୟ ଦେଇ ଏହି ଚାଲାଣ କାରାଯାଉଥିଲେ ମଧ୍ୟ

### ଜାଣିଶୁଣି ଆର୍‌ପିଏଫ୍ ନିଦାବିଷ୍ଟ

ଆର୍‌ପିଏଫ୍ ଜାଣିଶୁଣି ନିଦାବିଷ୍ଟ ହୋଇ ଶ୍ରମିକଙ୍କୁ ଛାଡି ଦେଉଛନ୍ତି। ଟିଟିଲାଗଡ଼, କେସିଙ୍ଗା, ମୁନିଗୁଡା ଦେଇ ବିଜୟନଗରମ, ବିଶାଖାପାଟଣାକୁ ନିଆଯାଉଛି। ପୁଣି ବିଶାଖାପାଟଣାରୁ ଟ୍ରେନ ବଦଳାଇ ହାଇଦ୍ରାବାଦ, ଚେନ୍ନାଇ, ଆନ୍ଧ୍ରପ୍ରଦେଶର ବିଭିନ୍ନ ଅଞ୍ଚଳକୁ ଶ୍ରମିକଙ୍କୁ ଇଟା ଗଡ଼ିବାରେ ନିୟୋଜିତ କରୁଛନ୍ତି। ଦାଦନ ଶ୍ରମିକଙ୍କ ପରିବାର ମୁଖ୍ୟକୁ ୫୦ ରୁ ୮୦ ହଜାର ଟଙ୍କା ଦଲାଲ ଅଗ୍ରୀମ ଦେଇ ନେଉଛନ୍ତି। ଏ ନେଇ ସମ୍ବଲପୁର ଡିଭିଜନର ଡିଆର୍‌ଏମ୍‌ଙ୍କ ସହ ଯୋଗାଯୋଗ ହୋଇ ପାରି ନ ଥିଲା। ତାଙ୍କ ଅଧୀନସ୍ଥ ଜଣେ ଅଫିସରଙ୍କୁ ପଚାରିବାରୁ ଏହାର ତଦନ୍ତ କରାଯିବ ବୋଲି ପ୍ରକାଶ କରିଥିଲେ। ଟିଟିଲାଗଡ଼ ଆର୍‌ପିଏଫ୍ କାର୍ଯ୍ୟାଳୟର ଓଆଇସିଙ୍କୁ ମଧ୍ୟ ଯୋଗାଯୋଗ ହୋଇ ପାରିନାହିଁ।

# ହରିଣ ମାଂସ, ଛାଲ ଜବତ: ଶିକାରୀ ଗିରଫ



ଅଭିଯୁକ୍ତ ପୂର୍ଣ୍ଣ ଧରୁଆ।



ଜବତ ହରିଣ ଛାଲ।

ସୋନପୁର,୧୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ବନଖଣ୍ଡ ଅନ୍ତର୍ଗତ ଜାଲୋଏ ସେକ୍ସନର ଘିକୁଣ୍ଡି ସଂରକ୍ଷିତ ଜଙ୍ଗଲରୁ ବନ ବିଭାଗ ହରିଣ ମାଂସ ଓ ଛାଲ ଜବତ କରିଛି। ଏହି ଘଟଣାରେ ଶିକାରୀ ତଥା ବୀରମହାରାଜପୁର ଥାନା କୁଲବସା ଅଞ୍ଚଳର ପୂର୍ଣ୍ଣ ଧରୁଆ(୩୫)ଙ୍କୁ ଗିରଫ କରାଯାଇଛି। ସୂଚନା ଅନୁଯାୟୀ, ପୂର୍ଣ୍ଣ ହରିଣ ଶିକାର କରିବା ପାଇଁ ଜଙ୍ଗଲରେ ବିଦ୍ୟୁତ୍ ଫାଶ ବସାଇଥିଲେ। ଶନିବାର ରାତିରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଏକ ପ୍ରାପ୍ତବୟସ୍କ ଅଣ୍ଡିରା ହରିଣର ମୃତ୍ୟୁ ହୋଇଥିଲା। ରବିବାର ସେ ଜଙ୍ଗଲକୁ ଯାଇ ହରିଣ ଛାଲ ବାହାର କରିବା ପରେ ମାଂସ କାଟି ଲୋକଙ୍କୁ ବିକ୍ରି କରୁଥିଲେ। ସୂଚନା ପାଇ ଉଲୁଣ୍ଡା ବନକ୍ଷେତ୍ରାଧିକାରୀ ସଞ୍ଜୀବ କୁମାର ରାଉତଙ୍କ ନେତୃତ୍ୱରେ ଜାଲୋଏ ବନପାଳ ପ୍ରଦୀପ ଜେନା, ବନରକ୍ଷୀ ଆଶୁତୋଷ ହୋତା ଓ ରଘୁମଣି ଭୋଇ ଚଢାଉ କରିଥିଲେ। ପୂର୍ଣ୍ଣଙ୍କ ନିକଟରୁ ହରିଣ ଛାଲ ଓ ୫ କିଲୋ ମାଂସ ଜବତ କରାଯାଇଛି। ଏ ସମ୍ପର୍କରେ ଉଲୁଣ୍ଡା ବନ ବିଭାଗ ପକ୍ଷରୁ ଏକ ମାମଲା (୧୬୪/୨୩) ରୁଜୁ ହୋଇଛି। ଅଭିଯୁକ୍ତ ପୂର୍ଣ୍ଣଙ୍କୁ ରବିବାର କୋର୍ଟଚାଲାଣ କରାଯାଇଛି।

# ବିଭାଗୀୟ ବିଫଳତାକୁ ପ୍ରଶ୍ନ କଲେ



ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

ବଲାଙ୍ଗୀର,୧୦।୧୨(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲାର ମଦଭାଟି, ଅଫିସ ଓ ମଦ ବ୍ୟବସାୟୀଙ୍କ ବାସଭବନରେ ଚଢ଼ାଉ କରି ଆୟକର ବିଭାଗ ଅନେକ ଶହକୋଟି ଟଙ୍କା ଜବତ କରିଛି। ଏହି ପ୍ରସଙ୍ଗରେ ବଲାଙ୍ଗୀର ଲୋକ ସଭା ସଦସ୍ୟ ସଙ୍ଗୀତା କୁମାର ସିଂଦେଓ ରବିବାର ସନ୍ଧ୍ୟାରେ ସ୍ଥାନୀୟ ସର୍କିଟ ହାଉସରେ ଖବରଦାତା ସମ୍ମିଳନୀ ଡାକି କିଛି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉତ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ, ବଲାଙ୍ଗୀର ଜିଲାର ମଦଭାଟି ମାନଙ୍କରେ ଚଢ଼ାଉ କରି ଆୟକର ବିଭାଗ ଶତାଧିକ କୋଟି ଟଙ୍କା ଜବତ କରିଯିବା ପରେ ସାଧାରଣ ଲୋକଙ୍କ ମନରେ ସ୍ୱତଃ ଅନେକ ପ୍ରଶ୍ନ ଉଠୁଛି। ଏତେ ପରିମାଣର ଟଙ୍କା ମଦଭାଟିରୁ ବାହାରିବା ରାଜ୍ୟ ସରକାରଙ୍କ ଅବକାରୀ, ଗୋଇନ୍ଦା, ଭିଜିଲାନ୍ସ ଏବଂ ପୋଲିସ ବିଭାଗକୁ କାଠଗଡାରେ ଠିଆ କରାଉନାହିଁ କି ବୋଲି କହିଥିଲେ। ଏହା ସହିତ ଏହି ଉପରୋକ୍ତ ବିଭାଗ ଗୁଡିକ କ'ଣ କରୁଥିଲେ ବୋଲି କହିଛନ୍ତି।

**ଖବରଦାତା ସମ୍ମିଳନୀରେ ପ୍ରତିକ୍ରିୟା ରଖିଲେ ଏମ୍‌ପି ସଙ୍ଗୀତା ସିଂଦେଓ**

- ବିଡାବିଡା ନୋଟ ମଦବିକ୍ରିର ନା ବ୍ୟାଙ୍କର ତଦନ୍ତ ହେଉ
- ବ୍ଲେମ୍ ଗେମ୍ ଖେଳ ନାହିଁ କହିଲେ

ବଲାଙ୍ଗୀର ଜିଲାରେ ବିପୁଳ ପରିମାଣରେ ନିଶା କାରବାର ଏବଂ ଗଞ୍ଜେଇ କାରବାର ଚାଲିଥିବା ସମସ୍ତେ ଜାଣିଛନ୍ତି। ସୁବର୍ଣ୍ଣପୁର ଜିଲାର ଜଣେ ହୋମଗାଡି କିଭଳି ଏହି କାର୍ଯ୍ୟ କରୁଥିଲେ ଏହା ସମସ୍ତେ ଜାଣିଛନ୍ତି। ଏଥିରୁ କ'ଣ ପ୍ରମାଣିତ ହେଉଛି। ରାଜ୍ୟ ସରକାର ଖୋଦ୍ ଏହାର ଉତ୍ତର ରଖନ୍ତୁ। ଟିଟିଲାଗଡର ମନ୍ତ୍ରୀଙ୍କ ସହ ମଦ ବ୍ୟବସାୟୀଙ୍କ କ'ଣ ସମ୍ପର୍କ ବୋଲି ପ୍ରଶ୍ନ ଉଠିଲେ, ଫଟୋ ଭାଇରାଲ ହେଲେ ଏକ ନିର୍ଦ୍ଦିଷ୍ଟ ଟିଭି ଚେନାଲରେ ମିଥ୍ୟା ତଥ୍ୟ ଉପସ୍ଥାପନ କରି ବଲାଙ୍ଗୀର ଏମ୍‌ପିଙ୍କ ସହ ଯୋଡିବାକୁ ଯେଉଁ ପ୍ରୟାସ କରାଯାଇଛି ତାହା ଉଦ୍ଦେଶ୍ୟମୂଳକ। ଏଭଳି ବ୍ଲେମ୍ ଗେମ ଖେଳ ନାହିଁ ବୋଲି ସେ କହିଛନ୍ତି। ବଲାଙ୍ଗୀର ଜିଲାରେ ଏତେ କାଣ୍ଡ ହେଲା ପରେ ମଧ୍ୟ ପଡୋଶୀ ସୁବର୍ଣ୍ଣପୁର ଜିଲାର ଜଣେ ମନ୍ତ୍ରୀ ଯେ କି ପୂର୍ବରୁ ଅବକାରୀ ବିଭାଗ ଦାୟିତ୍ୱରେ ଥିଲେ ସେ କିଭଳି କିଛି ଜାଣିପାରିଲେ ନାହିଁ ବୋଲି ପ୍ରଶ୍ନ କରିଥିଲେ। ମଦଭାଟିରୁ ଯେଉଁ ବିଡା ବିଡା ନୋଟ୍ ଜବତ କରାଯାଇଛି ତାହା କ'ଣ ମଦବିକ୍ରି କରି ଅଣାଯାଇଛି ନାଁ ସିଧା ବ୍ୟାଙ୍କରୁ ଆସିଥିବା ନୋଟ ସେନେଇ ମଧ୍ୟ ତଦନ୍ତ କରାଯିବାକୁ ସେ ଦାବି କରିଛନ୍ତି। ଟିଟିଲାଗଡର ମନ୍ତ୍ରୀଙ୍କ ସହ ମଦ ବ୍ୟବସାୟୀଙ୍କ ଫଟୋ ଭାଇରାଲ ହେବା ପରେ ତାଙ୍କୁ ଏହି ପ୍ରସଙ୍ଗରେ ଯୋଡିବା ଉଦ୍ଦେଶ୍ୟମୂଳକ ଏହା ଲୋକ ଜାଣିଛନ୍ତି ବୋଲି ଏମ୍‌ପି ସିଂଦେଓ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ତାଙ୍କ ପ୍ରତିନିଧି ଦିନେଶ ଶର୍ମା, ଗୋପାଳଜୀ ପାଣିଗ୍ରାହୀ, ପଙ୍କଜିନୀ ପଣ୍ଡା, ଶିବଦତ୍ତ ମିଶ୍ର, ସ୍ମୃତିରେଖା ଦାନୀ, ପିତାମ୍ବର ଖମାରୀ ଉପସ୍ଥିତ ଥିଲେ।

### ବେହେରା ସାପ୍ତାହିକ ହାଟରେ ବଢୁଛି ଚୋରି

**ପୋଲିସ ଥାନା ସ୍ଥାପନ ପାଇଁ ଦାବି**

ବେହେରା,୧୦।୧୨(ଭୂପେଶ ତିୱାରୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ବ୍ଲକ ବେହେରା ସାପ୍ତାହିକ ହାଟରେ କ୍ରମାଗତ ଭାବେ ଚୋରି ହେଉଥିବା ଅଭିଯୋଗ ହେଉଛି। ପ୍ରତି ରବିବାର ଏହି ଗ୍ରାମରେ ଏକ ବିରାଟ ହାଟ ବସିଥାଏ। ଧର୍ମଗଡ଼ ବ୍ଲକ, କୋକସରା ବ୍ଲକ, ଚନ୍ଦହାଣ୍ଡି, ଝରିଗାଁ ସମେତ ପଡୋଶୀ ଛତିଶଗଡ଼ ଦେଓଭୋଗ ଅଞ୍ଚଳର ହଜାର ହଜାର ଲୋକଙ୍କ ବଜାରକୁ ଆସିଥାନ୍ତି। ପନିପରିବା, କପଡାଠାରୁ ରୁପା, ସୁନାର ବ୍ୟବସାୟୀ ଏଠାକୁ ପସରା ଆଣିଥାନ୍ତି। ଶହ ଶହ ସାଇକେଲ, ମୋଟର ସାଇକେଲ ବଜାର ପାର୍ଶ୍ୱରେ ଲୋକେ ଏଣେତେଣେ ରଖିଥାନ୍ତି। ଭିଡ଼ ଅଧିକ ହେଉଥିବା ଓ କୌଣସି ପୋଲିସ ପ୍ରଶାସନ ଡର ନ ଥିବା ଯୋଗୁ ଚୋରମାନେ ଏଠି ସକ୍ରିୟ ହୋଇ ଉଠିଛନ୍ତି। ସୁଯୋଗ ଦେଖି ସାଇକେଲ, ମୋଟରସାଇକେଲ, ମୋବାଇଲ ଚୋରି କରୁଥିବା ବେଳେ ଗୋରୁ ବଜାରରୁ ଛେଳି, ମେଣ୍ଢା ଉଠାଇ ନେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବଜାରକୁ ଆସିଥିବା ଅନେକ ଲୋକେ ପକେଟମାରର ଶିକାର ହେଉଛନ୍ତି। ବାରମ୍ବାର ବେହେରା ଗ୍ରାମରେ ଏକ ପୋଲିସ ଥାନା ପାଇଁ ଲୋକେ ଦାବି କରୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ। ବେହେରାଠାରୁ ଧର୍ମଗଡ଼ ଥାନା ୨୦ କି.ମି. ଓ କୋକସରା ଥାନା ୧୫ କି.ମି. ମଧ୍ୟରେ ରହୁଥିବା ଯୋଗୁ ଏହି ଅଞ୍ଚଳ କଳାବଜାରୀ ଓ ଦୁର୍ବୃତ୍ତମାନଙ୍କ ଏକ ଗଡ଼ ପାଲଟିଛି। ଏଣୁ ବେହେରାରେ ଏକ ପୋଲିସ ଥାନା କରାଯିବାକୁ ବଣିକ ସଂଘ, ସାମ୍ବାଦିକ ସଂଘ ସମେତ ଦଣ୍ଡପାଟବାସୀ ସରକାରଙ୍କୁ ନିବେଦନ କରିଛନ୍ତି।

# ଡାଲଖାଇ ଲୋକନୃତ୍ୟ ଆମର ସଂସ୍କୃତି, ପରମ୍ପରା



ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିବା ଆଲୋଚକମାନେ।

ସୋନପୁର,୧୦।୧୨(ମୃତ୍ୟୁଞ୍ଜୟ ଶତପଥୀ)

ସୁବର୍ଣ୍ଣପୁର ଜିଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ପଏଁରୀର ୨୪ତମ ଜାତୀୟ ଲୋକନୃତ୍ୟ ଓ ସଙ୍ଗୀତ ଉତ୍ସବ ପାଳନ ଅବସରରେ ସୋନପୁର ମହାନଦୀ ଧାରା ଶିକ୍ଷାନୁଷ୍ଠାନରେ ଏକ ସାରସ୍ୱତ ଆଲୋଚନା ଚକ୍ର ଓ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ଆମର ସଂସ୍କୃତି ଓ ପରମ୍ପରା: ଡାଲଖାଇ ଲୋକନୃତ୍ୟ ଶୀର୍ଷକ ଆଲୋଚନାଚକ୍ରରେ ମହାନଦୀ ଧାରା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ଓ ନିର୍ଦ୍ଦେଶକ ପ୍ଳାବନ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଶିକ୍ଷାନୁଷ୍ଠାନର ଛାତ୍ରୀ ସ୍ମୃତିମୟୀ ଦାସ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପଏଁରୀ ଅନୁଷ୍ଠାନ ସଭାପତି ଲଡ୍ଡୁକିଶୋର ମଲ୍ଲିକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନାଟ୍ୟଶ୍ରୀ ଗଦାଧର ବାରିକ ଓ ସମ୍ବଲପୁର ଉତ୍କଳ ସାଂସ୍କୃତିକ ଅନୁଷ୍ଠାନର ନୃତ୍ୟଗୁରୁ ରଞ୍ଜନ କୁମାର ସାହୁ ଆଲୋଚକଭାବେ ଯୋଗଦେଇ ଡାଲଖାଇ ଲୋକନୃତ୍ୟ ଆମର ସଂସ୍କୃତି ଓ ପରମ୍ପରା ବୋଲି କହିଥିଲେ। ଉଭୟ ଆଲୋଚକ ଡାଲଖାଇ ବିଷୟରେ ନିଜର ଗବେଷଣାତ୍ମକ ବକ୍ତବ୍ୟ ପ୍ରଦାନ କରିଥିଲେ। ଡାଲଖାଇ ଲୋକନୃତ୍ୟର ମୂଳ ପରିଚୟ ଓ ମୌଳିକ କଳାକୁ ବିକୃତ କରାଯାଉଥିବାରୁ ସେମାନେ କ୍ଷୋଭ ପ୍ରକାଶ କରିଥିଲେ। ପଏଁରୀ ସମ୍ପାଦକ ଚୌଧୁରୀ ବିଭାର ଆମର ସଂସ୍କୃତି ଓ ପରମ୍ପରା : ଡାଲଖାଇ ଲୋକନୃତ୍ୟ ଶୀର୍ଷକ ଏକ ଭାବୋଦ୍ଦୀପକ ପ୍ରବନ୍ଧ ଉପସ୍ଥାପନା କରିଥିଲେ। ଛାତ୍ରୀ ମୋତି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ ଆଲୋଚନାଚକ୍ରରେ ଶିକ୍ଷାନୁଷ୍ଠାନର ୮୦ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ନିଜ ନିଜର ମତ ବିନିମୟ କରିଥିଲେ। ଗୁରୁ ରଞ୍ଜନ କୁମାର ସାହୁ କିଭଳି ଡାଲଖାଇ ନୃତ୍ୟ ପରିବେଷଣ କରାଯାଏ ଶିକ୍ଷା ପ୍ରଦାନ କରିଥିଲେ।

# ଯୁବ ଓଡ଼ିଶା ନବୀନ ଓଡ଼ିଶାରେ ଖେଳକୁଦ ପ୍ରତିଯୋଗିତା

ବୋଡେନ,୧୦।୧୨(ଟିକେଶ୍ୱର ନାଗ)

ନୂଆପଡା ଜିଲା ବୋଡ଼େନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ତୃତୀୟ ଦିବସରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଖେଳକୁଦ ପ୍ରତିଯୋଗିତା ଆୟୋଜିତ ହୋଇଛି। ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧକ୍ଷ ହେମନ୍ତ କୁମାର ମୁଣ୍ଡଙ୍କ ପରିଚାଳିତରେ ମୁଖ୍ୟଅତିଥି ଭାବେ ସୁଶାନ୍ତ କୁମାର ପାଣିଗ୍ରାହୀ ଓ ସମ୍ମାନିତ ଅତିଥି ଭାବେ ଟିକେଶ୍ୱର୍ ନାଗ, ବିଶିକେଶନ ପଣ୍ଡା ପ୍ରମୁଖ ଫୁଟବଲ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ନୋଡାଲ ଅଫିସର ପ୍ରାଧ୍ୟାପକ ଗୟାଧର ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ପ୍ରାଧ୍ୟାପକ ସମୁଏଲ ଦାନୀ ମଞ୍ଚ ପରିଚାଳନା କରିଥିଲେ। ଖେଳ ଶିକ୍ଷକ ପରମେଶ୍ୱର ପଣ୍ଡା, ଅଧ୍ୟାପକ ଉପେନ୍ଦ୍ର ବଞ୍ଜାରା, ଅଧ୍ୟାପକ, ଅଧ୍ୟାପକ ଦେବାଶିଷ ଦଣ୍ଡସେନା, ଡେମନଷ୍ଟ୍ରେଟର ମଦନ ମୋହନ ମୁଣ୍ଡ ଯୋଗଦାନ କରିଥିଲେ।

# ସାଇନିଂ ୱାର୍ଲ୍ଡ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

କୋକସରା,୧୦।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ଶାନ୍ତିନଗର ସାଇନିଂ ୱାର୍ଲ୍ଡ ସ୍କୁଲର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କୋକସରା ତହସିଲଦାର ନବୀନ କିଶୋର ପାଢ଼ୀ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଛାତ୍ର ନେତ୍ରୀ ଅନମୋଲ ଅଙ୍କିତା, ସମ୍ମାନିତ ଅତିଥି ଭାବେ ଛତିଶଗଡ ଦେଭୋଗ ବ୍ଲକ ଅଧ୍ୟକ୍ଷା ନେହା ସିଙ୍ଗଲ, ଚାରବାହାଲ ସରପଞ୍ଚ ସତ୍ୟଭାମା ପଣ୍ଡା, ସାଇନିଂ ୱାର୍ଲ୍ଡ ସ୍କୁଲ ସମ୍ପାଦକ ଶରତ ଦାସ, ଉପ ସଭାପତି ଦୈତାରି ନାଏକ, ଯୁଗ୍ମ ସମ୍ପାଦକ ବିଜୟ ଶବର, ପ୍ରବୀର କୁମାର ଗୋଏଲ, ନରେଶ ଅଗ୍ରୱାଲ ମଞ୍ଚରେ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀଙ୍କୁ ଜୀବନରେ ଜଣେ ସଫଳ ମଣିଷ ହେବାକୁ ଶିକ୍ଷା ହିଁ ପଥ ପ୍ରଦର୍ଶକ ବୋଲି ଅତିଥିମାନେ କହିଥିଲେ। ସୁଦିପ୍ତ ପୁରୋହିତ ଓ ରଚିୟତା ପାଢ଼ୀ ମଞ୍ଚ ପରିଚାଳନା ଏବଂ ସ୍କୁଲ ଅଧ୍ୟକ୍ଷ ଇନ୍ଦ୍ରଜିତ ସିଂହ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଛାତ୍ରୀ ଅକସିକା ମୁଣ୍ଡ, ପ୍ରିୟଙ୍କା ପ୍ରିୟଦର୍ଶିନୀ, ସୁଭଙ୍ଗି ସାହୁଙ୍କୁ ଷ୍ଟୁଡେଣ୍ଟ୍ ଅଫ ଦ ଇୟର ଘୋଷଣା କରାଯାଇଥିଲା। କାର୍ଯ୍ୟକ୍ରମ ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ କର୍ମଚାରୀ ପରିଚଳନାରେ ସହଯୋଗ କରିଥିଲେ।

### ମା' ସମଲେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ଟାଟରକେଲାକୁ ହରାଇ ବରଗଡ଼ ଚାମ୍ପିୟନ

ଘଣ୍ଟାପଡ଼ା,୧୦।୧୨(ପ୍ରଭାତ କୁମାର ସାହୁ)

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାସ୍ଥିତ ସମଲେଶ୍ୱରୀ ହାଇସ୍କୁଲର ଆଦର୍ଶ ଖେଳ ପଡ଼ିଆରେ ଚାଲିଥିବା ୬୪ତମ ରାଜ୍ୟସ୍ତରୀୟ ମା' ସମଲେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ଖେଳରେ ବୌଦ୍ଧ ଜିଲାର ଟାଟରକେଲାକୁ ହରାଇ ବରଗଡ଼ ଦଳ ଚଳିତବର୍ଷ ଚାମ୍ପିୟନ ହୋଇଛି। ରବିବାର ଖେଳାଯାଇଥିବା ଫାଇନାଲ ମ୍ୟାଚରେ ଟାଟରକେଲା ସହିତ ବରଗଡ଼ ଦଳ ମଧ୍ୟରେ ଖେଳ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ କେହି କାହାରିକୁ ଗୋଲ ଦେଇ ନ ପାରିବାରୁ ବରଗଡ଼ଦଳ ଟ୍ରାଇବ୍ରେକର ଜରିଆରେ ୩–୨ ଗୋଲ ବ୍ୟବଧାନରେ ଟାଟରକେଲାକୁ ପରାସ୍ତ କରି ଚଳିତବର୍ଷର ଚାମ୍ପିୟନ ହୋଇଛି। ରବିବାର ଦୁଇଟି ସେମିଫାଇନାଲ ଖେଳ ହୋଇ ବିଜୟୀ ଦଳ ମଧ୍ୟରେ ଫାଇନାଲ ଖେଳ ହୋଇଥିଲା। ଉକ୍ତ ଉଦ୍‌ଯାପନୀ



ସମଲେଶ୍ୱରୀ ଫୁଟବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

ଦିବସରେ ହୋଇଥିବା ସମସ୍ତ ମ୍ୟାଚରେ ମୁଖ୍ୟ ଅତିଥିଭାବେ କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଅନ୍ୟତମ ଅତିଥି ଭାବେ କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକର ଉପାଧ୍ୟକ୍ଷ ଅଜିତ ସାହୁ, ଭାଜପା ଯୁବନେତା ଓମ ପ୍ରକାଶ ମିଶ୍ର, ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ପୂର୍ବତନ ସଦସ୍ୟ ପ୍ରକାଶ ଚନ୍ଦ୍ର ସାହୁ, ନାରାୟଣପ୍ରସାଦ ସରପଞ୍ଚ ପ୍ରତିନିଧି ସତ୍ୟନାରାୟଣ ମାଝି, ଖୁଣ୍ଟିଗୋରା ସରପଞ୍ଚ ପ୍ରତିନିଧି ଧିରୋଜ ଭୋଇ, ଆମ୍ବଗାଁ ସରପଞ୍ଚ ପ୍ରତିନିଧି ପ୍ରତାପ ରଣା, କୁଲୁତାଯୋର ସରପଞ୍ଚ ପ୍ରତିନିଧି ଦୟାବନ୍ତ ଧରୁଆ, ବରଗାଁ ପଞ୍ଚାୟତ ପ୍ରତିନିଧି ପିନାକଧର ରଣା, ଭାଜପା ଆଦିବାସୀ ମଣ୍ଡଳ ସଭାପତି ଗୋପିନାଥ କହଁର, ଜମିଦାର ବସନ୍ତ ମାଝି, ଘଣ୍ଟାପଡ଼ା ପ୍ୟାକ୍ସ ସଭାପତି ମାନୁ ରଣା, କୁଲୁତାଯୋର ପ୍ୟାକ୍ସ ସଭାପତି ହିମାଞ୍ଚଳ ରଣା, ଶିକ୍ଷାବିତ ମନ୍ଦରଧର ବେହେରା, ସୁଶାନ୍ତ ମାଝି, ଥାନା ଏସଆଇ ବିଶ୍ୱାମିତ୍ର ଲୋଇ, ବରିଷ୍ଠ ଓକିଲ ମନୋଜ ଶର୍ମା ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚର ବିଜେତା ଓ ଉପବିଜେତା ଦଳଙ୍କୁ ଟ୍ରଫି ସହ ନଗଦ ରାଶି ପ୍ରଦାନ କରିବା ସଙ୍ଗେ ସଙ୍ଗେ ଉତ୍ତମ ଖେଳାଳିଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ଉକ୍ତ ମ୍ୟାଚଗୁଡିକୁ ସଞ୍ଜିବ ସାହୁ, ଅଶୋକ ବଗର୍ତ୍ତୀ, ସୁଶାନ୍ତ ନାଏକ ଓ ବୀରେନ୍ଦ୍ର ରଣା ପରିଚାଳନା କରିଥିଲେ। ସେହିପରି ଶିକ୍ଷାବିତ ମନ୍ଦରଧର ବେହେରା, ଦେବେନ୍ଦ୍ର ରଣା ଓ ଅଗସ୍ତୀ ମଲିକ ଧାରା ବିବରଣୀ ପ୍ରଦାନ କରିଥିଲେ। ପପୁନ ପାଣିଗ୍ରାହୀ ଓ ଯୋଗେଶ୍ୱର ବାଇ ସ୍କୋରର ଦାୟିତ୍ୱ ତୁଲାଇଥିଲେ ଏବଂ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ। କମିଟି ଉପଦେଷ୍ଟା ଗିରିଧର ଦେହୁରୀ ଓ ମ୍ୟାନେଜର ବସୁଦେବ ମାଝିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଘଣ୍ଟାପଡ଼ା ଏସ.ଏସ. ସ୍ପୋର୍ଟିଂର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

